

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୫ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 May 2024

Vol.No. 35 ■ No.139 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅବପାତରେ ପରିଣତ ହେଲା ସମ୍ଭାବ୍ୟ ବାତ୍ୟା 'ରେମଲ': ୨୬ରେ ଲାଣ୍ଡଫଲ୍




ଭୁବନେଶ୍ୱର, ୨୪/୫ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରଟି ଅବପାତରେ ପରିଣତ ହୋଇଛି। ଆସନ୍ତାକାଲି ସକାଳ ସୁଦ୍ଧା ବାତ୍ୟାର ରୂପ ନେବ ଓ ୨୬ ସନ୍ଧ୍ୟା ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତଟି ସକ୍ରିୟ ରହିଛି। ଏହା ଉତ୍ତରପୂର୍ବ ଦିଗରେ ଗତି କରୁଛି। ଅବପାତ ବାଂଲାଦେଶ ଖେପୁପରା ଉପକୂଳରୁ ୮୦୦ କିଲୋମିଟର ଦକ୍ଷିଣ-ଦକ୍ଷିଣ ପଶ୍ଚିମ ଓ ପଶ୍ଚିମବଙ୍ଗ ଉପକୂଳରୁ ୮୧୦ କିଲୋମିଟର ଦକ୍ଷିଣରେ କେନ୍ଦ୍ରୀଭୂତ ରହିଛି। ଆସନ୍ତାକାଲି ସକାଳ ସୁଦ୍ଧା ଅବପାତ ଆହୁରି ଘନୀଭୂତ ହୋଇ ବଙ୍ଗୋପ ସାଗରରେ ବାତ୍ୟାରେ ପରିଣତ ହେବ। ଏହି ସମ୍ଭାବ୍ୟ ବାତ୍ୟାର ନାଁ ରହିବ 'ରେମଲ'। କାଲି ସନ୍ଧ୍ୟା ସୁଦ୍ଧା ଏହା ଏକ ଭୀଷଣ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ୨୬ ତାରିଖ ମଧ୍ୟରାତ୍ରିରେ ଲାଣ୍ଡଫଲ୍ କରିବ ବାତ୍ୟା। ବାଂଲାଦେଶ ଓ ତତସଲଗ୍ନ ପଶ୍ଚିମବଙ୍ଗ ଉପକୂଳ ମଧ୍ୟରେ ସାଗର ଦ୍ୱିପ ଓ ଖେପୁପରା ମଝିରେ ସ୍ଥଳଭାଗ ଛୁଇଁବ। ତେବେ ଓଡିଶାକୁ ସିଧାସଳଖ ବାତ୍ୟାର ପ୍ରଭାବ ପଡ଼ିବ ନାହିଁ। ୨୬ ତାରିଖରେ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ୨୭ରେ ମଧ୍ୟ ଉତ୍ତର ଓଡ଼ିଶାରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ !

# ଆଜି ଦେଶରେ ଷଷ୍ଠ ପର୍ଯ୍ୟାୟ ଓ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ଭୋଟିଂ

### ସିଲ୍ ହେବ ହେଭିୱେଟଙ୍କ ଭାଗ୍ୟ, ଅଗ୍ନିପରୀକ୍ଷା ଦେବେ ୩ ପୂର୍ବତନ ମୁଖ୍ୟମନ୍ତ୍ରୀ-କେନ୍ଦ୍ରମନ୍ତ୍ରୀ ସମେତ ଅନେକ ହାଇପ୍ରୋଫାଇଲ୍ ପ୍ରାର୍ଥୀ




ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୨/୫ : ରାଜ୍ୟରେ ଆସନ୍ତାକାଲି ପଡ଼ିବ ତୃତୀୟ ପର୍ଯ୍ୟାୟ ଭୋଟ୍, ଏଥିପାଇଁ ଗତକାଲି ସରିଛି ପ୍ରଚାର। ଶେଷ ଦିନରେ ତିନି ପ୍ରମୁଖ ଦଳ ପ୍ରଚାରକୁ ଜୋରଦାର କରିଥିଲେ। ତୃତୀୟ ପର୍ଯ୍ୟାୟରେ କଟକ, ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, କେନ୍ଦୁଝର ଏବଂ ସମ୍ବଲପୁର ଏହି ୬ ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନରେ ଥିବା ୪୨ ଆସନ ପାଇଁ ମତଦାନ ହେବ। ଏହି ପର୍ଯ୍ୟାୟରେ ପ୍ରାୟ ସବୁ ସିଟରେ ବିଗ୍ ଫାଇଟ୍ ଦେଖିବାକୁ ମିଳିବ। କଟକରେ ବିଜେପିର ଭର୍ତ୍ତୃହରି ମହତାବଙ୍କ ସହ ବିଜେଡିର ସଂତୃପ୍ତ ମିଶ୍ର ଏବଂ କଂଗ୍ରେସର ସୁରେଶ ମହାପାତ୍ରଙ୍କ ମଧ୍ୟରେ ଲଢ଼େଇ ହେବ । ପୁରୀରେ ସମ୍ବିତ ପାତ୍ର ଓ ଅରୁପ ପଟ୍ଟନାୟକଙ୍କୁ କଡ଼ା ଟକ୍କର ଦେବେ ଜୟନାରାୟଣ ପଟ୍ଟନାୟକ। ଭୁବନେଶ୍ୱରରେ ଅପରାଜିତା ଷଡ଼ଙ୍ଗୀ ବନାମ୍ ମନ୍ମଥ ରାଉତରାୟ ଓ ତାସହ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ୍ ଙ୍କ ମଧ୍ୟରେ କଡ଼ା ଲଢ଼େଇ ହେବ। ସେହିପରି ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବନାମ ବିଜେଡିର ପ୍ରଣବ ପ୍ରକାଶ ଦାସ ଏବଂ କଂଗ୍ରେସରୁ ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନଙ୍କ ଫାଇଟ୍ ହେବ। ଏହି ସବୁ ସିଟ୍‌ରେ କଂଗ୍ରେସ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇପାରେ। ତୃତୀୟ ପର୍ଯ୍ୟାୟ ମତଦାନ ଲାଗି ରାଜ୍ୟରେ ମୋଟ୍ ୧୦ହଜାର ୫୫୧ ବୁଥ୍ କରାଯାଇଛି। ଏଥିରୁ ୨୦ ପ୍ରତିଶତ ବୁଥ୍ ସମ୍ବେଦନଶୀଳ। ୨ ହଜାର ମଡେଲ ବୁଥ୍ ରହିଛି। ମତାଧିକାର ସାବ୍ୟସ୍ତ କରିବେ ୯୪ ଲକ୍ଷରୁ ଅଧିକ ଭୋଟର। ଏମାନଙ୍କ ଭିତରେ ଅଛନ୍ତି ୪୮ ଲକ୍ଷରୁ ଅଧିକ ପୁରୁଷ ଓ ୪୬ ଲକ୍ଷରୁ ଅଧିକ ମହିଳା ମତଦାତା। ୬ ସଂସଦୀୟ କ୍ଷେତ୍ର ପାଇଁ ରଣାଙ୍ଗନାରେ ୬୪ ପ୍ରାର୍ଥୀ ଅଛନ୍ତି। ୪୨ ବିଧାନସଭା ଆସନରେ ଭାଗ୍ୟ ▶▶ପୃଷ୍ଠା ୭

## ଆଜି ଓଡ଼ିଶା ଆସିବେ ସ୍ମୃତି ଇରାନୀ



ଭୁବନେଶ୍ୱର, ୨୪/୫ (ନି.ପ୍ର): ରାଜ୍ୟରେ ବିଜେପି ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଘନ ଘନ ଓଡ଼ିଶା ଆସୁଛନ୍ତି ଜଣଙ୍କ ପରେ ଜଣେ କେନ୍ଦ୍ରୀୟ ନେତା। ହେଭିୱେଟଙ୍କ ପ୍ରଚାରରେ ଜମୁଛି ନିର୍ବାଚନୀ ମାହୋଲ୍। ଏହି କ୍ରମରେ ଆସନ୍ତାକାଲି ଓଡ଼ିଶା ଆସିବେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ। ରାଜ୍ୟର ୩ଟି ସ୍ଥାନରେ ନିର୍ବାଚନୀ ସଭାରେ ଯୋଗଦେବେ ସ୍ମୃତି। ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ଆଜି ଏହି ସୂଚନା ଦେଇଛନ୍ତି। ଆସନ୍ତାକାଲି ସ୍ମୃତି ଇରାନୀ ପ୍ରଥମେ ପାରାଦୀପର କୁଜଙ୍ଗଠାରେ ଜନସଭାରେ ଯୋଗ ଦେବେ। ସେଠାରୁ ସଭା ସାରି କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ଆଳିରେ ନିର୍ବାଚନୀ ସଭାରେ ଯୋଗଦେବେ। ଏହାପରେ ରେମୁଣାର ଥିବା କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସ୍ମୃତି ଇରାନୀ ନିର୍ବାଚନୀ ସଭାରେ ଶୁଭଦ୍ରା ଯୋଜନା କ'ଣ ଓ ରାଜ୍ୟ ବିଜେପି ସରକାରକୁ ଆସିଲେ ମହିଳାମାନେ କିପରି ଶୁଭଦ୍ରା ଯୋଜନା ପାଇପାରିବେ ସେନେଇ ରାଜ୍ୟବାସୀଙ୍କୁ ଅବଗତ କରାଇବେ।

## କେମିକାଲ୍ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୬ ଆହତ

ଗଞ୍ଜାମ, ୨୪/୫ (ନି.ପ୍ର): ଗଞ୍ଜାମର ଏକ କେମିକାଲ୍ ଫ୍ୟାକ୍ଟ୍ରିରେ ଆଜି ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। କେମିକାଲ୍ ଫ୍ୟାକ୍ଟ୍ରିକୁ ସଂଯୋଗ କରୁଥିବା କ୍ଲୋରିକ୍ ଏସିଡ୍ ପାଇପ୍ ଫାଟି ଏହି ଅଘଟଣ ଘଟିଛି। ଏଥିରେ ୬ଜଣ ଆହତ ହୋଇଥିବା ବେଳେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ଗଜଉଏ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏଥିସହ ଫ୍ୟାକ୍ଟ୍ରିରେ ଥିବା ଅନ୍ୟ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

## ୨୬ରେ ବାହାରିବ ମାଟ୍ରିକ ରେଜଲ୍ଟ: ଉପଲବ୍ଧ ହେବ ଡିଜିଟାଲ ସାର୍ଟିଫିକେଟ୍




କଟକ, ୨୪/୫ (ନି.ପ୍ର): ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବ ମାଟ୍ରିକ ରେଜଲ୍ଟ । ୨୬ ତାରିଖ ସକାଳ ୧୦ଟା ୩୦ରେ ରେଜଲ୍ଟ ପ୍ରକାଶ ପାଇବ । ଏନେଇ ପ୍ରେସ୍‌ମିଟ କରି ସୂଚନା ଦେଇଛନ୍ତି ବୋର୍ଡ ସଭାପତି । ଚଳିତ ବର୍ଷ ପ୍ରଥମ ଥର ପାଇଁ ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରି ପାରିବେ ଛାତ୍ରଛାତ୍ରୀ। ଆସନ୍ତା ୨୬ ତାରିଖ ସକାଳ ୧୦ଟା ୩୦ରେ ରେଜଲ୍ଟ ପ୍ରକାଶ ପାଇବ । ୧୧ଟା ୩୦ ସୁଦ୍ଧା ୱେବସାଇଟ୍‌ରେ ରେଜଲ୍ଟ ମିଳିବ । ଇଣ୍ଟରନେଟ୍ ସୁବିଧା ନ ଥିଲେ ଏସ୍ଏମ୍ଏସ୍‌ରେ ରେଜଲ୍ଟ ପାଇ ପାରିବେ ଛାତ୍ରଛାତ୍ରୀ। ଏଥିସହ ଅପରାହ୍ନ ୪ଟା ସୁଦ୍ଧା ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିହେବ ବୋଲି ସୂଚନା ଦେଇଛନ୍ତି ବୋର୍ଡ ସଭାପତି। ଇଣ୍ଟରନେଟ୍ ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ନେଲେ ଡ. ଅରବିନ୍ଦ ପାଢ଼ୀ



ପୁରୀ, ୨୪/୫ (ନି.ପ୍ର): ପୁରୀ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟପ୍ରଶାସକ ଭାବେ ଦାୟିତ୍ୱ ନେଲେ ଅରବିନ୍ଦ ପାଢୀ। ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଛୁଟିରେ ଯାଇଥିବାରୁ ଅତିରିକ୍ତ ଦାୟିତ୍ୱ ଭାବରେ ଅରବିନ୍ଦ ପାଢୀ ପୁରୀ ଆସି ଦାୟିତ୍ୱ ନେଇଛନ୍ତି। ଆଜି ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଆସି ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏହାପରେ ସେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଚଳିତ ବର୍ଷ କିଭଳି ନୀତିକାନ୍ତି ସମ୍ପନ୍ନ ହେବ ସେ ସମ୍ପର୍କରେ ତଥ୍ୟ ଦେବା ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରଥନିର୍ମାଣକୁ ମଧ୍ୟ ଦୃଷ୍ଟି ଦେଇଥିଲେ।

## ରାଇରଙ୍ଗପୁର, ବାରିପଦା, ବାଲେଶ୍ୱର ଓ କୋରେଇରେ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ପ୍ରଚାର



ମୟୂରଭଂଜ/ବାଲେଶ୍ୱର/ଯାଜପୁର, ୨୪ ମଇ - ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର, ଓ ଯାଜପୁର ଲୋକସଭା କ୍ଷେତ୍ରରେ ନିର୍ବାଚନ ପ୍ରଚାର କରିଛନ୍ତି । ରାଇରଙ୍ଗପୁର, ବାରିପଦା, ବାଲେଶ୍ୱର ଓ କୋରେଇ ଠାରେ ଆୟୋଜିତ ନିର୍ବାଚନୀ ସଭାରେ ବିପୁଳ ଜନସମୁଦ୍ର ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଦଳୀୟପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତେଇବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ରାଇରଙ୍ଗପୁର ଓ ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ଆରମ୍ଭ କରିଥିଲେ। ସେ କହିଲେ ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏ ମାଟିର ଝିଅ, ମୋ ଭଉଣୀ । ଏ ମାଟିର ଝିଅକୁ ସମ୍ମାନ ଦେଇକି ବିଜୁ ଜନତା ଦଳ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିଥିଲା । ଏହାପରେ ସେ ଘୋଷଣା କରିଥିଲେ ଯେ, ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ । ବିଜୁ ଜନତା ଦଳ ସରକାର ବିଜୁଳି ମାଗଣା ଦେବ । ▶▶ପୃଷ୍ଠା ୭

### ଖୁଡ଼ିକୁ ପଥରରେ ଛେଚି ହତ୍ୟା କଲା ପୁତୁରା

ସୁନ୍ଦରଗଡ଼, ୨୪/୫ (ନି.ପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଜ ଖୁଡ଼ିକୁ ଜଣେ ବ୍ୟକ୍ତି ପଥରେ ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ସୋଲ ପଞ୍ଚାୟତର ଅସୁର ଖୋଲ ଗ୍ରାମରେ। ମୃତ ମହିଳା ଜଣଙ୍କ ହେଲେ ପଦ୍ମା ମିର୍ଧା। ପୁତୁରା ରାଜେଶ ମିର୍ଧାକୁ ପୁଲିସ ଗିରଫ କରିଛି। ପଦ୍ମା ପାଖରେ ଥିବା ନାଳକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ରାଜେଶ ଏକ ବାଡ଼ି ଆଣି ପଦ୍ମାଙ୍କ ମୁଣ୍ଡକୁ ବାଡ଼େଇ ଦେଇଥିଲେ। ସେ ତଳେ ପଡ଼ିଯାଇଥିଲେ। ପରେ ରାଜେଶ ପଦ୍ମାଙ୍କୁ ପଥର ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି।

## ବୁଥ୍ ଭୋଟ୍ ତଥ୍ୟ ସାର୍ବଜନୀନ କରିବା ଦାବି ଉପରେ ସୁପ୍ରିମକୋର୍ଟଙ୍କ ଶୁଣାଣି



ନୂଆଦିଲ୍ଲୀ, ୨୪/୫ : ମତଦାନ ସରିବାର ୪୮ ଘଣ୍ଟା ମଧ୍ୟରେ ତଥ୍ୟ ସାର୍ବଜନୀନ କରିବାକୁ ହୋଇଥିବା ଆବେଦନ ଉପରେ ଆଜି ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ। ଆବେଦନକୁ ବିଚାରାଧୀନ ରଖିବା ସହ ବର୍ତ୍ତମାନ ଏହି ମାମଲା ଉପରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ସୁପ୍ରିମକୋର୍ଟ କହିଛନ୍ତି, ବର୍ତ୍ତମାନ ସମୟରେ ଆମେ ମଧ୍ୟବର୍ତ୍ତୀକାଳୀନ ରାୟ ଦେବାକୁ ଇଚ୍ଛୁକ ନାହୁଁ। ନିର୍ବାଚନ ପରେ ଉପଯୁକ୍ତ ବେଞ୍ଚ ଏହାର ଶୁଣାଣି କରିବ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଶୁଣାଣି ସମୟରେ ଜଷ୍ଟିସ ଦତ୍ତ କହିଛନ୍ତି, ଆମେ ନିର୍ବାଚନରେ ??ବାଧା ସୃଷ୍ଟି କରିପାରିବୁ ନାହିଁ। ଆମେ ମଧ୍ୟ ଦାୟିତ୍ୱବାନ ନାଗରିକ ଏବଂ ଆମକୁ ଏକ ସଂଯମ ଉପାୟ ଅବଲମ୍ବନ କରିବା ଉଚିତ୍। ପ୍ରକାଶ ଥାଉକି, ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ଏବଂ ଟିଏମସି ସାଂସଦ ପ୍ରାର୍ଥୀ ମହୁଆ ମୋଇତ୍ର ୨୦୧୯ରେ ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଥିଲେ। ଯେଉଁଥିରେ ଦାବି କରାଯାଇଥିଲା ଯେ, ମତଦାନ ସରିବାର ୪୮ ଘଣ୍ଟା ମଧ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ତଥ୍ୟ ସାର୍ବଜନୀନ କରାଯାଉ ଏବଂ ଫର୍ମ ୧୭ଉ(ଭୋଟ୍ ରେକର୍ଡ) ସାର୍ବଜନୀନ କରାଯାଉ। ଆଜି ଏହି ଆବେଦନ ଉପରେ ବିଚାରପତି ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିଛନ୍ତି। ଶୁଣାଣି ସମୟରେ ଫର୍ମ ୧୭ଉ ସାର୍ବଜନୀନ କରିବା ଦାବିକୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିରୋଧ କରାଯାଇଛି। ନିର୍ବାଚନ ଆୟୋଗ କହିଛନ୍ତି, ନିୟମ ଅନୁଯାୟୀ ଫର୍ମ ୧୭ଉ କେବଳ ମତଦାନ ଏଜେଣ୍ଟଙ୍କୁ ଦିଆଯିବା ଉଚିତ। ୧୭ଉ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଦେବାକୁ ଅନୁମତି ନାହିଁ। ନିୟମ ଅନୁସାରେ, ଫର୍ମ ୧୭ଉକୁ ସର୍ବସାଧାରଣରେ ପ୍ରକାଶ କରିବା ଠିକ୍ ନୁହେଁ। ନିର୍ବାଚନ ଆୟୋଗ ସୁପ୍ରିମକୋର୍ଟଙ୍କୁ ଆହୁରି କହିଛନ୍ତି ଯେ, ଫର୍ମ ୧୭ଉ(ଭୋଟ୍ ରେକର୍ଡ) ୱେବସାଇଟରେ ଅପଲୋଡ୍ କଲେ ଅନିୟମିତତା ହୋଇପାରେ। ଏଥିରେ ଟାମ୍ପରିଂ ହେବାର ସମ୍ଭାବନା ଅଛି, ଯାହା ଜନସାଧାରଣଙ୍କ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରିପାରେ। ନିର୍ବାଚନ ଆୟୋଗଙ୍କ ଯୁକ୍ତି ଶୁଣିବା ପରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, ଏତେ ଦିନ ମଧ୍ୟରେ କାହିଁକି ପୃଥକ ଆବେଦନ କରିନାହାନ୍ତି, ବର୍ତ୍ତମାନ କାହିଁକି ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ମାଗୁଛନ୍ତି ? ଆପଣଙ୍କୁ ଆମର ଅନେକ ପ୍ରଶ୍ନ ଅଛି। ୨୦୧୯ରୁ ୨୦୨୪ ମଧ୍ୟରେ ଆପଣ କଣ କରୁଥିଲେ ? କାହିଁକି ଏକ ପୃଥକ ଆବେଦନ କରିପାରିଲେନି କୋଭିଡ ପାଇଁ ୨ ବର୍ଷକୁ ଛାଡି ଦିଅନ୍ତୁ, ମାର୍ଚ୍ଚ କିମ୍ବା ଏପ୍ରିଲରେ ଆବେଦନ କରିପାରିଥାନ୍ତେ। ତେବେ ନିର୍ବାଚନ ପରେ ଉପଯୁକ୍ତ ବେଞ୍ଚ ଏ ଉପରେ ଶୁଣାଣି କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ମିନି ବସ୍ ଓ ଟ୍ରକ୍ ମୁହାଁମୁହିଁ ଧକ୍କା: ଚାଲିଗଲା ଗୋଟିଏ ପରିବାରର ୭ ଜୀବନ



ହରିୟାଣା, ୨୪/୫ : ହରିୟାଣାର ଅମ୍ବାଲାରେ ଗୁରୁବାର ରାତିରେ ଏକ ଭୀଷଣ ସଡ଼କ ଦୁର୍ଘଟଣା ଘଟିଛି। ଏକ ମିନି ବସ୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ହୋଇଛି । ମୃତକମାନେ ଗୋଟିଏ ପରିବାରର ବୋଲି ଜଣାଯାଇଛି। ଏହାବାଦ ଏହି ଦୁର୍ଘଟଣାରେ ପ୍ରାୟ ୨୫ ଜଣ ଗୁରୁତର ଆହତ ହୋଇଛନ୍ତି। ଏକ ମିନି ବସ୍‌ରେ ପ୍ରାୟ ୩୫ ଯାତ୍ରୀ ବୈଷ୍ଣୋ ଦେବୀଙ୍କ ଦର୍ଶନ ନିମନ୍ତେ ଯାଉଥିଲେ। ଗତ ରାତିରେ ଗାଡ଼ିଟି ଦିଲ୍ଲୀ - ଜମ୍ମୁ ଜାତୀୟ ରାଜପଥରେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଯାଉଥିବା ମିନି ବସ୍‌କୁ ଟ୍ରକ୍‌ଟି ପିଟିବାରୁ ବସ୍‌ଟି ଚୁରମାର ହୋଇ ଯାଇଛି। ଖବର ପାଇ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ବସ୍‌ରୁ ମୃତକ ଓ ଆହତଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ଆହତଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ବସ୍ ଚାଳକ ନିଶାସକ୍ତ ଅବସ୍ଥାରେ ଥିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣେ ଯାତ୍ରୀ କହିଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପଛରେ ପଡି ନାହିଁ ଧର୍ମଶାଳା କଂଗ୍ରେସ : ବାଇକ୍ ଶୋଭାଯାତ୍ରାରେ ଦେଖାଇଲା ଦମ୍

ଧର୍ମଶାଳା, ୨୪/୫ (ନି.ପ୍ର): ସାଧାରଣ ନିର୍ବାଚନ ସମୟ ସରି ସରି ଆସୁଛି । ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ଜୋରଦାର କରିଛନ୍ତି । ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ଏହି ସାଧାରଣ ନିର୍ବାଚନ ନିମନ୍ତେ କର୍ମୀ ଉତ୍ସାହିତ ହୋଇପଡିଥିବା ବେଳେ ଭୋଟର ହାତ ପାହାନ୍ତାରେ ପ୍ରାର୍ଥୀ ଓ ଷ୍ଟାର ପ୍ରଚାରକମାନଙ୍କୁ ଦେଖି ବେଶ୍ ଉତ୍ସାହିତ ଅଛନ୍ତି । ଏହି ନିର୍ବାଚନରେ ବିଭିନ୍ନ ଯୋଜନା କରି ଦଳର ନେତାମାନେ ବୈତରଣୀ ପାରି ହେବା ଲକ୍ଷ୍ୟ ରଖିଛନ୍ତି । ଏହି ଅବସରରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ତାର ଶକ୍ତି ପ୍ରଦର୍ଶନ କରୁଥିବା ବେଳେ ଏଥିରୁ କଂଗ୍ରେସ କୌଣସି ଗୁଣରେ କମ୍ ନ ଥିଲା ପରି ମନେ ହେଉଛି । ଆଜି ଧର୍ମଶାଳା କଂଗ୍ରେସ ବିଶାଳ ବାଇକ୍ ଶୋଭାଯାତ୍ରାରେ ତାର ଶକ୍ତି ପ୍ରଦର୍ଶନ କରିଛି । ଧର୍ମଶାଳା କଂଗ୍ରେସ ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡା ଏହି ବାଇକ ଶୋଭାଯାତ୍ରାରେ ବିଭିନ୍ନ ପଂଚାୟତ ପରିକ୍ରମା କରିଥିଲେ । ଜାରକା ଶାନ୍ତି ବଜାରରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ପ୍ରଚାରରେ କଂଗ୍ରେସର ଗ୍ୟାରେଂଟିକୁ ନେଇ ଲୋକଙ୍କ ନିକଟରେ ପଂହଚି ଦଳ ଓ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ । ବିଭିନ୍ନ ସ୍ଥାନରେ କିଶାନଙ୍କୁ ବିପୁଳ ସମର୍ଥନ ମିଳୁଥିବା ଦେଖିବାକୁ ମିଳିଛି । ଏହି ଶୋଭାଯାତ୍ରାରେ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, କୃଷକ ନେତା ବସନ୍ତ ପରିଡା, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ତରାଇ, ପୂର୍ବତନ ସମିତିସଭ୍ୟ ପ୍ରଭାତ ରଂଜନ ରାଉତ, ସୁଧାକର ରାଉତ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସଂଜୟ କୁମାର ରାଉତ, ନରୋତମ ନାୟକ, ନକୁଳ ଜେନା, ଦୀପକ ବଳ ଓ ଦେବାଶିଷ ପରିଡାଙ୍କ ସହ ଶହ ଶହ ସଂଖ୍ୟାରେ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

# ଧର୍ମ ପରାୟଣ ମହିଳାଙ୍କ ପରଲୋକ

କେନ୍ଦ୍ରାପଡ଼ା, ୨୪/୫ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ୧ନଂ ୱାର୍ଡ ଅଧିନ ଇଛାପୁରର କମଳ ଲୋଚନ ଦାସ ଓରଫ କାର୍ତ୍ତିକ ଦାସଙ୍କ ମା ଗୌରୀ ଦାସ(୭୪)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମ ପରାୟଣା, ମେଳାପୀ ମହିଳା ଭାବେ ସ୍ଥାନୀୟ ଅଂଚଳରେ ସୁପରିଚିତା ଥିଲେ । ପରଲୋକ ର ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେହ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ତାଙ୍କ ମର ଶରୀରକୁ ଶ୍ୟାମଗୁଡିଆ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇ ଥିଲା ।

# ହରିଶଙ୍କରଠାରେ ନୃସିଂହ ଚତୁର୍ଦ୍ଦଶୀ ମେଳା

ବଲାଙ୍ଗୀର, ୨୪/୫ (ନି.ପ୍ର): ପଶ୍ଚିମ ଓଡିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ତୀର୍ଥପୀଠ ହରିଶଙ୍କର ଠାରେ ନୃସିଂହ ଚତୁର୍ଦ୍ଦଶୀ ମେଳା ତଥା ହରିଶଙ୍କର ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି ଏହା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ, ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ତହସିଲ୍‌ଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଦେବୋତର କମିଟି ସଦସ୍ୟ ଇନ୍ଦୁଭୂଷଣ ଠାକୁର, ରାଣା ପଧାନ, ବିପ୍ର ବିଶି, ସୁଶୀଲ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯାତ୍ରା ସମୟରେ ସୁଦୂର ଛତିଶଗଡ଼ ରାଜ୍ୟଠୁ ଆରମ୍ଭ କରି ଆଖପାଖ ଅଂଚଳର ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ସମାଗମ ହେଉଥିବା ବେଳେ ସେମାନଙ୍କ ସୁରକ୍ଷା ନିମିତ ଆନୁସଙ୍ଗିକ ବ୍ୟବସ୍ଥାରେ ତ୍ରୁଟି ରହିଥିବା ପରିଲିକ୍ଷିତ ହୋଇଛି। ଦର୍ଶକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମହୋତ୍ସବ କମିଟି ପକ୍ଷରୁ ସେମିତି କିଛି ଆଖି ଦୃଷ୍ଟିଆ ବ୍ୟବସ୍ଥା କରାଯାଇ ନଥିବା ସହିତ ରାସ୍ତାକଡ଼ରେ ଲାଗିଥିବା ବିଭିନ୍ନ ଫୁଡ୍‌ଷ୍ଟଲ୍‌ଗୁଡ଼ିକର ମାଲିକମାନେ ମଧ୍ୟ ଗ୍ରାହକଙ୍କୁ ବାସି ଖାଦ୍ୟ ଦେଉଥିବା ସହିତ ନିଜ ସୁରକ୍ଷା ସହିତ ଗ୍ରାହକଙ୍କ ସୁରକ୍ଷାକୁ ମଧ୍ୟ ଅଣଦେଖା କରୁଛନ୍ତି। ଗୋଟିଏ ଦୁଇଟି ଷ୍ଟଲ୍‌କୁ ଛାଡ଼ିଦେଲେ ବାକି ଅନ୍ୟ ସମସ୍ତ ଦୋକାନରେ ଘରୋଇ ଗ୍ୟାସ୍ ସିଲିଣ୍ଡର୍ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ତା' ସହିତ ନା ଅଛି ସେମାନଙ୍କ ପାଖରେ ଅଗ୍ନି ନିର୍ବାପକ ଯନ୍ତ୍ର ନା ଧୂଳିମଳିରୁ ଖାଦ୍ୟକୁ ସୁରକ୍ଷିତ ରଖିବାପାଇଁ କୌଣସି ବ୍ୟବସ୍ଥା। ତେବେ ସତରେ କ'ଣ ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ବିଭାଗ ପାଖରେ କୌଣସି ସୂଚନା ନାହିଁ ନା ସବୁ ଜାଣି ମଧ୍ୟ ଆଖି ବନ୍ଦ କରି ବସିଛି ଯୋଗାଣ ବିଭାଗ। ଦୋକାନୀ ମାନେ ଘରୋଇ ଗ୍ୟାସ୍ ବ୍ୟବହାର କରୁଥିବାବେଳେ ଯଦି କୌଣସି ଦୁର୍ଘଟଣା ଘଟି ଗ୍ରାହକ ଅଥବା ଦର୍ଶକ ଏହାର ଶିକାର ହୁଅନ୍ତି, ତାହାକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପଡ଼ିଆ ମଧରେ ରଖା ଯାଇଥିବା ଗୋଟିଏ ଦମକଳ ଗାଡ଼ି କଣ ସୁରକ୍ଷା ଦେବାପାଇଁ ସକ୍ଷମ ହେବ କି, ତେବେ ଏଥିପାଇଁ କାହାକୁ ଦାୟୀ କରାଯିବ। କଟକ ବାଲିଯାତ୍ରାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଦିନ ଦୋକାନୀମାନଙ୍କ ଖାଦ୍ୟ ଯାଂଚ କରାଯାଇଥିବା ଦେଖିବାକୁ ମିଳିଥିଲା। ହେଲେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ମନ୍ଦିର ହରିଶଙ୍କର ଠାରେ ହେଉଥିବା ଚତୁର୍ଦ୍ଦଶୀ ମେଳାରେ ଯୋଗାଣ ବିଭାଗର ଜଣେ ହେଲେ ବି ଅଧିକାରୀଙ୍କୁ ଦେଖିବାକୁ ମିଳିନାହିଁ। ଦୋକାନୀମାନେ ନିଜର ମନମୁଖୀ କାର୍ଯ୍ୟ ଚଳାଇଥିବାବେଳେ ଏବେ ଗ୍ରାହକମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାରାନ୍ତରେ ମହୋତ୍ସବ କମିଟି ଏଥିରେ ସାମିଲ ନାହିଁ ତ, ତାହା ମଧ୍ୟ ଏବେ ସନ୍ଦେହ ଘେରରେ। ତେବେ ଏ ସମ୍ପର୍କରେ ରାସ୍ତାକଡ଼ରେ ଥିବା କିଛି ଦୋକାନୀଙ୍କୁ ପଚାରିବାରୁ, ଆମେ ଦୋକାନ ଖୋଲିବା ପାଇଁ ଜାଗା ବାବଦକୁ ମହୋତ୍ସବ କମିଟିକୁ ଟଙ୍କା ପ୍ରଦାନ କରିଛୁ, ତେବେ ତାହା କେମିତି ଭରଣା କରିବୁ। ମହୋତ୍ସବ କମିଟିର ଏପରି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଥିବା ଦେଖାଦେଇଛି। ଅପରପକ୍ଷେ ଆୟୋଜିତ ହୋଇଥିବା ଚତୁର୍ଦ୍ଦଶୀ ଯାତ୍ରାରେ ଅବ୍ୟବସ୍ଥା ସମେତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଉଥିବା ବିଷୟ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଥିବା ଜଣାପଡ଼ିଛି। ତେବେ ଆତ୍ମବିଭୋର ଦେବୋତର ବିଭାଗ ପ୍ରଶାସକଙ୍କୁ ଚତୁର୍ଦ୍ଦଶୀ ଯାତ୍ରାର ଅବ୍ୟବସ୍ଥିତ ବ୍ୟବସ୍ଥା ପ୍ରତି ତିଳେ ହେଲେ ମଧ୍ୟ ଚିନ୍ତା ନଥିବା ବିଷୟ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା ଭଳି ହୋଇଥିବା କୁହାଯାଉଛି। ପ୍ରକାଶ ଥାଉକି, ଚତୁର୍ଦ୍ଦଶୀ ଯାତ୍ରା ବ୍ୟୟ ବରାଦର ହିସାବ ପଚରାଯିବା ଭୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରସ୍ତୁତି ବୈଠକ ଠାରୁ ଆରମ୍ଭ କରି ସମାପନ ପର୍ଯ୍ୟନ୍ତ ଏଥିରେ ସାମିଲ କରାଯାଇ ନଥିବାବେଳେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଏହି ମହୋତ୍ସବକୁ ସମ୍ମାନ ତଥା ସମର୍ଥନ କରି ଖବର ପ୍ରକାଶନ ମାଧ୍ୟମରେ ନିଜର ନୈତିକ ଦାୟିତ୍ୱ ଜାରି ରଖିଥିଲେ ସୁଦ୍ଧା ଭଡ଼ାରେ ଆମନ୍ତ୍ରିତ ପ୍ରତିନିଧିମାନଙ୍କ ଦ୍ୱାରା ଦେବୋତର ବିଭାଗ ନିଜର ମହିମା ବଣ୍ଟନ କରିବାକୁ ମଧ୍ୟ ପଛଘୁଂଚା ଦେବନାହିଁ ବୋଲି ଜନସାଧାରଣରେ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ପ୍ରତ୍ୟେକ ବର୍ଷ ମନ୍ଦିରର ଅନ୍ନଭୋଗ, ନଡ଼ିଆ ଭୋଗ, ଚେକ୍‌ଗେଟ୍ ସହିତ ବିଭିନ୍ନ ଟିକସ୍ ଆଦି ଟେଣ୍ଡର ହେଉଥିବାବେଳେ ଏବର୍ଷ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

# ଜିରିଙ୍ଗିପଡାରେ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ୨୫ ତମ ଚନ୍ଦନ ଯାତ୍ରା ଆରମ୍ଭ

କନ୍ଧମାଳ, ୨୩ ମଇ (ହି.ସ.)- ଫୁଲବାଣୀ ସହରର ସ୍ଥାନୀୟ ଜିରିଙ୍ଗିପଡାରେ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ନାଥ ଠାକୁରଙ୍କ ଜନ୍ମ ଚତୁର୍ଦ୍ଦଶୀ ପାଳନ ଅବସରରେ ୨୫ ତମ ଚନ୍ଦନ ଯାତ୍ରା ରଜତ ଜୟନ୍ତୀ ଜିରିଙ୍ଗିପଡା ଯାତ୍ରା ପରିଚାଳନା କମିଟି ପକ୍ଷରୁ ଫୁଲବାଣୀ ସହର ସ୍ଥିତ ଜିରିଙ୍ଗିପଡା ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ଯାତ୍ରା ପଡ଼ିଆ ଠାରେ ଶୁଭାରମ୍ଭ ହୋଇଯାଇଛି। ବୁଧବାର ଅନୁଷ୍ଠିତ ଏହି ଯାତ୍ରା ଜୁନ ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଯାତ୍ରା ପରିଚାଳନା କମିଟି ସଭାପତି ପାର୍ଥ ସାରଥୀ ବିଶ୍ୱାଳ କହିଛନ୍ତି । ଠାକୁରଙ୍କର ଜନ୍ମ ଚତୁର୍ଦ୍ଦଶୀ ଚନ୍ଦନ ଯାତ୍ରା ଅବସରରେ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ସମସ୍ତ ମାଆ ମାନେ ଯାତ୍ରା ପରିଚାଳନା ମହିଳା ବାହିନୀ ସଭାନେତ୍ରୀ ଆରତୀ ବେହେରା ଓ କାର୍ଯ୍ୟକାରୀ ସଭାପତିଙ୍କ ନେତୃତ୍ୱରେ ସମସ୍ତେ ସ୍ଥାନୀୟ ସାଲୁଙ୍କି ନଦୀକୁ ଯାଇ କଳସରେ ଜଳ ଭରି ପୂଜାର୍ଚ୍ଚନା କରି ନାରାୟଣୀ ମନ୍ଦିର ନିକଟରୁ କଳସ ଶୋଭାଯାତ୍ରା ବାଜା ବାଜଣା ନଦିଆ କୀର୍ତନ ମଣ୍ଡଳୀ ପଟୁଆରରେ ବାହାରି ଫୁଲବାଣୀ ସହର ପରିକ୍ରମା କରି ନୃସିଂହ ମନ୍ଦିର ଠାରେ ପହଂଚି ଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭାପତି ସୁଜିତ ବେହେରା, ଯାତ୍ରା ପରିଚାଳନା କମିଟି କାର୍ଯ୍ୟକାରୀ କମିଟି ସଭାପତି କରମ ବେହେରା, ଉପ ସଭାପତି ପାଂଚିଲ ବେହେରା, ସାଧାରଣ ସମ୍ପାଦକ ଦାରୁଣ କୁମାର ବେହେରା, ସମ୍ପାଦକ ବୈଦ୍ୟନାଥ ନାୟକ, ସାଂସ୍କୃତିକ ସମ୍ପାଦକ ବାବୁଲା ବେହେରା, ସହ ସମ୍ପାଦକ ମନୋଜ କୁମାର ବେହେରା, କୋଷାଧ୍ୟକ୍ଷ ଲଳିତ କୁମାର ବେହେରା, ସାଙ୍ଗଠନିକ ସମ୍ପାଦକ ମନୋଜ କହଁର, ଉପଦେଷ୍ଟା ପଙ୍କଜ କୁମାର ବେହେରା, ଦିନେଶ ବେହେରା, ବିକ୍ରମ ବେହେରା, ପାୟେଲ ବେହେରା, ଶିବଶଙ୍କର ବେହେରା, ବଳଦେବ ବେହେରାଙ୍କ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ନାୟକ, ବିକାଶ କହଁର ଏବଂ ମହିଳା ବାହିନୀ ଉପ ସଭାପତି ନିବେଦିତା ବେହେରା, ସାଧାରଣ ସମ୍ପାଦିକା ସୂର୍ଯ୍ୟକାନ୍ତି ନାୟକ, ସମ୍ପାଦିକା ମାମୀ ନାୟକ, ସାଙ୍ଗଠନିକ ସମ୍ପାଦିକା ବବିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ସମସ୍ତ ପୁରୁଷ ମହିଳା ଯାତ୍ରା ସୁଚାରୁ ରୂପେ ପରିଚାଳନା ହେବା ନିମନ୍ତେ ସହଯୋଗ କରିଥିଲେ। ଅପରାହ୍ନ ୨ଟା ସମୟରେ ଠାକୁରଙ୍କର ମନ୍ଦିର ସମ୍ମୁଖରେ ନାଭିହୋମ ଏବଂ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଭକ୍ତଙ୍କ ନିମନ୍ତେ ପଣା ଏବଂ ଅନ୍ନ ପ୍ରସାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଭକ୍ତ ଠାକୁରଙ୍କର କୃପା ଲାଭ କରିବା ପାଇଁ ଠାକୁରଙ୍କ ଜନ୍ମ ଚତୁର୍ଦ୍ଦଶୀରେ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରି ଦର୍ଶନ କରିଥିଲେ। ମନ୍ଦିର ପୂଜକ ଚିନ୍ତାମଣି ସାହାଣୀ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ କରିଥିବା ବେଳେ ତାଙ୍କୁ ପୂଜା କାର୍ଯ୍ୟରେ ସହଯୋଗୀ ପୂଜକ ଭାବେ ପ୍ରକାଶ କହଁର, ଅଶ୍ୱିନୀ ନାୟକ, ମନୋଜ ନାୟକ, ମିଶ୍ର ନାୟକ ପୂଜକଙ୍କୁ ସହଯୋଗ କରିଥିଲେ। ଠାକୁର ଚତୁର୍ଦ୍ଦଶୀ ଅବସରରେ ମା ନାରାୟଣୀ ଠାକୁରାଣୀ, ବ୍ରାହ୍ମଣୀ ଦେବୀ, ବରାଳଦେବୀ, ବ୍ୟାଘ୍ର ଦେବୀ, ଗ୍ରାମ ଦେବୀ ପଂଚ ଦେବୀ ପଂଚ ଠାକୁରାଣୀ ମନ୍ଦିରକୁ ବିଜେ କରି ଭୋଗ ଖାଇଥିଲେ। ନୃସିଂହ ଠାକୁରଙ୍କର ଦର୍ଶନ ପାଇଁ ଆଜି ଦିନ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମାନଙ୍କର ପ୍ରବଳ ଭିଡ ଜମିଥିବା ପରିଲକ୍ଷିତ ହୋଇଥିଲା। ଠାକୁରଙ୍କର ଚନ୍ଦନ ଯାତ୍ରା ନିମନ୍ତେ ଠାକୁରଙ୍କର ମନ୍ଦିର ଏବଂ ଯାତ୍ରା ପଡ଼ିଆ ରାସ୍ତା ଘାଟ ଯାତ୍ରା ପରିଚାଳନା କମିଟି ପକ୍ଷରୁ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଛି।

ଯାତ୍ରାର ଆରମ୍ଭ ଦିବସ ଠାରୁ ଶେଷ ଦିବସ ପର୍ଯ୍ୟନ୍ତ ଦର୍ଶକ ମାନଙ୍କର ମନୋରଞ୍ଜନ ପାଇଁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ଶତ ପ୍ରତିଶତ ହୋମ୍ ଭୋଟିଂ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିବେଦନ

କେନ୍ଦ୍ରାପଡ଼ା, ୨୪/୫ (ନି.ପ୍ର): ଭୋଟ୍‌ଗ୍ରହଣର ଗୋପନୀୟତାକୁ ଭଙ୍ଗ ନକରି ଆସନ୍ତାକାଲିଠୁ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି ହୋମ୍ ଭୋଟିଂ। ମେ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଭୋଟ୍‌ଗ୍ରହଣ ଜିଲ୍ଲାରେ ଜାରି ରହିବ। ଏ ନେଇ ଜିଲ୍ଲା ପରିଷଦ ସମ୍ମିଳନୀ ସଭାକକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ପୋଲିଂ ଅଧିକାରୀ, ମାଇକ୍ରୋ ଅବଜରଭର୍‌ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶତ ପ୍ରତିଶତ ହୋମ୍ ଭୋଟିଂ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି। ଭଦ୍ର ଓ ଶାଳୀନ ବ୍ୟବହାର ସହ ସମ୍ପୂର୍ଣ୍ଣ ଗୋପନୀୟତା ରକ୍ଷା କରି ଭୋଟଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। କେନ୍ଦ୍ରାପଡ଼ା ଲୋକସଭା ଆସନ ସମେତ ୯୬-ପାଟପୁରା, ୯୭-କେନ୍ଦ୍ରାପଡ଼ା, ୯୮-ଆଳି, ୯୯-ରାଜନଗର, ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ହୋମ୍ ଭୋଟିଂ ଗ୍ରହଣ କରାଯିବ। ପୂର୍ବରୁ ସଠିକ୍ ଫର୍ମ ପୂରଣ କରି ହୋମ୍ ଭୋଟିଂ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୮୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ଥିବା ଭୋଟର୍‌ମାନେ ଏଥିରେ ଅଂଶଗ୍ରହଣ କରିବେ। କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରର ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ବର୍ଗରେ ମୋଟ୍ ୨୩୪ ଜଣ ଓ ୮୫ ବର୍ଷରୁ ଅଧିକ ବର୍ଗରେ ୭୯୩ଜଣ ଭୋଟ୍ ଦେବେ। ଏହା ସହ ଜୁନ୍ ୧ ତାରିଖରେ ପୋଲିଂ ଡ୍ୟୁଟିରେ ଥିବା କର୍ମଚାରୀମାନଙ୍କ ଭୋଟ୍ ଗ୍ରହଣ ମଧ୍ୟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ପୋଲିଂ ପର୍ସୋନେଲ୍‌ମାନଙ୍କ ପାଇଁ ୨୪ ତାରିଖରୁ ଆରମ୍ଭ ହେଉଥିବା ଏହି ଭୋଟ୍ ଗ୍ରହଣ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଡେରାବିଶର ସୁଦର୍ଶନ ଉଚ୍ଚବିଦ୍ୟାଳୟ, ଇଛାପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅନୁଷ୍ଠିତ ହେବାକୁ ଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ ସମୟରେ ୬୯୨୪ଜଣ ପୋଲିଂ କର୍ମଚାରୀ ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ଭୋଟ ଦେବେ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ବିସ୍ତୃତଭାବେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସିଡିଓ ତଥା ଇଓ ଦୟାସିନ୍ଧୁ ପରିଡ଼ା, ପଟ୍ଟାମୁଣ୍ଡାଇ ମୁନିସିପାଲିଟିର ଇଓ ଅଜିତ୍ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଆଦ୍ୟାଶା ରଥ, ମହାକାଳପଡ଼ାର ଅତିରିକ୍ତ ତହସିଲଦାର ଶାନ୍ତିଲତା ହେମ୍ବ୍ରମ୍, ଗରଦପୁରର ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଆସିଷ୍ଟାଂଟ୍ କଲେକ୍ଟର ତ୍ରିଭୁବନ ଜୟସିଂ, ସମସ୍ତ ମାଇକ୍ରୋ ଅବଜର୍‌ଭର୍, ପୋଲିଂ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମପୁରରେ ମହିମା ଅଲେଖ ଟୁଙ୍ଗିରେ ନୂତନ କାର୍ଯ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟକ୍ରମ

ଚମ୍ପୁଆ, ୨୪/୫ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଦ୍ମପୁର ପୁର ଗ୍ରାମର ମହିମା ଅଲେଖ ଟୁଙ୍ଗି ପ୍ରାଙ୍ଗଣରେ ନୂତନ ଚୌପାଢୀ, ଏବଂ କାର୍ଯ୍ୟାଳୟ ଗୃହ ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇ ଯାଇଛି। ମହିମା ଗାଦିର ବ୍ରହ୍ମ ଅବଦୂତ ବାବାଙ୍କ ପୌରାହିତ୍ୟରେ ଏବଂ ଆଂଚଳିକ ସାଧୁ ଭକ୍ତ ମାନଙ୍କ ଉପସ୍ଥିତିରେ ବୁଧବାର ସନ୍ଧ୍ୟା ୬ ଘଟିକାରେ ଅଖଣ୍ଡବତୀ ପ୍ରଜ୍ୱଳନ, ଧ୍ୱନୀ ସ୍ଥାପନ, ନାମ ଭଜନ ଚଉଷଠି ସିଦ୍ଧ ବାବାଙ୍କ ଆଜ୍ଞାବେତ ବେଢା ସହିତ ପରିକ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର ସକାଳ ୮ ଘଟିକାରେ ପୂର୍ଣ୍ଣାହୁତି ଓ ବାଲ୍ୟ ଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଦ୍ୱିଦିବସିୟ କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ।

# ୬ନମ୍ବର ଜୋନରେ ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ଓ ବିଧାୟକ ପ୍ରାର୍ଥୀ ଗଣେଶ୍ୱରଙ୍କ ବିଶାଳ ଶୋଭାଯାତ୍ରା

କେନ୍ଦ୍ରାପଡ଼ା, ୨୪/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦର ୬ନମ୍ବର ଜୋନ୍‌ରେ ଜିଲ୍ଲା ପରିଷଦ ସଦସ୍ୟା ନିର୍ମଳା ମହାନ୍ତିଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା ଏକ ବିଶାଳ ଶୋଭାଯାତ୍ରାରେ ଆଜି ଭୋଟ ପ୍ରଚାର କରିଛନ୍ତି । ସକାଳ ପ୍ରାୟ୧୦ଟାରେ ଏହି ବିଶାଳ ଶୋଭାଯାତ୍ରା ଗୁଲନଗର ପଂଚାୟତର ଚଟିପୋଲ ନିକଟରୁ ବାହାରି କପାଳେଶ୍ୱର ପଂଚାୟତର ଗରାପୁର ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ, ଗୋପ, ଦୁତିଆଳ, ଶ୍ୟାମସୁନ୍ଦରପୁର, ଭରତପୁର, ମେହେନ୍ଦିପୁର, ନରିଲୋ, ଚକ୍ରୋଡା, ଜମଧର, କଷୋଟି, ବଡଗାଁ, ସାନଗାଁ ଓ ବଣହରା ଦେଇ ଭାଗବତପୁରର ପଂଚାୟତର ବାଲିଆଠାରେ ଅପରାହ୍ନ ୨ଟାରେ ପହଂଚିଥିଲା । ଏହି ଶୋଭାଯାତ୍ରା ବିଭିନ୍ନ ପଂଚାୟତ ଓ ଗ୍ରାମ ଦେଇ ଯିବା ସମୟରେ ପ୍ରତ୍ୟେକ ଗ୍ରାମରେ ଲୋକମାନେ ଫୁଲତୋଡା, ଫୁଲହାର, ଉତରୀୟ ଏବଂ ଫୁଲ ଚନ୍ଦନ ଦେଇ ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଶ୍ରିର୍ବାଦ ପ୍ରଦାନ କରିଥିଲେ । ପ୍ରାର୍ଥୀମାନେ ଶୋଭାଯାତ୍ରାର ବିଭିନ୍ନ ସ୍ଥାନରେ ଭୋଟରମାନଙ୍କୁ ଯୋଡି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ କରିବା ପାଇଁ ନିବେଦନ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ଜାରି ରଖିବା ପାଇଁ ଆଗାମୀ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ଯୋଡିଶଙ୍ଖରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଏହି ଅବସରରେ ନିବେଦନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ୬ନମ୍ବର ଜିଲ୍ଲା ପରିଷଦ ଜୋନ୍‌ର ବରିଷ୍ଠ ବିଜେଡି ନେତା ପ୍ରଦୀପ୍ତ ମହାନ୍ତି, ପୂର୍ବତନ ସମିତିସଭ୍ୟ ଶିବପ୍ରସାଦ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଗୁଲନଗର ପଂଚାୟତର ପୂର୍ବତନ ସରପଂଚ ଲୋପାମୁଦ୍ରା ବାରିକ ଓ ପୀତବାସ ବେହେରା, ଗୁଲନଗର ପଂଚାୟତ ବିଜୁ ଜନତା ଦଳ ସଭାପତି ସୁଶାନ୍ତ ଦାଶ, ରାଜୁ କୁବେର, ତ୍ରିଲୋଚନ ଦାସ, ରବୀନ୍ଦ୍ର ସାହୁ, ପୂର୍ବତନ ପୌରଉପାଧକ୍ଷ ସବିତା ସାହୁ, ଭରତପୁର ସରପଂଚ ନୀଳାମ୍ବର ମଲ୍ଲିକ, ଶ୍ୟାମସୁନ୍ଦରପୁର ପଂଚାୟତ ସରପଂଚ ଅଙ୍କୁର ସେଠୀ, ସମିତିସଭ୍ୟା ଉର୍ମିଳା ସେଠୀ, ପୂର୍ବତନ ସରପଂଚ ଶାରଦା ପ୍ରସନ୍ନ ରାଉତ, ଶାରଦା ରାଉତ(କୁନା), ସୁମିତ୍ରା ପାଢୀ, ମିନତୀ ପରିଡା, ଭରତପୁର ପଂଚାୟତର ପୂର୍ବତନ ସରପଂଚ ଜିନତ୍ ପ୍ରିୟଦର୍ଶନୀ, ଅକ୍ଷୟ ମନ୍ତ୍ରୀ, ବିଶ୍ୱଜିତ ସାମଲ, ପୂର୍ବତନ ସମିତି ସଭ୍ୟ ହେମନ୍ତ ବିଶ୍ୱାଳ, ଚକ୍ରୋଡା ସରପଂଚଙ୍କ ପ୍ରତିନିଧି ନିରଞ୍ଜନ ନାୟକ, ପ୍ରଣତି ବେହେରା, ରମାକାନ୍ତ ରାଉତ, ଦିଲ୍ଲୀପ ମହାନ୍ତି, ଅନନ୍ତ ଜେନା, ଦୋଳଗୋବିନ୍ଦ ସାମଲ, ପୂର୍ବତନ ସରପଂଚ ବସନ୍ତ କୁମାର ରାଉତ, ପଂଚାୟତ ବିଜେଡି ସଭାପତି ଗୌରାଙ୍ଗ ଚରଣ ଲେଙ୍କା, ଜମଧର ସରପଂଚ ରାଜକିଶୋର ଖୁଂଟିଆ, ସମିତିସଭ୍ୟ ଦେବାଶିଷ ଦାସ, ଅର୍ଜୁନି ସେଠୀ, ପୂର୍ବତନ ସରପଂଚ ଅଭିମନ୍ୟୁ ମହାନ୍ତି, ସେକ୍ ଅରମାନ୍, ସେକ୍ ଲିୟାକତ୍, ଜିତେନ୍ଦ୍ର ମହାନ୍ତି, ପଂଚାୟତ ସଭାପତି ଦାମୋଦର ଜେନା, ଭାଗବତପୁର ପଂଚାୟତ ସରପଂଚ ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ, ସମିତିସଭ୍ୟା ପ୍ରମିଳା ମିଶ୍ର ଓ ପୂର୍ବତନ ସରପଂଚ ଧରଣୀଧର ଦାସ, ପରିବେଶବୀତ ନାରାୟଣ ପତି, ପଂଚାୟତ ସଭାପତି ଧିରେନ ସ୍ୱାଇଁ, ପ୍ରମୋଦ ସାହୁ, ଶରତ ଚନ୍ଦ୍ର ସ୍ୱାଇଁ, କାର୍ତିକ ନାୟକ, ରାମଚନ୍ଦ୍ର ରାଉତ, ପ୍ରଫୁଲ୍ଲ ମହାନ୍ତି, ସୁବାଷ ସେଠୀ ପ୍ରମୁଖ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ବାଇକ ଚଳାଇ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଦଳର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଯୋଡିଶଙ୍ଖ ଚିହ୍ନରେ ଆଗାମୀ ଜୁନ ୧ତାରିଖରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଲୋକମାନଙ୍କୁ ନିବେଦନ କରିଥିଲେ।

# ଅସହାୟ ଭାଇଭଉଣୀଙ୍କୁ ଆଇନସେବା ପ୍ରାଧିକରଣ ପକ୍ଷରୁ ଉଦ୍ଧାର

ମାଲକାନଗିରି, ୨୪/୫ (ନି.ପ୍ର): ମାଲକାନଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ ନିଲିଗୁଡା ଗ୍ରାମର ଦୁଇଜଣ ଅସହାୟ ଭାଇଭଉଣୀ ଙ୍କୁ ଆଇନସେବା ପ୍ରାଧିକରଣ ପକ୍ଷରୁ ଉଦ୍ଧାର କରାଯାଇ ଶୁକ୍ରବାର ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ନିଲିଗୁଡା ଗ୍ରାମର ଜଣେ ଶିଶୁ କନ୍ୟା ଓ ତାଙ୍କର ଛୋଟ ଭାଇଙ୍କ ବାପା ଗତ ୮ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ ।କରୋନା ସମୟରେ ସେମାନଙ୍କ ମା''ଙ୍କ ମୃତ୍ୟୁ ଘଟିଥିଲା। ମାଆବାପାଙ୍କ ମୃତ୍ୟୁ ପରେ ଭଉଣୀ ନିଜର ଯତ୍ନ ନେବାସହ ଛୋଟ ଭାଇର ମଧ ଯତ୍ନ ନେଉଥିଲେ ।ଜଙ୍ଗଲକୁ ଯାଇ ମହୁଲ, ଟୋଲା, କେନ୍ଦୁପତ୍ର ଆଦି ଗୋଟାଇ ବିକ୍ରି କରି ଚଳୁଥିଲେ। ଭଉଣୀଟିର ବୟସ ୧୩ ବର୍ଷ ହୋଇଥିବା ବେଳେ ତାଙ୍କ ଭାଇର ବୟସ ୧୦ ବର୍ଷ। ମାଆବାପାଙ୍କ ମୃତ୍ୟୁ ପରେ ଅସହାୟ ଅବସ୍ଥାରେ ଚଳୁଥିଲେ ମଧ ସେମାନଙ୍କ କୌଣସି ସମ୍ପର୍କୀୟ ସେମାନଙ୍କୁ ସହାୟତା କରି ନ ଥିଲେ ।ଆଇନସେବା ପ୍ରାଧିକରଣ ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅଶୋକ ପଟ୍ଟନାୟକ ଏ ସମ୍ପର୍କରେ ସୂଚନା ପାଇ ଉଭୟ ଶିଶୁଙ୍କୁ ଉଦ୍ଧାର କରି ପ୍ରାଧିକରଣ ସଚିବ ରାକେଶ ମୁଦୁଲିଙ୍କ ନିକଟରେ ହାଜର କରିଥିଲେ। ସଚିବଙ୍କ ନିର୍ଦ୍ଦେଶରେ ଏହି ଦୁଇ ଜଣ ଙ୍କ ଯତ୍ନ ଓ ସୁରକ୍ଷା ନିମନ୍ତେ ଉଭୟଙ୍କୁ ଚାଇଲ୍ଡ ଲାଇନ ମାଧ୍ୟମରେ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଇଥିଲେ। ପରେ ଶିଶୁ ମଙ୍ଗଳ କମିଟି କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରି ସେମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ଆଇନଜୀବୀ ଗୌତମ ସରକାର ପରାମର୍ଶ ଦେଇଛନ୍ତି।

# କେନ୍ଦୁଝର ଜିଲ୍ଲାରେ ନିର୍ବାଚନ ଶେଷ ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ

କେନ୍ଦୁଝର , ୨୪/୫ (ନି.ପ୍ର): ଆସନ୍ତାକାଲି (ଶନିବାର) କେନ୍ଦୁଝର ଜିଲ୍ଲା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୬ ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବାକୁ ଯାଉଥିବା ବେଳେ ପାରିପାର୍ଶ୍ୱ ସମସ୍ତ ପରିସ୍ଥିତିକୁ ଦେଖି ନିର୍ବାଚନ ଶେଷ ପ ର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯାଇଥିବା ଆଜି ସଂଧ୍ୟା ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିଶାଳ ସିଂହ ସୂଚନା ଦେଇଛନ୍ତି । ଏବଂ ବିଭିନ୍ନ ନିର୍ବାଚନ ମଣ୍ଡଳୀ ଅନୁଧ୍ୟାନ କରିବା ସହ ରାଜନୈତିକ ଦଳର ସୂଚନାକୁ ଆଦାର କରି ଜିଲ୍ଲାରେ ସମ୍ବେଦନଶୀଳ ବୁଥ ସଂଖ୍ୟା ବୃଦ୍ଧି କରାଯାଇଥିବା ଜିଲିପାଳ ସୂଚନା ଦେଇଛନ୍ତି । କେନ୍ଦୁଝର ରେ ପୂର୍ବରୁ ୧୭୯ ଟି ବୁଥ ସମ୍ବେଦନଶୀଳ ଚିହ୍ନଟ ହୋଇଥିବା ବେଳେ ଏବେ ତାହାକୁ ୨୮୮ ଟି ବୁଥ କୁ ବୃଦ୍ଧି କରାଯାଇଛି ।ଏହି ସମ୍ବେଦନଶୀଳ ବୁଥ ଗୁଡିକରେ କେନ୍ଦ୍ରିୟ ପୋଲିସ ବାହିନୀ ଙ୍କୁ ମୁତୟନ କରାଯିବ । ଜିଲ୍ଲାର ୬ ଟି ନିର୍ବାଚନ ମଣ୍ଡଳୀ ରେ ନିର୍ବାଚନ ଅନୁଧ୍ୟାନ ନିମନ୍ତେ ଦରବାର ହଲ ରେଷ୍ଟଇଂଟିଗ୍ରେଟେଡ କଂଟ୍ରୋଲ ରୁମ ସ୍ଥାପନ କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ନିର୍ବାଚନ ପୂର୍ବରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୭୨ ଲକ୍ଷ ଟଙ୍କା ସହ ପ୍ରଚୁର ପରିମାଣର ମଦ , ଡ୍ରଗସ ଜବଦ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୨୭ କୋଟି ହେବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ୨୪ ବର୍ଷ ହେଲା ମିଛ କହି କେନ୍ଦ୍ରାପଡ଼ାବାସୀଙ୍କୁ ବିଜେଡି ପ୍ରତାରିତ କରିଛି- ବିଜେପି

କେନ୍ଦ୍ରାପଡ଼ା, ୨୪/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ହେଉଛି ବିଜୁ ପଟ୍ଟନାୟକଙ୍କ ଗଡ ବୋଲି ପରିଚିତ ଥିଲେ ମଧ ୨୪ ବର୍ଷ ମଧରେ କେନ୍ଦ୍ରାପଡା ଆଜି ସଂପୂର୍ଣ୍ଣ ତଳ ସ୍ତରରେ ରହିଅଛି, ଜିଲ୍ଲାରେ ଆଜି ଦାଦନ ସଂଖ୍ୟା ବଢି ଚାଲିଛି । ଜିଲ୍ଲା ମଧ ଦେଇ ନଦୀନାଳ ଭରି ରହିଥିଲେ ମଧ ଆଜି ଜିଲ୍ଲାର ଲୋକ ଟୋପାଏ ପାଣି ପାଇଁ ବିକଳ ହେଉଛନ୍ତି । ବିଜେଡି ସରକାର କେନ୍ଦ୍ରାପଡାରେ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ବାରମ୍ବାର କହି ଆସୁଛନ୍ତି, ହେଲେ ଆଜି ସୁଦ୍ଧା କୌଣସି ଗୋଟିଏ ଶିଳ୍ପ ପ୍ରତିଷ୍ଠା ହୋଇଛି କି ? ଯଦି ନାହିଁ ତେବେ ସାଧାରଣ ଜନତାଙ୍କ ପାଇଁ ସରକାର କଣ କରୁଛି । କେବଳ ମିଛ ପ୍ରଲୋଭନରେ ଲୋକମାନଙ୍କୁ ଭୁଆଁ ବୁଲାଇ ଆସୁଛନ୍ତି ନେତାମନ୍ତ୍ରୀମାନେ । ଭାରତୀୟ ଜନତାପାର୍ଟି କେନ୍ଦ୍ରାପଡା ଲୋକସଭା କ୍ଷେତ୍ରରେ ସାମ୍ବାଦିକ ସମ୍ମିଳନୀ ଗରାପୁର ସ୍ଥିତ ସ୍ୱୟଂସିଦ୍ଧା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡାର ପୂର୍ବତନ ସାଂସଦ, ନାରୀନେତ୍ରୀ ଅର୍ଚ୍ଚନା ନାୟକ, ଯୁବନେତା ତଥା ଓଡିଶା ପ୍ରଦେଶର ପୂର୍ବତନ ଯୁବମୋର୍ଚ୍ଚାର ଉପସଭାପତି ପ୍ରଫୁଲ୍ଲ ସ୍ୱାଇଁ ଏବଂ ମିଡିଆ ସେଲର ପ୍ରମୁଖ ନେହେରୁ କୁମାର ସାହୁ ଯୋଗ ଦେଇଥିଲେ । ଅର୍ଚ୍ଚନା ନାୟକ କହିଥିଲେ ଯେ, କେନ୍ଦ୍ରୀୟ ଯୋଜନାକୁ ହଡପ କରି ବିଜେଡି ପିସି କାରବାରରେ ବ୍ୟସ୍ତ । ଚାଷୀମାନଙ୍କ ପାଇଁ ନାଁ ଏଠାରେ ଜଳର ସୁପରିଚାଳନା, ନାଁ ଚାଷ ଜମିକୁ ଉପଯୁକ୍ତ ଜଳସେଚନ, ଚାଷୀମାନଙ୍କ ପାଇଁ ନାଁ ଏଠି ଶୀତଳ ଭଣ୍ଡାରର ବ୍ୟବସ୍ଥା ଅଛି । ଏହା କଣ ୨୪ ବର୍ଷର ସରକାର ଜାଣିନାହାଁନ୍ତି । ଏଠାରେ ଝୋଟକଳ ଥିଲା । ତାହା ଆଜି ବନ୍ଦ ହୋଇଯାଇଛି । ମନ୍ତ୍ରୀ ମାଳ ମାଳ ଥିଲେ ମଧ ପାୱାର ପ୍ଲାଂଟର ରଙ୍ଗୀନ ସ୍ୱପ୍ନ ଆଜି ଅନ୍ଧାରରେ, ମନ୍ତ୍ରୀ ନେତା କହି ପାରିବେ କି ? ଏହା କେବେ ହେବ । ବନ୍ଦର ହେବାର ସ୍ୱପ୍ନ ଦେଖାଇଛନ୍ତି । ତାହା ଆଜି ନାହିଁ ନାହିଁରେ କେନ୍ଦ୍ରାପଡାବାସୀ । କେନ୍ଦ୍ରାପଡାରେ ଥିବା ବିଦ୍ୟାଳୟ ମହାବିଦ୍ୟାଳୟ ନାଚ ଗୀତର ଆସର ଚାଲିଛି । ଶିକ୍ଷକ ଅଧ୍ୟାପକ ଅଭାବ । ଯୁବ ସମାଜକୁ ନଷ୍ଟ କରିବା ପାଇଁ ଆଜିର ସରକାର ଗଳିକନ୍ଦିରେ ମଦ ଦୋକାନ ଖୋଲି ଦେଇଛି । ଯାହା ଫଳରେ ଶିକ୍ଷାର ମାନ କମି ଗଲାଣି । ସ୍ୱୟଂସହାୟିକା ମହିଳା ମାନଙ୍କୁ ସରକାରୀ ସ୍ତରରେ କୌଣସି ନିର୍ଦ୍ଦିଷ୍ଟ ଟ୍ରେନିଂ ଦେଇଛନ୍ତି କି । ଯୁବନେତା ପ୍ରଫୁଲ୍ଲ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ଯେ, ଉତରପ୍ରଦେଶରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗତ କାଲି କେନ୍ଦ୍ରାପଡା ଲୋକ ସଭା କ୍ଷେତ୍ର ଆସିଥିଲେ । ଏହି ପରିପ୍ରେକ୍ଷୀରେ ଆମ୍ଭେ ଦେଖିଲେ ଉତରପ୍ରଦେଶର ବିକାଶ ଓ ଓଡିଶାର ବିକାଶ ଆକାଶ ପାତାଳ । ବିଗତ ଦିନରେ କେନ୍ଦ୍ରାପଡାର ସୁଖ ଦୁଃଖର ସାଥୀ ବୈଜୟନ୍ତ ପଣ୍ଡା ଲୋକ ସଭାର ପ୍ରାର୍ଥୀ ଟାଙ୍ଗୀ ଅଂଚଳର ଟାଙ୍ଗୀରୁ କପିଳାସ ରୋଡରେ ଥିବା ରେଳ କ୍ରସିଂ ଠାରେ ଓଭର ବ୍ରିଜର ଗଠନ କରିଥିଲେ । ଯାହାଫଳରେ ହଜାର ହଜାର ଲୋକ ଏହି ସୁବିଧା ସୁଯୋଗ ନେଇପାରିଛନ୍ତି । ଶ୍ରୀ ବୈଜୟନ୍ତ ପଣ୍ଡାଙ୍କ ସାଂସଦ ସମୟରେ ପାଣି ଟାଙ୍କି ଓ ମିନି ଷ୍ଟାଡିୟମ ଓ ଅନେକ ଗଠନ ମୂଳକ କାର୍ଯ୍ୟରେ ମୂଖ୍ୟ ସୂତ୍ରଧାର ଥିଲେ, ଯାହା ଜନସାଧାରଣ ଜାଣିଛନ୍ତି ।

# ଶିଶୁଙ୍କ ପାଇଁ ଟିକା ଓ ଏହାର ଉପକାରିତା



ପ୍ରତିଷେଧକ ରୋଗର ଚିକିତ୍ସା ଅପେକ୍ଷା ଭଲ । ଆଜିକାଲି ବିଭିନ୍ନ ରୋଗର ପ୍ରତିଷେଧକ ଟିକା ଉଦ୍ଭାବନ ହେଲାଣି ଓ ବହୁ ରୋଗର ପ୍ରତିଷେଧକ ଟିକା ଉଦ୍ଭାବନ ଉପରେ ନିରନ୍ତର ଗବେଷଣା ଚାଲୁ ରହିଛି । ପ୍ରତିଷେଧକ ବ୍ୟବସ୍ଥା ରୋଗ ମୂଳୋତ୍ପାଟନରେ ସାହାଯ୍ୟ କରେ- ଶିଶୁମାନଙ୍କ ଚିରାଚରିତ ଟିକା ଯଥା- ପୋଲିଓବୁନ୍ଦା, ବିସିଜି, ଡ଼ିପିଟି, ମିଳିମିଳା-ମମ୍ପସ୍‌ରୁବେଲା, ହେପାଟାଇଟିସ-ବି, ରାବିସ ଭାକ୍‌ସିନ, ଟିଟାନସ୍ ଟକ୍ସଏଡ଼, ଡ଼ିପ୍‌ଥେରିଆ-ଟିଟାନସ୍ ଟିକା, ରୁବେଲା ଟିକା ଛଡ଼ା ଅନେକ ନୂତନ ଟିକା ବାହାରିଲାଣି ଓ କେତେଗୁଡ଼ିଏ ପରୀକ୍ଷା ଅପେକ୍ଷାରେ ରହିଛି ।

ନୂଆ ଟିକାଗୁଡ଼ିକ ହେଲା: ହିମୋଫାଇଲସ୍ ଟାଇପ ବି: ଏହା ଏକ ଜୀବାଣୁଜନିତ ରୋଗ ଯଥା କାନପାଚିବା, ନିମୋନିଆ, ମସ୍ତିଷ୍କ ମେନିନ୍‌ଜାଇଟସ ଯାହା ଏହି ଜୀବାଣୁ ଦ୍ୱାରା ସାଧାରଣତଃ ହୋଇଥାଏ ତାକୁ ପ୍ରତିରୋଧ କରିଥାଏ । ଏହାର ତିନି ମାତ୍ରା ଇଞ୍ଜେକ୍ସନ ୧ ମାସ ବା ୨ ମାସ ବ୍ୟବଧାନରେ ଅଲଗା ବା ଅନ୍ୟ ଟିକା ସାଙ୍ଗରେ ଯଥା ଡ଼ିପିଟି ଯୁକ୍ତ ହେପାଟାଇଟିସ୍-ସି ସାଙ୍ଗରେ ମିଶାଇ ନେଇ ହେବ । ଏହି ଟିକା ଦେଢ଼ମାସ ବୟସରୁ ଆରମ୍ଭ ହେବ ।

ହେପାଟାଇଟିସ 'ଏ'- ଏହା ଏକ ଭୂତାଣୁଜନିତ ଯକୃତର ଜଣ୍ଡିସ ସୃଷ୍ଟିକାରୀ ରୋଗ ବର୍ଷାଦିନେ ବହୁଳ ଭାବରେ ଦୂଷିତ ପାଣି ଦ୍ୱାରା ବ୍ୟାପେ । ଏହା ଜଣକୁ ହେଲେ ସହଜରେ ସଂକ୍ରାମକ ରୂପ ଧାରଣ କରେ । ରୋଗୀ ଶରୀର ଆଖି, ପରିସ୍ରା ହଳଦିଆ ଦିଶିବା ସହ, ବାନ୍ତି ଓ କାଶ, ପେଟବ୍ୟଥା ଏବଂ ଭୋକ ମରିଯାଏ । ଦେଢ଼ମାସ ଶର୍ଯ୍ୟାଶାୟୀ ରହିବାକୁ ପଡ଼େ । ଏହାର ଟିକା ୧ ବର୍ଷ ବୟସ ପରେ ନେଇହୁଏ । ୨ ମାତ୍ରା ଇଞ୍ଜେକ୍ସନ ୬ ମାସରୁ ୧ ବର୍ଷ ବ୍ୟବଧାନରେ ଦିଆହୁଏ ।

ଚିକେନ ପକ୍ସ: ଏହା ଶୀତ ଋତୁରେ ଅଧିକ ହୁଏ । ବଡ଼ ବଡ଼ ଶିଶିର ଟୋପା ଭଳି ଫୋଟକା ବାହାରି ଅତ୍ୟଧିକ ଜ୍ୱର ହୁଏ- ବୟସ୍କ ଲୋକମାନଙ୍କୁ ଏହା ଅଧିକ ତୀବ୍ରତର ହୋଇଥାଏ, ପାଟିରେ ଘା' ହୋଇ, ଭୋକ ମରିଯାଏ, ଶରୀର ପୀଡ଼ା ହୁଏ, କାଶ ହୁଏ, ଅଳ୍ପ କେତେକ କ୍ଷେତ୍ରରେ ଘା' ଗୁଡ଼ିକ ପାଚିଯାଏ ଓ ମସ୍ତିଷ୍କକୁ ସଂକ୍ରମଣ କରିବାର ଆଶଙ୍କା ଥାଏ । ପିଲାମାନଙ୍କର ପରୀକ୍ଷା ସମୟରେ ଏହା ହେଉଥିବାରୁ ସେମାନେ ପରୀକ୍ଷାରୁ ବି ବଞ୍ଚିତ ହୁଅନ୍ତି । ଏକ ମାସ ପର୍ଯ୍ୟନ୍ତ ସ୍କୁଲରୁ ଅନୁପସ୍ଥିତ ରହିବାକୁ ପଡ଼ିଥାଏ । ଏହାର ଟିକା ୧ ବର୍ଷ ବା ୨ ବର୍ଷ ବୟସ ପରେ ଦେଇହେବ ।

ଟାଇଫଏଡ଼ ଟିକା : ଏହି ଟିକା ଯଦିଓ ପୁରୁଣା ସେଗୁଡ଼ିକ ଅଧିକ ଜ୍ୱର କରୁଥିବାର ଏବେ ନୂତନ ଶୈଳୀରେ କମ ସାଇଡ଼ ଇଫେକ୍ଟ ଥିବା ଟିକା ବାହାରିଛି, ଏହାକୁ ନେଲେ ତିନିରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ପ୍ରୋଟେକ୍ସନ ମିଳିଥାଏ । ଆମ ରାଜ୍ୟରେ ଟାଇଫଏଡ଼ ଏକ ଅଧିକ ଦିନ ଜ୍ୱର, ଝାଡ଼ା, କାଶର ମୁଖ୍ୟକାରଣ । ବାହାରେ ଖାଇବା ଦ୍ୱାରା ଏହା ହୋଇଥାଏ । ଏହାର ଟିକା ଦୁଇବର୍ଷ ପରେ ଇଞ୍ଜେକ୍ସନର ଗୋଟିଏ ମାତ୍ର ଦିଆଯାଏ- ୬ ବର୍ଷରୁ ଅଧିକ ପିଲା ପାଟିବାଟେ କ୍ୟାପସୁଲ ଆକାରରେ ଟିକା ଖାଇପାରିବେ ।

ଇନ୍‌ଫ୍ଲୁଏନ୍‌ଜା ଟିକା : ଏହା ପ୍ରତିବର୍ଷ ନେବାକୁ ପଡ଼େ । କେତେକ ଗୋଷ୍ଠୀର ରୋଗୀ ଯଥା ଏଡ୍‌ସ୍, ସିକିଲସେଲ୍, ଥାଲାସିମିଆ, କ୍ୟାନସର ରୋଗୀଙ୍କୁ ଟିକା ଦିଆଯାଇଥାଏ । ଅନ୍ୟ ପିଲା ମଧ୍ୟ ଏହି ଟିକା ନେଇପାରିବେ ।

ନିମୋକୋକାଲ ଟିକା : ଏହା ପ୍ଲୀହା କାଢ଼ି ଦିଆଯାଇଥିବା ଶିଶୁମାନଙ୍କୁ, ଏଡସ୍ ରୋଗୀ, ଥାଲାସେମିଆ ରୋଗୀ ଏମାନଙ୍କୁ ଦିଆଯାଇଥାଏ । ଏହାଛଡ଼ା ମେନେଙ୍ଗୋକୋକାଲ ମେନିନ୍‌ଜାଇଟିସ୍ ଓ ଜାପାନିଜ୍ ଏନସେଫାଲାଇଟିସ୍ ଟିକା ମଧ୍ୟ ବାହାରିଛଇ । ଏଗୁଡ଼ିକ ଏପିଡ଼େମିକ ସମୟରେ ଯଥା- ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଖରାଦିନେ ଏବଂ ଆମ ଓଡ଼ିଶାରେ କଳାହାଣ୍ଡିରେ ମେନିଙ୍ଗୋକୋକାଲ ମେନିନାଇଟିସର ଏପଡ଼େମିକ ହୁଏ । ତେଣୁ ଏହି ରୋଗ ଦେଖାଦେଲା ମାତ୍ରେ ଉପରୋକ୍ତ ଟିକା ସମସ୍ତେ ନେବା ଆବଶ୍ୟକ ।

ଜାପାନିଜ୍ ଏନସେଫାଲାଇଟିସ ଏକ ମାରାତ୍ମକ ରୋଗ- ଏହା ଅଧିକ ଦକ୍ଷିଣ ଭାରତରେ ଦେଖାଯାଏ- ଘୁଷୁରୀ ଓ ଘୁଷୁରୀ ଚରାଇବା ଲୋକଙ୍କଠାରେ ଏହା ଅଧିକ ଦେଖାଦିଏ ଓ ଆପେ ଏହାର ଟିକା ଏପିଡ଼େମିକ ସମୟରୁ ଦିଆଯାଏ ।

ଭବିଷ୍ୟତରେ ଟିକା : ମ୍ୟାଲେରିଆ, ଲେପ୍ରସି, ଏଡ଼ସ ବିଭିନ୍ନ ପ୍ରକାର କ୍ୟାନସର ଇତ୍ୟାଦି ଟିକା ପାଇଁ ଗବେଷଣା ଚାଲୁ ରହିଛି ।

ଟିକାଦାନ କାର୍ଯ୍ୟସୂଚୀ (ଭାରତୀୟ ଶିଶୁ ଚିକିତ୍ସକ ସଂଘ)

ଜନ୍ମବେଳେ- ପୋଲିଓ ବୁନ୍ଦା, ବିସିଜି, ହେପାଟାଇଟିସ୍ ବି

ଦେଢ଼ମାସ - ଡ଼ିପିଟି, ପୋଲିଓ, ହେପା.ବି, ହିମୋଫାଇଲସ୍ 'ବି'

ଅଢ଼େଇ ମାସ - ଡ଼ିପିଟି, ପୋଲିଓ, ହିମୋଫାଇଲସ 'ବି'

ସାଢ଼େ ତିନି ମାସ - ଡ଼ିପିଟି, ପୋଲିଓ, ହେପା.ବି, ହିମୋଫାଇଲସ 'ବି'

୯ ମାସ - ମିଳିମିଳା, ଭିଟାମିନ୍‌ଥ 'କ' ଦ୍ରବଣ

୧୨ ମାସ ପରେ- ହେପା.ଏ, ଚିକେନପକ୍ସ

୧୫ ମାସ - ଏମ.ଏମ.ଆର

୧୮ ମାସ - ଡ଼ିପିଟି ବୁଷ୍ଟର, ପୋଲିଓ ବୁଷ୍ଟର(୧) ହେପା.ଏ(୨), ହିମୋଫାଇଲସ ବୁଷ୍ଟର (୧)

୨ ବର୍ଷ - ଟାଇଫଏଡ଼

୫ ବର୍ଷ - ଡ଼ିପିଟି, ପୋଲିଓ ବୁଷ୍ଟର(୨)

୧୦ ବର୍ଷ - ଟି.ଟି.

୧୫ ବର୍ଷ - ଟି.ଟି.

ଏକ ସୁସ୍ଥ ନିରୋଗ ଶିଶୁ ପାଇଁ ଉପରୋକ୍ତ ଟିକା ଦେବା ଆବଶ୍ୟକ ।

# ସିଗାରେଟ୍ ଟାଣିବା ପରେ ତୁରନ୍ତ କୋଲ୍ଡ ଡ୍ରିଙ୍କ୍ ପିଉଛନ୍ତି କି ? ସାବଧାନ୍ ଶରୀରରେ ପଡିପାରେ ପ୍ରଭାବ

**ସିଗାରେଟ୍ ଏବଂ କୋଲ୍ଡଡ୍ରିଙ୍କ ଉଭୟ ମଣିଷ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। କିନ୍ତୁ ଏହି ତଥ୍ୟ ଜାଣିବା ସତ୍ତ୍ୱେ ଲୋକମାନେ ପ୍ରତିଦିନ ପିଇଥାଆନ୍ତି । ତଥାପି, କେବଳ ଅଳ୍ପ ଲୋକ ଉଭୟ ଜିନିଷ ଏକାଠି ପିଅନ୍ତି । ଆଜି ଆମେ ଆପଣଙ୍କୁ ଏହି ଆର୍ଟିକିଲରେ କହିବା ଯେ ଯଦି ଆପଣ ଉଭୟ ଜିନିଷକୁ ଏକାଠି ପିଅନ୍ତି ତେବେ ଆପଣଙ୍କ ଶରୀର ଉପରେ କ'ଣ ପ୍ରଭାବ ପଡ଼ିବ ? ଚାଲନ୍ତୁ ଜାଣିବା ଏହା ବିଷୟରେ...**

ନ୍ୟାସନାଲ ସେଣ୍ଟର ଫର ବାୟୋଟେକ୍ନୋଲୋଜି ସୂଚନା ଅନୁଯାୟୀ, ଯେତେବେଳେ ଆପଣ ପ୍ରତିଦିନ କୋଲ୍ଡଡ୍ରିଙ୍କ ପିଉଛନ୍ତି , ତେବେ ଆପଣଙ୍କ ଶରୀରରେ ଅଧିକ ଫ୍ରୁଟକୋଜ୍ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଥାଏ । ଏହା ଆମ ଶରୀରର ମ୍ୟୁଟନ୍ସ ଆହୁରି ବଢାଇଥାଏ । ଏଥି ସହିତ, ସିଗାରେଟରେ ଥିବା ନିକୋଟିନ୍ ମଧ୍ୟ ଆମ ଶରୀରରେ ଏସ୍ ମ୍ୟୁଟାନ୍ସର ପରିମାଣ ମଧ୍ୟ ବଢାଏ। ଏପରି ପରିସ୍ଥିତିରେ, ଯେତେବେଳେ ଆମେ ଏକତ୍ର ସିଗାରେଟ୍ ଏବଂ କୋଲ୍ଡ ଡ୍ରିଙ୍କ୍ସ ପିଉ ଏହା ଆମ ଶରୀର ପାଇଁ ବିପଦଜନକ ଅଟେ । ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ସିଡିସି) ର ରିପୋର୍ଟ ଅନୁଯାୟୀ, ସିଗାରେଟ୍ ଧୂଆଁ ଶରୀରର ପ୍ରାୟ ସମସ୍ତ ଅଙ୍ଗକୁ କ୍ଷତି ପହଞ୍ଚାଇଥାଏ । ଏହା ସହ ଅନେକ ରୋଗ ମଧ୍ୟ ସୃଷ୍ଟି କରିଥାଏ। ସିଗାରେଟ୍ ଟାଣିବା ଦ୍ୱାରା ଶ୍ୱାସକ୍ରିୟା, ରକ୍ତ ସଞ୍ଚାଳନ ପ୍ରଣାଳୀ, ପ୍ରଜନନ ପ୍ରଣାଳୀ, ଚର୍ମ ଏବଂ ଆଖି ତଥା ଆମର ଫୁସଫୁସକୁ ଖରାପ ପ୍ରଭାବିତ କରିଥାଏ । କେବଳ ଏତିକି ନୁହେଁ, ସିଗାରେଟ୍ ?ରେ ମଧ୍ୟ ଅନେକ ପ୍ରକାରର କର୍କଟ ରୋଗର ଆଶଙ୍କା ବଢିଥାଏ। ରିପୋର୍ଟ ଅନୁଯାୟୀ, ଫୁସଫୁସ କର୍କଟ ରୋଗରେ ଧୂମପାନ ଏକ ପ୍ରମୁଖ କାରଣ ହୋଇ ରହିଥାଏ।

ଗ୍ରୀଷ୍ମ ଋତୁରେ କୋଲ୍ଡଡ୍ରିଙ୍କ ପିଉଥିବା ଲୋକଙ୍କ ସଂଖ୍ୟା ବଢିଥାଏ । ଏହା ଆମ ଶରୀର ଉପରେ କେତେ ଖରାପ ପ୍ରଭାବ ପକାଇଥାଏ, ଆପଣ ଏହା ବିଷୟରେ ଜାଣିବାକୁ କେବେ ଚେଷ୍ଟା କରିଛନ୍ତି କି? ବାସ୍ତବରେ, ଫ୍ରୁଟକୋଜ୍ ବହୁ ପରିମାଣରେ କୋଲ୍ଡଡ୍ରିଙ୍କ୍ ?ରେ ରହିଥାଏ। ଏହି କାରଣରୁ ପେଟରେ ଚର୍ବି ଜମା ହୋଇଥାଏ । ଅନ୍ୟ ପଟେ, ଯେତେବେଳେ ଆମେ କୋଲ୍ଡଡ୍ରିଙ୍କ ପିଇବାର ପରିମାଣ ବଢିଥାଏ। ଏହା ଯକୃତ ଉପରେ ଅଧିକ ମାତ୍ରାରେ ପ୍ରଭାବ ପକାଏ। ମଦ୍ୟପାନ ନକରି ବି ଫ୍ୟାଟି ଲିଭର ରୋଗର ଆଶଙ୍କା ବଢିଥାଏ।



# ଏହି ବ୍ୟୁଟି ପ୍ରଡକ୍ଟରେ ରହିଥାଏ ବିପଜ୍ଜନକ କେମିକଲ୍ ! ବ୍ୟବହାର କରିବା ପୂର୍ବରୁ ଜାଣି ନିଅନ୍ତୁ ଏହା ବିଷୟରେ...



ମେକଅପ୍ ଇଣ୍ଡଷ୍ଟ୍ରି ବହୁତ ବଡ। ଯେଉଁଥିରେ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ପ୍ରତିଦିନ ନୂଆ-ନୂଆ କସମେଟିକ୍ ପ୍ରଡକ୍ଟ ଲଞ୍ଚ କରାଯାଏ । ଏହି ପ୍ରଡକ୍ଟ ଗୁଡ଼ିକ ବିଭିନ୍ନ ପ୍ରକାରର ଏବଂ ସେଗୁଡିକ ତିଆରି ଏବଂ ବ୍ୟବହାର କରିବାର ଉପାୟ ମଧ୍ୟ ଭିନ୍ନ ଅଟେ । ପ୍ରାୟତଃ ଦେଖାଯାଏ ଯେ ଲୋକମାନେ ଖାଦ୍ୟ ପଦାର୍ଥର ଲେବଲ୍ ପଢିନ୍ତି କିନ୍ତୁ ସେଥିରେ କେଉଁ ଜିନିଷ ଗୁଡିକ ମିଶ୍ରିତ ହୋଇଛି ତାହା ଦେଖିବା ପାଇଁ ମେକ୍ ଇନ୍ ଆଇଟମ ଗୁଡିକର ଲେବଲକୁ କେବେବି ଯାଞ୍ଚ କରନ୍ତି ନାହିଁ । ସୂଚନା ଅନୁଯାୟୀ ଅନେକ ଦ୍ରବ୍ୟରେ କ୍ଷତିକାରକ ରାସାୟନିକ ପଦାର୍ଥ ରହିଥାଏ । ଯାହା ତ୍ୱଚା ବା ଚର୍ମ ପାଇଁ ଭଲ ନୁହେଁ। ଏପରି କିଛି କସମେଟିକ୍ କମ୍ପାନୀ ଗୁଡିକ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ଉପାଦାନ ଉପରେ ନଜର ରଖନ୍ତି । ସେ ଏପରି ତିନୋଟି ସୌନ୍ଦର୍ଯ୍ୟ ଦ୍ରବ୍ୟକୁ କହିଛନ୍ତି ଯାହାକୁ ଏଡାଇବା ଉଚିତ୍।

ୱାଟରପ୍ରୁଫ୍ ମସ୍କାରା: ୱାଟରପ୍ରୁଫ୍ ମସ୍କାରା ତିଆରି କରିବା ପାଇଁ କମ୍ପାନୀ ଗୁଡିକ ଏଥିରେ ପର-ଆଣ୍ଡ-ପଲି-ଫ୍ଲୋରୋ ଆଲ୍କାଇଲ୍ ପଦାର୍ଥ ଯୋଗ କରିବାକୁ ପଡିଥାଏ। ଚରଇଝ ଅତ୍ୟନ୍ତ ବିପଜ୍ଜନକ ବୋଲି ବିବେଚନା କରାଯାଏ। ଯାହା କିଡନୀ, ହାଇ କୋଲେଷ୍ଟ୍ରଲ, ବନ୍ଧ୍ୟାକରଣ ଏବଂ ମସ୍ତିଷ୍କ ରୋଗ ମଧ୍ୟ ସୃଷ୍ଟି କରିପାରେ । ମାନବ ଶରୀରର ପ୍ରତ୍ୟେକ ଅଙ୍ଗ ପାଇଁ ଚରଇଝ ବିପଜ୍ଜନକ ଅଟେ । ଚରଇଝ ର ସଂସ୍ପର୍ଶରେ ଆସିବା ଦ୍ୱାରା ଦୁର୍ବଳ ପ୍ରତିରୋଧକ ଶକ୍ତି, କେତେକ ପ୍ରକାରର କର୍କଟ, ମଧୁମେହ, ମୋଟାପଣ ଭଳି ସମସ୍ୟା ମଧ୍ୟ ଦେଖାଦେଇପାରେ।

ଡ୍ରାଇ ଶ୍ୟାମ୍ପୁ: ଡ୍ରାଏ ସାମ୍ପୁ ମଧ୍ୟ କେବେବି ବ୍ୟବହାର କରାଯିବା ଉଚିତ୍ ନୁହେଁ। ଏହି ଡ୍ରାଏ ସାମ୍ପୁରେ ବେନଜିନ ନାମକ ଏକ କ୍ଷତିକାରକ ରାସାୟନିକ ପଦାର୍ଥ ରହିଥାଏ। ଯାହାକି ଏକ କର୍କିନୋଜେନ । ଏହାର ଅଳ୍ପ ପରିମାଣରେ ବ୍ୟବହାର କର୍କଟ ରୋଗ ହେବାର ଆଶଙ୍କା ବଢାଇଥାଏ ।

କେଶ ସିଧା କରିବା କେମିକାଲ: କେଶ ସିଧା କରିବା ରାସାୟନିକ ପଦାର୍ଥ ଗର୍ଭାଶୟ କର୍କଟ ହେବାର ଆଶଙ୍କା ବଢାଇଥାଏ। ଏହା ମଧ୍ୟ ଓଭାରି ଏବଂ ସ୍ତନ କର୍କଟ ରୋଗର ଆଶଙ୍କା ବଢାଇପାରେ । କାରଣ ଏଥିରେ ପାରାବେନ୍ସ, ବିସଫେନଲ୍ ଏ ଏବଂ ଫର୍ମାଲଡିହାଇଡ୍ ପରି ବିପଜ୍ଜନକ ରାସାୟନିକ ପଦାର୍ଥ ରହିଥାଏ । ଏହି ସବୁ ସେମାନେ ସିଧାସଳଖ ଖପୁରିରେ ଅବଶୋଷିତ ହୁଏ।

# ଓର୍ଛା



ଜଙ୍ଗଲ ପାହାଡ଼ ପରିବେଷ୍ଟିତ ସ୍ଥାନଟିଏ। ଉଚ୍ଚକୋଟୀର କଳା, ସଂସ୍କୃତି ଓ ସ୍ଥାପତ୍ୟ ତା'ର ପରିଚୟ। ନିଜର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଏବଂ ଐତିହାସିକ ଗାଥାରେ ପର୍ଯ୍ୟଟକଙ୍କୁ ବିମୋହିତ କରାଇ ପାରୁଥିବା ଏହି କ୍ଷେତ୍ରଟି ହେଉଛି 'ଓର୍ଛା'।

ମଧ୍ୟପ୍ରଦେଶର ଉତ୍ତର ଭାଗରେ ବେଟୱା ନଦୀକୂଳରେ ଅବସ୍ଥିତ ଓର୍ଛା ଏକ ଛୋଟିଆ ସହର। ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ, ଏହି ସ୍ଥାନଟି ୧୫୩୧ ମସିହାରେ ବୁନ୍ଦେଲା ଶାସକଙ୍କ ଦ୍ୱାରା ଅବିଷ୍କୃତ ହୋଇଥିଲା। ଷୋଡଶ ଓ ସପ୍ତଦେଶ ଶତାବ୍ଦୀର ସଂସ୍କୃତି ଓ ସ୍ଥାପତ୍ୟକୁ ନିଜ ବକ୍ଷରେ ଧରି ରଖିଥିବା ବହୁ ମନ୍ଦିର ତଥା ବଡ଼ବଡ଼ ପ୍ରାସାଦ, ମହଲ ହେଉଛି ଓର୍ଛାର ବିଶେଷ ଆକର୍ଷଣ। ଏହି ମନ୍ଦିର, ପ୍ରାସାଦ ଗୁଡିକୁ ଇଣ୍ଡୋ-ଇସଲାମିକ୍ କଳାରେ ବୁନ୍ଦେଲା ଶାସକ ନିର୍ମାଣ କରିଥିଲେ ବୋଲି ପ୍ରସ୍ତରରେ ଲିପିବଦ୍ଧ ହୋଇଛି। ଓର୍ଛା ଠାରୁ ମାତ୍ର ୧୬ କିଲୋମିଟର ଦୂରରେ ଅବସ୍ଥିତ ଝାନ୍‌ସୀ ଦୁର୍ଗ ସେ ସମୟର ଏକ ଐତିହାସିକ ଗୌରବ ଯାହା ଦେଖିବାକୁ ପର୍ଯ୍ୟଟକ ମାନଙ୍କ ମନରେ ଥାଏ ଗଭୀର ଉତ୍କଣ୍ଠା। ଯଦିଓ ଓର୍ଛାର ପରିବେଶ ଗ୍ରୀଷ୍ମ ଜଳବାୟୁ ପାଇଁ ଆରାମଦାୟକ କିନ୍ତୁ ଶୀତଋତୁରେ ଏହି ସ୍ଥାନ ଭ୍ରମଣର ମଜା କିଛି ନିଆରା। ତେଣୁ ଏହି ଶୀତ ସରିଆସୁଥିବା ଆଉ ଖରା ଆରମ୍ଭ ହୋଇ ଆସୁଥିବା ପାଗରେ ଆସନ୍ତୁ ବୁଲିଯିବା ଓର୍ଛା। ତେବେ ଏଠାକୁ ଗଲେ ଆପଣ ଆହୁରି ଅନେକ ଐତିହ୍ୟ ପାଖରୁ ଦେଖିବାର ସୁଯୋଗ ମଧ୍ୟ ପାଇବେ।

ଦେଖିବେ କ'ଣ- ଜାହାଙ୍ଗୀର ମହଲ: ଓର୍ଛାର ସବୁଠାରୁ ସୌନ୍ଦର୍ଯ୍ୟମୟ ସ୍ଥାନ ହେଲା ଜାହାଙ୍ଗୀର ମହଲ। ଏହି ମହଲକୁ ରାଜା ବୀରସିଂହ ଜୁଦିଓ ନିର୍ମାଣ କରିଥିଲେ ମହଲରେ ମୁଖ୍ୟ ଆକର୍ଷଣ ହେଲା ଦୁଇଟି ହସ୍ତୀ। ଏଠାରେ ଇସଲାମିକ୍ ସ୍ଥାପତ୍ୟ କଳାରେ ପ୍ରାୟ ସବୁ ଐତିହାସିକ କିର୍ତ୍ତିରାଜି ନିର୍ମାଣ କରାଯାଇଛି।

ରାଜା ପ୍ରବୀଣ ମହଲ: ଏହି ମହଲ ସପ୍ତଦଶ ଶତାବ୍ଦୀରେ ରାଜା ଇନ୍ଦ୍ରମଣିଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ରାଜା ଇନ୍ଦ୍ରମଣି ତାଙ୍କ ପ୍ରିୟ ବାଦ୍ୟକାର କବିରାଜ ପ୍ରବୀଣଙ୍କ ସ୍ମୃତିରେ ଏହି ମହଲ ନିର୍ମାଣ କରିଥିଲେ। ଉକ୍ତ ପ୍ରାସାଦଟି ଦୁଇ ମହଲା ବିଶିଷ୍ଟ। ରାଜା ପ୍ରବୀଣ ମହଲ ନିକଟରେ ଥିବା ଫ୍ଲାୱାର ଗାର୍ଡେନ୍ ଓ ଆନନ୍ଦ ମହଲ ମଧ୍ୟ ବେଶ୍ ଚିତ୍ତାକର୍ଷକ ଓ ଆମୋଦଦାୟକ।

ଚତୁର୍ଭୁଜ ମନ୍ଦିର: ରାଜା ମଧୁକର ୧୫୫୮ ମସିହାରୁ ୧୫୭୩ ମସିହା ମଧ୍ୟରେ ଏହି ମନ୍ଦିରକୁ ନିର୍ମାଣ କରିଥିଲେ। ପ୍ରଥମେ ଏହି ମନ୍ଦିରରେ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମା ପୂଜା ପାଉଥିଲା, କିନ୍ତୁ ପରେ ବିଷ୍ଣୁଙ୍କ ପ୍ରତିମା ପୂଜା ପାଇ ଆସୁଛି।

ରାମ ରାଜା ମନ୍ଦିର: ପ୍ରଭୁ ଶ୍ରୀରାମଙ୍କ ପ୍ରତିମାକୁ ରାଜା ମଧୁର ଶାହା ନିଜ ପତ୍ନୀଙ୍କ ସହ ଅଯୋଧ୍ୟାରୁ ଓର୍ଛାକୁ ଆଣିଥିଲେ। ଉଭୟ ରାଜାରାଣୀ କୃଷ୍ଣ ଭକ୍ତ ହୋଇଥିବାରୁ ସେହି ମନ୍ଦିରର ସ୍ଥାପତ୍ୟକୁ ନିଜ ସାଧନାର ସହ ପୂର୍ଣ୍ଣ କରିଥିଲେ। ଗତକାଲିର ଚାରୁ ଚିତ୍ରକଳା ଓ ସଂସ୍କୃତିର ନିଖୁଣ ସ୍ଥାପତ୍ୟକୁ ନେଇ ଆଜି ଭ୍ରମଣକାରୀଙ୍କ ପାଇଁ ମୁଖ୍ୟ ଐତିହାସିକ ଓ ପର୍ଯ୍ୟଟନସ୍ଥଳ ସାଜିପାରିଛି ଓର୍ଛା।

ଲକ୍ଷ୍ମୀନାରାୟଣ ମନ୍ଦିର: ଏଠାକାର ଲକ୍ଷ୍ମୀନାରାୟଣ ମନ୍ଦିର ଆକୃତି ଅତୀବ ମନମୁଗ୍ଧକର। ୧୬୨୨ ଖ୍ରୀଷ୍ଟାବ୍ଦରେ ରାଜା ବୀର ସିଂହଦେଓଙ୍କ ଦ୍ୱାରା ନିର୍ମିତ ଏହି ସ୍ଥାପତ୍ୟ ରାଜ୍ୟ ଓ ରାଜ୍ୟ ବାହାରେ ବେଶ ପ୍ରସିଦ୍ଧି ଲାଭ କରିଛି। ଏହାର ଆକୃତି ଏକ ଦୁର୍ଗ ସଦୃଶ। ଏଠାକୁ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକ ଲକ୍ଷ୍ମୀନାରାୟଣଙ୍କ କୃପା ପାଇବାକୁ ଆଦୌ ଭୁଲନ୍ତି ନାହିଁ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉଚ୍ଚାରଣ ଓ ଆଚରଣ...

ଗଣତନ୍ତ୍ରର ଏକ ମୁଖ୍ୟ ଆଧାର ହେଉଛି ଜନମତ, ଅର୍ଥାତ୍ ଜନସାଧାରଣ ଯାହାଙ୍କୁ ପସନ୍ଦ କରିବେ, ସେଇ ନେତାମାନେ ହିଁ ସେମାନଙ୍କୁ ଶାସନ କରିବେ । ଅଧିକାଂଶ ସମୟରେ ଭାରତକୁ ଗଣତନ୍ତ୍ରର ଜନନୀ କୁହାଯାଉଥିଲେ ସୁଦ୍ଧା ଏହି ଜନନୀର ମର୍ଯ୍ୟାଦାକୁ କ୍ୱଚିତ୍ ସୁରକ୍ଷିତ ରଖା ଯାଉଛି, କାରଣ ଜନନୀ ବା ମାଆଟିଏ କେବେହେଲେ ତା'ର ପିଲାମାନଙ୍କୁ ଶ୍ରୁତିକଟୁ ହେଲା ଭଳି ଅପଶବ୍ଦ ବା ଭାଗ ଭାଗ କରି ଦେବା ଭଳି କଥା କହି ନଥାଏ। ସେ ଯାହାହେଉ, ସାମ୍ପ୍ରତିକ ସମୟର ନିର୍ବାଚନଗୁଡ଼ିକରେ କିନ୍ତୁ ନେତାମାନଙ୍କର ଉଚ୍ଚାରଣ ଓ ଆଚରଣ ନିମ୍ନଗାମୀ ହେଉଥିବା ଦେଖିବାକୁ ମିଳୁଛି, ଯାହାକୁ ନିୟନ୍ତ୍ରଣ କରିବା ଦେଶର ସାମ୍ବିଧାନିକ ସଂସ୍ଥା ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ । ଚଳିତ ଅଷ୍ଟାଦଶ ଲୋକସଭା ନିର୍ବାଚନରେ ସେହିଭଳି ନେତାମାନଙ୍କ ଉଚ୍ଚାରଣରେ କେତେକ ତ୍ରୁଟି ଦେଖିବାକୁ ମିଳିଛି ଯାହାକୁ ନେଇ ଇସିଙ୍କ ନିକଟରେ ଅଭିଯୋଗମାନ ହୋଇଛି । ବିଳମ୍ବରେ ହେଲେ ସୁଦ୍ଧା ଇସି ଦେଶର ଦୁଇ ପ୍ରମୁଖ ଜାତୀୟସ୍ତରୀୟ ରାଜନୀତିକ ଦଳ ବିଜେପି ଏବଂ କଂଗ୍ରେସକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଜାତି, ସମ୍ପ୍ରଦାୟ, ଭାଷା ଏବଂ ଧର୍ମ ଆଧାରରେ ଜନମତ ଲୋଡ଼ିବା ପାଇଁ ପ୍ରଚାର କରିବାରୁ କ୍ଷାନ୍ତ ରହିବାକୁ। ଏଥି ସହିତ ପଶ୍ଚିମବଙ୍ଗର ତାମଲୁକ ଲୋକସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଲଢୁଥିବା ବିଜେପି ପ୍ରାର୍ଥୀ ଅଭିଜିତ୍ ଗଙ୍ଗୋପାଧ୍ୟାୟଙ୍କୁ ପ୍ରଚାର କାଳରେ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀଙ୍କ ଉପରେ 'ନିମ୍ନ-ସ୍ତରର ବ୍ୟକ୍ତିଗତ ଆକ୍ଷେପ' କରିଥିବା ଯୋଗୁଁ ନିର୍ବାଚନ କମିଶନ ଭର୍ତ୍ସନା କରିଛନ୍ତି, ଯାହା ସବୁ ରାଜନୀତିକ ଦଳଙ୍କ ପାଇଁ ଏକ ଦୃଢ଼ ଚେତାବନୀ ହୋଇଛି ଯେ ସେମାନେ ଶାଳୀନତାର ସୀମା ଲଂଘନ କରିବା ଅନୁଚିତ। ନିର୍ବାଚନ ମଇଦାନରେ ଦୁଇ ପ୍ରମୁଖ ଖେଳାଳି ବିଜେପି ଏବଂ କଂଗ୍ରେସକୁ ଏହାଙ୍କର ବାର୍ତ୍ତାରେ ନିର୍ବାଚନ କମିଶନ ଯଥାର୍ଥରେ ଦର୍ଶାଇଛନ୍ତି ଯେ ଭାରତର ସାମାଜିକ-ସାଂସ୍କୃତିକ ପରିବେଶକୁ ନିର୍ବାଚନ ପାଇଁ ବଳି ପକାଇ ଦିଆଯାଇ ପାରିବ ନାହିଁ । ଏହାଙ୍କ ନିକଟରେ ଦାଖଲ କରାଯାଇଥିବା ଅଭିଯୋଗର ପ୍ରାୟ ଗୋଟିଏ ମାସ ପରେ ଇସିଆଇ ବର୍ତ୍ତମାନ ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ପତ୍ର ଲେଖୁଛନ୍ତି ତାଙ୍କର 'ତାରକା ପ୍ରଚାରକ'ମାନଙ୍କୁ ଏଭଳି କୌଣସି ବିବୃତି ନ ଦେବା ପାଇଁ କହିବାକୁ ଯାହା 'ସମାଜକୁ ଭାଗ ଭାଗ କରିଦେଇ ପାରେ।' ଇସିଆଇଙ୍କର ଏହି ପତ୍ର ମେ' ୧୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ହୋଇଥିବା ଏକ ଅଭିଯୋଗର ପ୍ରତିକ୍ରିୟା ସ୍ୱରୂପ ଲେଖା ଯାଇଛି। ଅଭିଯୋଗ ହୋଇଥିଲା ଯେ ଶ୍ରୀଯୁକ୍ତ ମୋଦୀ ରାଜସ୍ଥାନର ବାଂଶୱାଡ଼ାଠାରେ ନିଜର ଭାଷଣ କାଳରେ ମୁସଲମାନମାନଙ୍କୁ 'ଅନୁପ୍ରବେଶକାରୀ' ଓ 'ଅଧିକ ସନ୍ତାନସନ୍ତତି ଥିବା ଲୋକମାନେ' କହିଥିଲେ । ମୋଟାମୋଟି ସମ୍ପ୍ରତି ଇସିଆଇ ଦାବି କରିଛନ୍ତି ଯେ ବିଜେପି ସେହି ଧାରାରେ ପ୍ରଚାର କରିବାରୁ ନିବୃତ୍ତ ରହିବା ଉଚିତ ଯାହା ସମାଜକୁ ଭାଗ ଭାଗ କରିଦେବାର ସମ୍ଭାବନା ବହନ କରେ। ସେହିଭଳି ଇସି ଶ୍ରୀଯୁକ୍ତ ଗଙ୍ଗୋପାଧ୍ୟାୟ, ଯିଏକି ଏଇ କିଛି ଦିନ ପୂର୍ବ ପର୍ଯ୍ୟନ୍ତ କଲିକତା ହାଇକୋର୍ଟର ଜଣେ ବିଚାରପତି ଥିଲେ, ତାଙ୍କ ଉଚ୍ଚାରଣଗୁଡ଼ିକ ଉପରେ ସଂଯମତା ଆଚରଣ କରିବାର ବାର୍ତ୍ତା ପ୍ରଦାନ କରିବାକୁ ଯାଇ ଇସି ତାଙ୍କ ଶବ୍ଦଗୁଡ଼ିକ କିପରି 'ପଶ୍ଚିମବଙ୍ଗ ରାଜ୍ୟ, ଯାହାର ମହିଳାମାନଙ୍କ ପ୍ରତି ସ୍ୱତନ୍ତ୍ର ସମ୍ମାନ ରହିଛି, ସେଥି ପ୍ରତି କୁଖ୍ୟାତି ଏବଂ କ୍ଷତି ପହଞ୍ଚାଇବା ଭଳି ହୋଇଛି', ତାହା ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଏକଥା କହିଛନ୍ତି ଯେ ତାଙ୍କ ମନ୍ତବ୍ୟଗୁଡ଼ିକ ନିନ୍ଦନୀୟ, କାରଣ ସେ ନିଜେ ଏକ ସାମ୍ବିଧାନିକ ପଦବୀରେ କାର୍ଯ୍ୟ କରୁଥିଲେ। ଇସିଙ୍କ ନିର୍ଦ୍ଦେଶନାମାଗୁଡ଼ିକ ନିର୍ବାଚନ ଖେଳରେ ଯେଉଁ ଢଙ୍ଗରେ ପ୍ରମୁଖ ଖେଳାଳିମାନେ ପ୍ରଚାର କରୁଛନ୍ତି, ବସ୍ତୁତଃ ତା'ର ଏକ ସାର୍ବଜନୀନ ନିନ୍ଦାକୁ ପ୍ରତିଫଳିତ କରୁଛି । ତେବେ ଏହା ବହୁତ ବିଳମ୍ବରେ ହୋଇଛି ବୋଲି କୁହାଯାଇ ପାରିବ। ଅଷ୍ଟାଦଶ ଲୋକସଭା ନିର୍ବାଚନ ଖେଳରେ ଯେଉଁ ଖେଳାଳିମାନେ ଅବତୀର୍ଣ୍ଣ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଶକ୍ତିଶାଳୀ ଖେଳାଳିମାନେ ସାମାଜିକ ବାତାବରଣକୁ ସେମାନଙ୍କ ନିର୍ବାଚନ ପ୍ରଚାର କାଳରେ ନଷ୍ଟଭ୍ରଷ୍ଟ କରିଥିଲେ ସୁଦ୍ଧା ଇସି ତା' ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବା ପରିବର୍ତ୍ତେ ବିଳମ୍ବ କରି ସେମାନଙ୍କ ପକ୍ଷରେ ଛିଡ଼ା ହୋଇ ନାହାନ୍ତି ବୋଲି କହିବା ଭୁଲ୍ ହେବ କି ? ତଥ୍ୟ ହେଉଛି ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ବକ୍ତବ୍ୟରୁ ରୋକିବା ନିମନ୍ତେ ଏତେ ବିଳମ୍ବରେ ପଦକ୍ଷେପ ନିଆଯିବା ତାଙ୍କୁ ଇତ୍ୟବସରରେ ଅଧିକରୁ ଅଧିକ ସେଭଳି ମନ୍ତବ୍ୟ ପ୍ରଦାନ କରିବାକୁ ସାହସ ଯୋଗାଇଛି ଯାହାର ପରିଣତି ହେଉଛି ତାଙ୍କର ସଦ୍ୟତମ ଉପହାସ– ଯେ ପୁରୀ ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ଚୋରି ହୋଇ ଯାଇଥିବା ଚାବି ହୁଏତ ତାମିଲନାଡୁ ଚାଲି ଯାଇଥବା।ସ୍ମରଣ କରାଇ ଦିଆଯାଇପାରେ କି, ଶ୍ରୀଯୁକ୍ତ ମୋଦୀ ଉତ୍ତରପ୍ରଦେଶରେ ତାଙ୍କର ଶ୍ରୋତାମାନଙ୍କୁ କହିଥିଲେ ଯେ ଦକ୍ଷିଣର 'ଇଣ୍ଡିଆ' ମେଣ୍ଟ ନେତାମାନେ ଉତ୍ତରପ୍ରଦେଶର ଲୋକମାନଙ୍କ ବିରୁଦ୍ଧରେ ଖରାପ କଥାମାନ କହୁଛନ୍ତି। ଜନ ପ୍ରତିନିଧି ଆଇନ ଏବଂ ଭାରତୀୟ ଦଣ୍ଡବିଧି ସଂହିତା ନିର୍ଦ୍ଦିଷ୍ଟ ଭାବରେ ଏଭଳି କଥାମାନ କହିବାକୁ ନିଷେଧ କରିଛନ୍ତି, କିନ୍ତୁ କୌଣସି ଅନୁଷ୍ଠାନ ପ୍ରଧାନମନ୍ତ୍ରୀଙ୍କୁ ଏକଥା ଏଯାବତ୍ ସ୍ମରଣ କରାଇ ଦେବାକୁ ଉଚିତ ମନେକରି ନାହାନ୍ତି। ଉଲ୍ଲେଖଯୋଗ୍ୟ କି, ନିର୍ବାଚନ ନିୟନ୍ତ୍ରକ ବର୍ତ୍ତମାନ ଯେତିକି କରିଛନ୍ତି, କେବଳ ସେତିକି ହିଁ କରି ପାରିବେ । ତେବେ ଯେଉଁମାନେ ଜନ ଜୀବନରେ ରହିଛନ୍ତି, ସେମାନଙ୍କ ଉପରେ ନିର୍ଭର କରୁଛି ସେମାନେ ନିଜକୁ ଏଭଳି ଢଙ୍ଗରେ ଉପସ୍ଥାପନ କରିବା ଉଚିତ ଯେପରିକି ସେମାନେ ଯେଉଁ ଅନୁଷ୍ଠାନଗୁଡ଼ିକର ପ୍ରତିନିଧି କରୁଛନ୍ତି, ସାଧାରଣ ଲୋକେ ସେହିସବୁ ଅନୁଷ୍ଠାନ ଉପରେ ନିଜର ଆସ୍ଥା ବଜାୟ ରଖିବେ।



# ଶିକ୍ଷା ପାଇଁ ଋଣ, ବିନା ବନ୍ଧକରେ ମିଳିପାରିବ କି ?

### ଡକ୍ଟର ତପନ କୁମାର ପାଲ

ଆଜିର ସମୟରେ ପିଲାମାନଙ୍କ ପାଠପଢ଼ା ହେଉ ବା ଗବେଷଣା କ୍ଷେତ୍ରରେ ଉଚ୍ଚତର ଅଧ୍ୟୟନ ନିମିତ୍ତ ପ୍ରାୟତଃ ଋଣ କରିବାକୁ ଚାହିଁଥାନ୍ତି। ଭାରତର ବିଭିନ୍ନ ଜାତୀୟକରଣ, ବ୍ୟବସାୟିକ, ଗ୍ରାମୀଣ ଓ ଅନ୍ୟାନ୍ୟ ବ୍ୟାଙ୍କମାନେ ମଧ୍ୟ ନିର୍ଦ୍ଦିଷ୍ଟ ନୀତିନିୟମକୁ ବିଚାର କରି ଶିକ୍ଷା ପାଇଁ ଋଣ ପ୍ରଦାନ କରିଥାନ୍ତି। ଅନେକ ସମୟରେ ଶିକ୍ଷା ପାଇଁ ଋଣ ନେବା ସମୟରେ ବ୍ୟାଙ୍କ ପକ୍ଷରୁ ଅସହଯୋଗ ମିଳୁଥିବାର କେହି କେହି କୁହନ୍ତି। ଅନ୍ୟପଟେ ଶିକ୍ଷା ପାଇଁ ଋଣ ନେଇ ଏହା ଅନ୍ୟତ୍ର ବିନିଯୋଗ କରି ସେପରି ମଧ୍ୟ କିଛି କିଛି ଖବର ପ୍ରକାଶ ପାଇଥାଏ। ଭାରତର ବିଭିନ୍ନ ବ୍ୟାଙ୍କମାନେ ଆଜିକାଲି ବେଶ ସହଜରେ ଶିକ୍ଷା ପାଇଁ ଋଣ ପ୍ରଦାନ କରୁଛନ୍ତି। କେନ୍ଦ୍ର ସରକାର ଏକ ମଜଭୁତ ଅର୍ଥନୀତିକୁ ଗୁରୁତ୍ୱ ଦେଉଥିବାବେଳେ ପିଲାମାନଙ୍କ ଉଚ୍ଚଶିକ୍ଷା ନିମିତ୍ତ ଶିକ୍ଷାଋଣ ନେଇ ଅନେକ ଅସଙ୍ଗତିର ସମାଧାନ ସବୁ କରିଦେଇଛନ୍ତି। ଶିକ୍ଷା ପାଇଁ ଋଣ ଚାହୁଁଥିବା କଲେଜ ପଢୁଆ ପିଲାମାନେ ମଧ୍ୟ ନିଜେ ନିଜର ମୋବାଇଲ ଫୋନର ସୂଚନା ବ୍ୟବସ୍ଥା ଦ୍ୱାରା ଏ ନେଇ ଅନଲାଇନରେ ସମସ୍ତ ପ୍ରକାର ଯୋଗାଯୋଗ କରି ନିଜର ଜ୍ଞାତବ୍ୟ ତଥ୍ୟ ପାଇପାରୁଛନ୍ତି। ଭାରତର ବିଭିନ୍ନ ବ୍ୟାଙ୍କ ଶିକ୍ଷା ପାଇଁ ଋଣ ଦେଉଥିଲେ ମଧ୍ୟ ସବୁଠାରୁ ବିଶ୍ୱସନୀୟର ସହ ପ୍ରଥମେ ରହିଛି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ। ମେଧାବୀ ଓ ଗବେଷଣାରେ ରତ ଉଚ୍ଚଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷାଋଣ ଦେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କେବଳ ଅର୍ଥନୀତି ନୁହେଁ ଭାରତର ଶିକ୍ଷାନୀତିକୁ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନ ଦେଉଛି। ତେବେ ବିନା ବନ୍ଧକରେ ଶିକ୍ଷା ପାଇଁ ଋଣ ସମ୍ଭବ କିମ୍ବା ନାହିଁ ଏ ନେଇ ଛୋଟିଆ ଆଲୋଚନାଟି ରଖୁଛୁ।

ବ୍ୟାଙ୍କମାନେ ଋଣ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଧାରଣତଃ ଋଣ ଦେବାବେଳେ କିଛି ବନ୍ଧକ ରଖନ୍ତି। ମାତ୍ର ଆର୍ଥିକ ଭାବେ ଦୁର୍ବଳ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଋଣ କୌଣସି ବନ୍ଧକ ନ ରଖିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶନାମା ରହିଛି। ଶିକ୍ଷାଋଣରେ ଛାତ୍ରଛାତ୍ରୀଙ୍କ ସହ ତାଙ୍କ ପିତାମାତା ଓ ଅଭିଭାବକଙ୍କୁ ସହ ଆବେଦନକାରୀ ଭାବରେ ନିଆଯାଇଥାଏ। ସାଧାରଣତଃ ସାଢ଼େ ସାତ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେବା ପାଇଁ କେବଳ ଗ୍ୟାରେଣ୍ଟି ଓ ତା'ଠାରୁ ଅଧିକ ଋଣ କ୍ଷେତ୍ରରେ ବନ୍ଧକ ଆବଶ୍ୟକ ହୋଇଥାଏ। ତେବେ ଆଜିକାଲି ଅନେକ ବ୍ୟାଙ୍କ ଆଇ.ଆଇ,ଟି, ଆଇ.ଆଇ.ଏମ୍ ଓ ଏନ.ଆଇ.ବି. ଭଳି ଉଚ୍ଚ ମାନ୍ୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଅଧିକ ପରିମାଣରେ ଋଣ ପାଇଁ ମଧ୍ୟ ବନ୍ଧକ ଛାଡ଼ କରୁଛନ୍ତି।

ଅନେକଙ୍କ ଭିତରେ ସୁଧ ପ୍ରସଙ୍ଗକୁ ନେଇ ଟିକିଏ ସମସ୍ୟା ରହିଥାଏ। ବାସ୍ତବ କଥା ହେଉଛି ସ୍ୱାଧୀନ ଭାବେ ସୁଧର ହାର ସ୍ଥିର କରିବା ପାଇଁ ବ୍ୟାଙ୍କ ମାନଙ୍କର ଅଧିକାର ରହିଛି। ଋଣ ପାଇଁ ମାନକ ସୁଧହାର (ବେଞ୍ଚମାର୍କ ଲେଣ୍ଡିଂ ରେଟ) ସହ ରିସ୍କ ପ୍ରିମିୟମ ମିଶାଇ ଏହି ସୁଧହାର ସ୍ଥିର କରାଯାଇଥାଏ। ଆଜି ଦିନରେ ମୁଖ୍ୟ ବ୍ୟବସାୟିକ ବ୍ୟାଙ୍କ ଗୁଡ଼ିକ ଶିକ୍ଷାଋଣ ଉପରେ ପ୍ରାୟ ୯ରୁ ୧୪ ପ୍ରତିଶତ ସୁଧ ଧାର୍ଯ୍ୟ କରୁଛନ୍ତି। ଉଚ୍ଚ ମାନ୍ୟତା ପ୍ରାପ୍ତ ପାଠ୍ୟକ୍ରମ ଶିକ୍ଷାନୁଷ୍ଠାନ ତଥା ଅତ୍ୟନ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ବ୍ୟାଙ୍କମାନେ ସୁଧ କୋହଳ କରିବାର ଦେଖାଯାଏ। ସାଧାରଣତଃ ଋଣ ପରିଶୋଧ ଆରମ୍ଭ ନହେବା ପର୍ଯ୍ୟନ୍ତ ସରଳ ସୁଧ ହିସାବ କରାଯାଇଥାଏ।

ସର୍ବପ୍ରଥମେ ଜାଣନ୍ତୁ ଋଣର ପରିମାଣ କିପରି ହିସାବ କରାଯାଏ। ଶିକ୍ଷା ଋଣର ପରିମାଣ ନିରୂପଣ କରିବା ପାଇଁ ବ୍ୟାଙ୍କମାନେ ଯେଉଁସବୁ ଖର୍ଚ୍ଚ ବିଚାରକୁ ନିଅନ୍ତି, ସେଗୁଡ଼ିକ ହେଲା ପାଠ୍ୟକ୍ରମ ପାଇଁ ଟ୍ୟୁସନ ଫିସ, ହଷ୍ଟେଲ ଫିସ, ବହି, କମ୍ପ୍ୟୁଟର ଓ ଲାବେରେଟୋରୀ ଖର୍ଚ୍ଚ ଇତ୍ୟାଦି। ବିଲଡିଂ ଫଣ୍ଡ ଜମା ବା କସନ ମନି ଆଦି କଲେଜ ଟ୍ୟୁସନ ଫିସର ଶତକଡ଼ା ଦଶ ଭାଗ ମଧ୍ୟରେ ଥିଲେ, ତାହା ମଧ୍ୟ ବିଚାରକୁ ନିଆଯାଇପାରେ। ଏହାଛଡ଼ା ବିଦେଶରେ ପଢ଼ିବାକୁ ଯାଇଥିଲେ ଯାତ୍ରା ଖର୍ଚ୍ଚ ମଧ୍ୟ ହିସାବକୁ ନିଆଯାଏ। ମୋଟ ଆକଳନ କରାଯାଇଥିବା ଖର୍ଚ୍ଚରୁ ମାର୍ଜିନ କାଟି ଋଣର ପରିମାଣ ସ୍ଥିର କରାଯାଏ। ଆଇ.ବି.ଏ. ଦ୍ୱାରା ପ୍ରସ୍ତୁତ ସ୍କିମ ଅନୁସାରେ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାଋଣ ପାଇଁ ମାର୍ଜିନ ନିଆଯାଏ ନାହିଁ। ୪ଲକ୍ଷରୁ ସାଢ଼େ ୭ଲକ୍ଷ ଋଣ ପର୍ଯ୍ୟନ୍ତ ଦେଶ ଭିତରେ ଶିକ୍ଷା ପାଇଁ ୫ ପ୍ରତିଶତ ଓ ବିଦେଶରେ ଶିକ୍ଷା ପାଇଁ ୧୫ ପ୍ରତିଶତ ମାର୍ଜିନ ଧାର୍ଯ୍ୟ କରାଯାଇଛି । ଶିକ୍ଷାନୁଷ୍ଠାନରୁ ମିଳୁଥିବା ଶିକ୍ଷାବୃତ୍ତିକୁ ମାର୍ଜିନ ହିସାବରେ ବିବେଚନା କରାଯାଇପାରିବ।

ଋଣ ପରିଶୋଧର ବ୍ୟବସ୍ଥାଟି ହେଉଛି ସାଧାରଣତଃ ପାଠ୍ୟକ୍ରମ ଅବଧି ଶେଷ ହେବାର ୧ ବର୍ଷ ପର ଠାରୁ ଋଣ ପରିଶୋଧ ଆରମ୍ଭ ହୋଇଥାଏ ଏବଂ ପରିଶୋଧ ଅବଧି ୧୫ ବର୍ଷ ପର୍ଯ୍ୟନ୍ତ ରହିଥାଏ। ଏହି ବ୍ୟବସ୍ଥାରେ ଆୟକର ରିହାତିର ସୁଯୋଗ ରହିଛି। ଶିକ୍ଷାଋଣ ପାଇଁ ଦିଆଯାଉଥିବା ସୁଧ ଉପରେ ଆୟକର ରିହାତିର ବ୍ୟବସ୍ଥା ଅଛି। ଆଜିକାଲି ବିଭିନ୍ନ ବ୍ୟାଙ୍କ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାଋଣକୁ ସହଜ ଓ ସରଳ କରିବା ପାଇଁ ସର୍ତ୍ତରେ କିଛି କିଛି ପରିବର୍ତ୍ତନ କରୁଛନ୍ତି। ଏଣୁ ଋଣ ନେବା ପୂର୍ବରୁ ଏସବୁ ଯୋଜନାର ସର୍ତ୍ତଗୁଡ଼ିକୁ ଭଲ ଭାବେ ଅନୁଧ୍ୟାନ କରିବା ଜରୁରୀ। ଶିକ୍ଷା ପାଇଁ ଋଣ ନେବା ସମୟରେ ଆପଣ ଆଇନ ଅନୁମୋଦିତ ସମସ୍ତ ପ୍ରାମାଣିକ ତଥ୍ୟ ଓ ସୂଚନା କେବଳ ନିଜ ସୁବିଧା ପାଇଁ ନୁହେଁ ବ୍ୟାଙ୍କ ସହ ଦେଶର ଜଣେ ଯଥାର୍ଥ ନାଗରିକ ଭାବେ ଆପଣଙ୍କ ଦାୟିତ୍ୱ ନିର୍ବାହ କରନ୍ତୁ। ଯାହାଦ୍ୱାରା ପରବର୍ତ୍ତୀ ସମୟରେ ଶିକ୍ଷା ଋଣ ନେଇଥିବା ପିଲାଟି କୌଣସି ଅସୁବିଧାକୁ ସାମ୍ନା ନକରେ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ମୋ:୯୯୩୭୬୫୮୩୬୨




# ନବ ଉତ୍କଳର ନିର୍ମାତା 'କୃଷ୍ଣଚନ୍ଦ୍ର ଗଜପତି'

### ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର



ଲଗାଣ ବର୍ଷା । ଆଜକୁ ଚାରିଦିନ ଧରି ମୂଷଳ ଧାରାରେ ଅବିରାମ ବର୍ଷା । ସବୁ ଆଡ଼େ ପାଣି ଆଉ ପାଣି। ପାଣି ଚାରିଆଡୁ ସୁ ସୁ ହୋଇ ମାଡ଼ି ଆସୁଛି । ବନ୍ଧ ଡେଇଁ ପାଣି ବି ମାଡ଼ି ଆସୁଛି । ଚାରିଆଡ଼େ ଜଳର ପ୍ରଖର ସ୍ରୋତ ଓ ଠାଏଁ ଠାଏଁ ଭଉଁରୀ। ଭଉଁରୀ କାଟି, ବର୍ଷାରେ ଭିଜି, ଜୀବନକୁ ପାଣି ଛଡ଼ାଇ ସେଠାକୁ ଯିବ ବା କିଏ ? ସମସ୍ତେ ବିକଳ ହୋଇ ଭଗବାନଙ୍କୁ ଡାକୁଛନ୍ତି । ଗାଁ ଲୋକ ବର୍ଷାରେ ଅସ୍ପଷ୍ଟ ଭାବରେ ଦେଖିଲେ କେହି ଜଣେ ବନ୍ଧ ଉପରେ ଘାଇକୁ ବନ୍ଧାଉଛି । ଏବେ ଗାଁ ଲୋକେ ପରସ୍ପରକୁ ଡାକି, ଏକଜୁଟ ହୋଇ, କୋଡ଼ି ସାବୁଳ ଧରି ବନ୍ଧ ଆଡ଼କୁ ଆଗେଇଲେ ହେଲେ ଘାଇକୁ ବନ୍ଧାଇଛନ୍ତି ମହାରାଜା । ଲୋକେ ନିଜ ନିଜର ଆଖିକୁ ବି ବିଶ୍ୱାସ କରି ପାରିଲେ ନାହିଁ । ତେବେ ଘଟଣାଟି ସତଥିଲା । ସେ ଥିଲେ 'ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ । ସେ କେବଳ ମହାରାଜା ନୁହଁନ୍ତି, ଆମ ଓଡ଼ିଶାର ଜଣେ ପ୍ରଧାନମନ୍ତ୍ରୀ ।

ଉତ୍କଳ ମାଟିର ସେହି ବରପୁତ୍ର 'କୃଷ୍ଣଚନ୍ଦ୍ର ପାରଳା ଖେମୁଣ୍ଡିର ରାଜଗୃହରେ ରାଜା ଗୌରଚନ୍ଦ୍ର ଗଜପତି ଓ ରାଣୀ ରାଧାରାଣୀ ଦେବୀଙ୍କ କୋଳମଣ୍ଡନ କରି ସନ୍ତାନ ଭାବେ ୧୮୯୨ ମସିହା ଏପ୍ରିଲ ମାସ ୨୬ ତାରିଖରେ ଜନ୍ମ ହୋଇଥିଲେ । କୃଷ୍ଣଚନ୍ଦ୍ରଙ୍କର ପିତୃଷା ପଦ୍ମଲାଭ ଗଜପତି ବି ଜଣେ ସୁଶାସକ ଥିଲେ । ତାଙ୍କର ବାଲ୍ୟଶିକ୍ଷା ପ୍ରାବନ୍ଧିକ ଶ୍ୟାମସୁନ୍ଦର ରାଜଗୁରୁଙ୍କର ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି ରାଜପ୍ରାସାଦରେ ହିଁ ଆରମ୍ଭ ହୋଇଥିଲା । ମାତ୍ର ସେ ସର୍ବଦା ବିଳାସବ୍ୟସନଠାରୁ ଦୂରରେ ରହିବାକୁ ଅଧିକ ପସନ୍ଦ କରୁଥିଲେ। ତାଙ୍କର ବାଲ୍ୟଶିକ୍ଷା ବେଶ୍ ଠିକ୍ ଠାକ୍‌ରେ ଚାଲିଥାଏ ।

ହେଲେ ବିଧିର ବିଡ଼ମ୍ବନା ସମସ୍ତେ କୁଟାଖିଆ । କୃଷ୍ଣଙ୍କୁ ଯେତେବେଳେ ମାତ୍ର ତେର ବର୍ଷ ସେତେବେଳେ ପିତା ଗୌରଚନ୍ଦ୍ର ଗଜପତି ଆରପୁରକୁ ଚାଲିଗଲେ, ପିତୃବ୍ୟଙ୍କର ବିୟୋଗ ପିତା ମୃତ୍ୟୁର ଠିକ୍ ବର୍ଷକ ପରେ ଅର୍ଥାତ୍ ୧୯୦୫ରେ ହୋଇଥିଲା । କୋର୍ଟ ଅଫ୍ ୱାର୍ଡ ଦ୍ୱାରା ରାଜ୍ୟ ଶାସିତ ହେଲା। ଉଚ୍ଚଶିକ୍ଷା ପାଇଁ କୃଷ୍ଣଚନ୍ଦ୍ରଙ୍କୁ ମାଡ୍ରାଜ ସ୍ଥିତ 'ନିଉଙ୍ଗଟନ୍ ରାଜକୁମାର କଲେଜକୁ ପଠାଗଲା । କୃଷ୍ଣଚନ୍ଦ୍ର ତାଙ୍କର ଶିକ୍ଷା ସମାପ୍ତ କରି ପାରଳାକୁ ଫେରିଲେ ତ ଏପ୍ରିଲ ୧୯୧୩ରେ ସିଂହାସନ ଆରୋହଣ କଲେ । ରାଜା ହେବା ପରେ ସେ ମୁଖ୍ୟତଃ ଦୁଇଟି କଥାକୁ ଗୁରୁତ୍ୱ ଦେଲେ । ତାହା ହେଉଛି ଶିକ୍ଷା ଓ ଭାଷା, ରାଜ୍ୟ ଶାସନ ଭାର ପ୍ରାପ୍ତିର ସ୍ମାକୀ ସ୍ୱରୂପ ସେ କଟକ ସାହିତ୍ୟ ସମାଜକୁ ପାଞ୍ଚଶହ ଟଙ୍କା ଓ 'ସତ୍ୟବାଦୀ ଶିକ୍ଷାନୁଷ୍ଠାନ'କୁ ପାଞ୍ଚଶହ ଟଙ୍କା ପ୍ରଦାନ କରିଥିଲେ । ଛାତ୍ର ଜୀବନରୁ ବିଖଣ୍ଡି ଓଡ଼ିଶାବାସୀ ଚାରୋଟି ବିଭିନ୍ନ ପ୍ରଦେଶରେ ରହି ଦୁଃଖକଷ୍ଟ ଭୋଗୁଥିବାରୁ ସେଥିପାଇଁ ସେ ସର୍ବଦା ଚିନ୍ତିତ ଓ ବ୍ୟଥିତ ଥିଲେ ।

ତେଣୁ 'ଉତ୍କଳ ସମ୍ମିଳନୀ'ର ଦଶମ ଅଧିବେଶନ ୧୯୧୪ ମସିହା ଡିସେମ୍ବର ୨୬ ଓ ୨୭ ତାରିଖରେ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହୋଇ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରାଇବା ପାଇଁ ଦାବି ସମ୍ମିଳନୀରେ ସର୍ବସ ପ୍ରସ୍ତାବ ଭାବେ ଗୃହୀତ ହୋଇଥିଲା । ସମ୍ମିଳନୀରେ ସମସ୍ତଙ୍କ ମହାରାଜା ବିଭିନ୍ନ କରିଥିଲେ । ଏଥିରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ, ଗଙ୍ଗାଧର ମେହେର, ରାଧାନାଥ ରାୟ, ନବ କିଶୋର ଦାସ, ଗୋଦାବରୀଶ ମିଶ୍ରମାନଙ୍କ ପରି ଅନେକ ସାହିତ୍ୟିକ ଯୋଗ ଦେଇଥିଲେ । ୧୯୭୩ରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ (ଏବର ମୁଖ୍ୟମନ୍ତ୍ରୀ) ହୋଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାରୁ ବିଶ୍ୱନାଥ ଦାସ ଇସ୍ତଫା ଦେଲେ ଓ ବିଶ୍ୱନାଥ ଦାଶ ପରମବର୍ତ୍ତୀ ପ୍ରଧାନମନ୍ତ୍ରୀ ହେଲେ ।

ତାଙ୍କର ପ୍ରଥମ ପ୍ରଚେଷ୍ଟାରେ ୧୯୪୭ରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୮ରେ କଟକଠାରେ ହାଇକୋର୍ଟ ପ୍ରତିଷ୍ଠା ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଉତ୍କଳ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସହ 'ଡକ୍ଟରେଟ୍' ଉପାଧି ପ୍ରଦାନ କରିଥିଲେ। ୧୯୪୩ ମସିହାରେ ମହାରାଜାଙ୍କ ପ୍ରଧାନମନ୍ତ୍ରୀଙ୍କ ପଣ୍ଡିତ ଗୋଦାବରୀଶ ମିଶ୍ର ଶିକ୍ଷାମନ୍ତ୍ରୀଙ୍କ ମିଳିତ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ, ହାଇକୋର୍ଟ, କଟକର ବିଦ୍ୟାଧରପୁରଠାରେ ଧାନଗବେଷଣା କେନ୍ଦ୍ର, କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଉନ୍ନତି, ବାଲେଶ୍ୱର ପୁରୀ କଟକ ଓ ସମ୍ବଲପୁର ପରି ଜିଲ୍ଲାମାନଙ୍କର ମହାବିଦ୍ୟାଳୟମାନ ସ୍ଥାପିତ ହୋଇଥିଲା । ସେହିଭଳି ଓଡ଼ିଶାର ଅନେକ ଜନହିତକର କାର୍ଯ୍ୟ ସ୍ୱାସ୍ଥ୍ୟ, ସମବାୟ, ଚାଷ, ଜଳସେଚନ, ଗମନାଗମନ, ଶିଳ୍ପ ସଂସ୍କୃତି ପ୍ରଭୃତି ଦିଗରେ ଆର୍ଯ୍ୟ ଆଣସୋରିଆ ରେଳପଥ ନିର୍ମାଣ, ପାରଳାଠାରେ ନାରୀଶିକ୍ଷାର ପ୍ରସାର ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟର ସଂସ୍କୃତିର ପ୍ରଗତି ପାଇଁ ସଂସ୍କୃତ ମହାବିଦ୍ୟାଳୟ ନିଜ ଅର୍ଥରେ ନିର୍ମାଣ କରିଥିଲେ । ଯାତ ଓ ପର୍ବପର୍ବାଣୀକୁ ଉତ୍ସାହର ସହ ପାଳନ କରୁଥିଲେ। ଏହି ମହାନୁଭବ ମହାପୁରୁଷଙ୍କର ପରିଜାତ ବଳାଥିଲେ, ରାଜପ୍ରସାଦର ସାନଝିଅଙ୍କର କୋଳରେ ଓ ଅନେକ ଶୁଭେଚ୍ଛୁ ଓ ସହକର୍ମୀଙ୍କର ଉପସ୍ଥିତିରେ ଦେହତ୍ୟାଗ କଲେ। ସେ ଦିନ ଥିଲା ୧୯୭୪ ମସିହା ମେ ମାସ ୨୫ ତାରିଖ ଶନିବାର । ସେତେବେଳେ ତାଙ୍କୁ ୮୨ ବର୍ଷ । ସେ ମଲେ ବି ଆଜି ମଧ ତାଙ୍କର କର୍ମ ଓ କୀର୍ତ୍ତି ତାଙ୍କୁ ବଞ୍ଚାଇ ରଖିଛି । ଓଡ଼ିଶା ସରକାର ତାଙ୍କ ନାମରେ ବ୍ରହ୍ମପୁର ମେଡିକାଲ କଲେଜକୁ ନାମିତ କରିଛନ୍ତି । ସେ ଚିକିତ୍ସା ମହାବିଦ୍ୟାଳୟର ନାମ 'ମହାରାଜା କୃଷ୍ଣଚନ୍ଦ୍ର ଗଜପତି' ଚିକିତ୍ସା ମହାବିଦ୍ୟାଳୟ। ତାଙ୍କପରି ଦେଶପ୍ରେମୀ ତଥା ଜାତି ପ୍ରେମୀ ସତରେ ବିରଳ । ସେ ସଦାସର୍ବଦା କହୁଥିଲେ 'ମୋ ଜାତି ପୃଥିବୀର ଶ୍ରେଷ୍ଠ ଜାତି' । ଆଜି ତାଙ୍କର ଶ୍ରାଦ୍ଧ ଦିବସରେ ତାଙ୍କର ସେହି ଅନ୍ତରର କଥାକୁ ପ୍ରତ୍ୟେକ ଉତ୍କଳୀୟ ଆନ୍ତରିକତାର ସହ ଅନୁଭବ କରିବା ସହ ପାଳନ କଲେ ତାହାହିଁ ହେବ ଏ ଜାତିର ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।


ପ୍ରଜ୍ଞା ନୀଡ଼
(ବସନ୍ତ ବିହାର)
ଶୋଭାରାମପୁର, ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪







## ଆସିଛିରେ ନିର୍ବାଚନ

### ତୃପ୍ତିରାଣୀ ପାତ୍ର

ଆସିଛିରେ ଆମ ଦେଶର ପରବ
ଭାବିଚିନ୍ତି କରିବା ନିଜ ମତଦାନ
ଆମ ସୁଖଦୁଃଖ କଥା ଯିଏ ବୁଝୁଥିବ
ଗଣତନ୍ତ୍ର ଅଧିକାର ସାବ୍ୟସ୍ତ କରିବା
ପୁଣ ।
କାହାକୁ ବାଛିବା ହୃଦୟେ ପରଖି
ଯିଏ ଦେଖୁଥିବ ଦୁଃଖୀଦୁଃଖ ବେଶି
ସେହି ମଣିଷକୁ ଦେବାରେ ଜିତାଇ
ନିଜ ସିଦ୍ଧାନ୍ତରେ ରହି
ଚୟନ କରିବା ଉଚିତ ମଣି ।
ଭୋଟ୍ ପାଇଁ ହୃଦେ ଲାଳସା ନରଖି
ଲାଞ୍ଚମିଛ ଟଙ୍କା ମଦ ମାଂସ ନଖାଇ ।
ମନୋନୀତ ପ୍ରାର୍ଥୀଙ୍କୁ ଦେବା ଜିତାଇ
ତାଙ୍କର ବିଜୟ ଲକ୍ଷ୍ୟ ରଖି
ଉତ୍ତମ ନେତା ବାଛିବା ଭଉଣୀ
ଭାଇ।
ସଚ୍ଚୋଟ ନେତାଙ୍କୁ ରାଇଜ ଖୋଜୁଛି
ନିଃସ୍ୱାର୍ଥ ହୃଦୟେ ସମାଜ ସେବକ
ହୋଇ
ଉଚ୍ଚବାଚ ଜାତିଧର୍ମ ବର୍ଣ୍ଣ ଭେଦଭାବ
ତାଙ୍କ ହୃଦେ ବାସ ନାହିଁ
ପ୍ରକୃତ ନେତା ହୋଇବ ସେହି ?।
ରାଷ୍ଟ୍ରର ? ଉନ୍ନତିରେ ସମୟ ଦେଇ
ଧୈର୍ଯ୍ୟ ସାହସ ବୀରତ୍ୱପଣ ଦର୍ଶାଇ
ଆପଣା ସ୍ୱାର୍ଥକୁ ପଛରେ ପକାଇ
ସମୂହ ସ୍ୱାର୍ଥକୁ ଆଗରେ ଯିଏ ଥିବ
ରଖି ।
ମତ ଦାତା ନିଜ ବିବେକ ଖଟାଇ
ଟଙ୍କା ପଇସାର ପ୍ରଲୋଭନେ ନ ପଡ଼ି
ଉପଯୁକ୍ତ ପାର୍ଥୀ ଚୟନ କରି
ନିର୍ବାଚନ ଆମ ଦେଶର ପର୍ବ ହେ
ଭାଇ ।
ବଞ୍ଚିଥିଲେ ସର୍ବେ ପାଞ୍ଚ ବର୍ଷରେ ପୁଣି
ଏହି ଅଧିକାର ଛାଡ଼ିବା ନାହିଁ କେହି
ନିଜ ସ୍ୱାଭିମାନ ସାଫଲ୍ୟ କରି
ସୁଯୋଗକୁ ହାତଛଡ଼ା କରିବା ନାହିଁ
ରାଷ୍ଟ୍ରର ଉନ୍ନତି ପାଇଁ
ସେହି ଉତ୍ତମ ନେତାଙ୍କୁ ଆସ ଦେବା
ଜିତାଇ ।


ସହଦେବଖୁଣ୍ଟା ବାଲେଶ୍ୱର


## ଆଗ୍ନେୟଗିରି

### ନୂତନ କୁମାର ବେହେରା



ନିଷ୍ଠୁର ସମୟର ଘାତ ପ୍ରତିଘାତରେ
ମଣିଷର ସୁକୋମଳ ହୃଦୟଟା ତା' ସ୍ୱାର୍ଥରେ
ପାଲଟିଯାଏ ଭୟଙ୍କର ଆଗ୍ନେୟଗିରି
ସ୍ନେହ ଶ୍ରଦ୍ଧା ପ୍ରେମ ଦୟା କ୍ଷମା ଆଦି ସୁଗୁଣ
ସୁସଂପର୍କର ପରିଧି ଭିତରେ ବିତରଣ ନ କରି
ତା'ଠୁ ଅଭିଶାପର ଲାଭା ହୁଏ ଉଦ୍ଗୀରଣ
ସେ ଲେଲୀହାନ ଅଗ୍ନିର ସ୍ଫୁଲିଙ୍ଗରେ
ସବୁ ଜଳି ପୋଡ଼ି ହୁଏ ଧ୍ୱଂସସ୍ତୁପ
ଜୀବନ ଅନ୍ତର୍ଦାହରେ ବିଳାପେ, ହାୟରେ !
ଏ କି ଦୁର୍ଯ୍ୟୋଗ...ଭାଗ୍ୟର ବିଡ଼ମ୍ବନା
ଧୂଳିସାତ ହୋଇଗଲା ଯେତେ ସମ୍ଭାବନା
ମନ ଗଢ଼ିଥିଲା ଆଶାର ସୁଦୃଢ଼ ସୌଧ
ବିକାଶି ପ୍ରକାଶିବ ବୋଲି ତା' ଭାବ ଭାବନାକୁ
ଜୀବନର ଗତିପଥରେ ସେ ଯାତ୍ରା କରିବ ଅବାଧ
ଯା'କୁ ମଧୁର ପବିତ୍ର ସଂପର୍କ ଭାବିଥିଲା
ସେ ହେଲା ଅସମୟରେ ଏକ କାଳ ଗ୍ରହ
ତା' ଅନ୍ତରାୟରେ ଅନ୍ତ ହେଲା ସକଳ ସଦ୍ଭାବ
ଏଇଥି ପାଇଁ କି ଏ ଜନ୍ମ ଏ ଜୀବନ...
କାହିଁକି ଏ ଅନ୍ଧ ବୁଝାମଣାର ଘନଘଟା
ଏତେ ଅସହାୟତା ଆସେ କ'ଣ ବଞ୍ଚିବାରେ
ସହଯୋଗ ପାଇବା ହୁଏ ବୃଥା ଆଶା ଅଭିଳାଷ
ଶାନ୍ତିର ସାନ୍ତ୍ୱନା ଟିକିଏ ଦୁଷ୍ପ୍ରାପ୍ୟ ହୁଏ
ମିଳେନା ସମବେଦନାର ସହାନୁଭୂତି ଅନୁକମ୍ପା
ମିତ୍ର ଶତ୍ରୁ ସାଜି କରେ ମହାଯୁଦ୍ଧର ଘୋଷଣା
ହୃଦୟ ତାର ପାଲଟିଯାଏ ଆଗ୍ନେୟଗିରି
ଦେଖି ନ ପାରି ଆତ୍ମୀୟଜନର ଶିରୀ
ପାଲଟି ଯାଇ ରାକ୍ଷସ ହୁଏ ସେ ରକ୍ତମୁଖା
ସମାଜେ ପ୍ରେମୀଟିଏ ହୋଇ ପ୍ରତିହିଂସା ପରାୟଣ
ପ୍ରେମର ଚିରନ୍ତନ ସଂଜ୍ଞାକୁ କରେ ଅପଭ୍ରଂଶ
ଏ ପ୍ରେମ ନା ପାପ ଅର୍ଜିବାର କୁମାର୍ଗ
ମନରେ ସୃଷ୍ଟି କରେ ଦ୍ୱନ୍ଦ୍ୱ ଆଣେ ସଂଶୟ
ବାସ୍ତବତାର ହୋଇ ଚାଲେ ଅବକ୍ଷୟ
ଏ ଅବାଞ୍ଛିତ ଦୁର୍ବଳ ମାନସିକତାକୁ ଦୂରେଇ
ଅକ୍ଷୁର୍ଣ୍ଣ ରଖି ପାରିବାନି କି ମାନବବାଦରେ ଭାତୃତ୍ୱ
ସ୍ଥାପନ କରି ପାରିବାନି କି ଶାନ୍ତି ମୈତ୍ରୀ ପ୍ରୀତି
ମୃତ ନିଷ୍କ୍ରିୟ ହେବନି କି ହୃଦୟର ଆଗ୍ନେୟଗିରି... ?


କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨


## ସମୟ

### ସୁଧାଂଶୁ ଦ୍ୱିବେଦୀ



ସମୟ ଶବ୍ଦ
ସମୟ ବିରାମ
ସମୟ ଭିତରେ ନିହିତ
ସମସ୍ତ କ୍ରିୟାକଳାପ
ସମୟ ଭିତରେ ଫୁଟୁଥାଏ ଫୁଲ
ଋତୁ ଆସେ,ଋତୁ ଯାଏ
ମେଘ ବରଷେ
ଶୀତ ପରଷେ।

ସମୟ ଭିତରେ
ନିର୍ମାଣ ହୁଏ କଂକ୍ରିଟ କୋଠା
ମାର୍ବଲ ପ୍ରାସାଦ
ସୁ-ଉଚ୍ଚ ଅଟ୍ଟାଳିକା
କ୍ରମଶଃ ଦିନେ
ମାଟିରେ ମିଶିଯାଏ।

ସମୟ ବାହାରେ
କାହାରି ଅସ୍ତିତ୍ୱ ନାହିଁ
ନା ଝଡ଼-ବତାସର
ନା ବନ୍ୟା-ସୁନାମିର
ନା ଜୀବନ ଜୀଇଁବାର !!


ବିସି-୭୪,ସଲଟ ଲେକ,କଲକତା-୬୪
ମୋ-୯୬୮୧୩୭୩୫୧୨





# ପ୍ରାଣୀଙ୍କର ବଞ୍ଚିବାର ଅଧିକାର ଅଛି

ରମେଶ ଚନ୍ଦ୍ର ଦାଶ



ତେନ୍ତୁଳିଆ ବିଛାଟିଏ ହମିଦ୍‌ର ଦାଣ୍ଡ ପାହାଚରେ ଯାଉଥାଏ । ତାକୁ ଦେଖି ସେ ପାଟିକଲା ମାମା ଦଉଡ଼ିଆସ । ମାମା ପଚାରିଲେ, "କ'ଣ ହେଲା ? ଏତେ ବଡ଼ ପାଟି କରୁଛୁ କାହିଁକି ?" ହମିଦ୍ କହିଲା, "ବଡ଼ ବିଛାଟିଏ । କାଳେ କାମୁଡ଼ିଦେବ ସେଥିପାଇଁ ଡାକୁଛି । ଚଂଚଳ ଆସ । ସେ କୁଆଡ଼େ ଚାଲିଯିବ ।" ତା'ର ମାମା ଧାଇଁଆସିଲେ । ଦେଖିଲେ ତେନ୍ତୁଳିଆ ବିଛାଟିଏ । ସେ କହିଲେ, "ତୁ ଡରନା । ସେ କିଛି କରିବ ନାହିଁ । ତା' ବାଟରେ ସେ ଚାଲିଯିବ ।" ବିଛାଟି ହଲିହଲି ଚାଲିଗଲା । ତା'ର ଏତେ ଗୋଡ଼ ଦେଖି ହମିଦ୍ କେବଳ ଚାହିଁଥାଏ ।

କିଛିଦିନ ଗଲା । ହମିଦ୍‌ର ମାମା ତାକୁ ଡାକ ପକାଇଲେ । କାରଣ ତାଙ୍କ ଘରେ ଆଉ କେହି ନଥିଲେ । ତାର ବାପା କୋଲକତାରେ ଚାକିରି କରନ୍ତି । ହମିଦ୍ ପଚାରିଲା, "କ'ଣ ହେଲା ? ତୁମେ ଏମିତି ଡାକୁଛ ଯେ ।" ମାମା କହିଲେ, "ବିଛାଟେ । ତୁ ଶୀଘ୍ର ଆ । ସାଥିରେ ଗୋଟିଏ ବାଡ଼ି ଆଣିଥା ।" ହମିଦ କହିଲା, "ତୁମେ ତ କହୁଥିଲ ସେ ତା ବାଟରେ ପଳାଇବ । ସେ ତା ବାଟରେ ଯାଉ । ତୁମେ ଏତେ ବ୍ୟସ୍ତ କାହିଁକି ?" ମାମା କହିଲେ, "ନାଇଁରେ । ଏଇଟା ସେ ବିଛା ନୁହେଁ । ଏହା କାମୁଡ଼ିଲେ ଭାରି କଷ୍ଟ ହେବ ।" ହମିଦ୍ ସଙ୍ଗେ ସଙ୍ଗେ ଧାଇଁଆସିଲା । ସେ ତାକୁ ଦେଖି କହିଲା, "ମାମା, ଏ ତ କଙ୍କଡ଼ା ପରି ଦେଖାଯାଉଚି ।" ମାମା ଉତ୍ତର ଦେଲେ, "ହଁ ଏହା ହେଉଛି କଙ୍କଡ଼ା ବିଛା । ଆଗରୁ ଯେଉଁବିଛା ଦେଖିଥିଲୁ ଏହା ତା'ଠାରୁ ସଂପୂର୍ଣ୍ଣ ନିଆରା । ଏହାର ବିଷ ବହୁତ ମାରାତ୍ମକ । ତତେ କହିଥିଲି, ବାଡ଼ି ଆଣିଛୁଟି ?" ହମିଦ୍ କହିଲା, "ନାଁ ।" ତାର ମାମା କହିଲେ, "ତୁ ଶୀଘ୍ର ବାଡ଼ି ଆଣେ ନହେଲେ ସେ କୁଆଡ଼େ ପଳାଇବ ।" ହମିଦ୍ କିଛି କହିବା ପୂର୍ବରୁ ତା'ର ଦାଦା ପହଁଚିଗଲେ । ସେ ତ ଜଣେ ଶିକ୍ଷକ ।

ସେ କହିଲେ, "ଭାଉଜ, ବିଛାଟି ତୁମର କିଛି କ୍ଷତି କରୁନି । ତାକୁ ମାରିବାକୁ କହୁଛ କାହିଁକି ? ହମିଦ୍‌ର ମାମା କହିଲେ, "ତା'ର ବିଷ କଥା କ'ଣ ଜାଣିନ ? ସେ ଆମର କ୍ଷତି କରିବ ଅଥଚ ତାକୁ ଛାଡ଼ିଦେବା ?" "ନାଁ, ସେ ଆମର କିଛି ସେମିତି କ୍ଷତି କରୁନାହିଁ କି କରିବ ନାହିଁ । ଆମେ ତାର କିଛି କ୍ଷତି ନକରିବା ପର୍ଯ୍ୟନ୍ତ ସେ ଆମର କିଛି କ୍ଷତି କରିବ ନାହିଁ । ଠିକ୍ ଆମରି ପରି ସବୁ ପ୍ରାଣୀଙ୍କର ବଂଚିବାର ଅଧିକାର ଅଛି । ନିଜକୁ ବିପଦରୁ ରକ୍ଷା କରିବା ପାଇଁ ସମସ୍ତଙ୍କର କିଛି ନା କିଛି ବ୍ୟବସ୍ଥା ରହିଛି ।" ତେଣୁ ନମାରି ତାକୁ ତା' ବାଟରେ ଯିବାକୁ ଦିଅ ।"

ହମିଦ୍ ଦାଦାଙ୍କ କଥାରେ ତାଳିମାରିଲା । ସେ କହିଲା, "ମୁଁ ଏବେ ତାକୁ ମାରିଥିଲେ ପାପ କରିଥାଆନ୍ତି, ବୁଝିଲ ମାମା ।"

ହମିଦ୍ ଚାହିଁଥାଏ । କଙ୍କଡ଼ା ବିଛାଟି ଗୋଟିଏ ଗାତ ଭିତରେ ପଶିଗଲା । ସେ କହିଲା, "ମାମା ଆମ ଘରେ ଏଭଳି ଗାତ ଅଛି ବୋଲି ସେମାନେ ରହୁଛନ୍ତି, ପରିଷ୍କାର କରିଦେଲେ ସେମାନେ ତ ଆସିବେ ନାହିଁ ।" ତା'ର ମାମା ତାପରେ ଘର ଭିତରେ ଥିବା ଏଭଳି ଫାଟଜାଗାକୁ ବନ୍ଦ କରିଦେଲେ । ଯାହାଫଳରେ କୌଣସି ବିଛା ସହିତ ମୂଷା, ଝିଟିପିଟି, ଅସରପା ବି ଆସିଲେ ନାହିଁ ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨

# ମୋର ସାଙ୍ଗ କଲମ ନୁହଁ,ପେନ୍‌ସିଲ...



ନଗେନ୍ଦ୍ର ନାଥ ପଟ୍ଟନାୟକ



ଆଜି କୁନିଝିଅ ତୁଳିକାର ଏକାଜିଦ୍ ସେ କଲମରେ ଲେଖିବ । 'ମାଆ ! ମୁଁ ପେନ୍‌ସିଲରେ ଲେଖିବି ନାଇଁ, ମୋର ଦିଦିର କଲମ ଭଳି କଲମଟିଏ ଦରକାର-ଜିଦ୍‌ରେ ଅଡିବସିଲା ତୁଳିକା । ମାଆ ତାକୁ ବୋଧଦେଇ କହିଲେ- 'ଝିଅ ! ଏବେ ତୁ ତଳ ଶ୍ରେଣୀରେ ପଢୁଚୁ , ତତେ ପେନ୍‌ସିଲ୍‌ରେ ହିଁ ଲେଖିବାକୁ ହେବ । 'ନାଇଁ, ମୁଇଁ କଲମରେ ଲେଖିବି,ଦିଦି ତ କଲମରେ ଲେଖୁଚୁ ଅଥଚ ମୁଁ କାଇଁ ଲେଖିପାରିବି ନାଇଁ ।' ମୁଣ୍ଡକୁ ଟିକେ ହଲେଇ ଦେଇ ତୁଳିକା କହିଲା । ମାଆ ପୁଣି ତାକୁ ବୁଝାଇଲେ-'ଝିଅ ! ତୁ ଏବେ ଲେଖିବା ଶିଖୁଚୁ ,କୁନିକୁନି ପିଲାମାନଙ୍କ ହାତରେ ତ ପେନ୍‌ସିଲ ଧରାଇ ଦିଆଯାଏ । କାଇଁକି ନା ସେମାନଙ୍କର ଶିଖିବାର ବୟସ ହୋଇଥାଏ । ପେନ୍‌ସିଲରେ ବାରମ୍ବାର ଲେଖିକରି ତୁ ଲିଭେଇ ପାରିବୁ । ଆଉଥରେ ଲେଖିପାରିବୁ ।' 'ହେଲେ ମାଆ !' ପୁଣି କିଛି କହିବାକୁ ଆଗ୍ରହ କଲା ତୁଳିକା । ସେଇଠୁ ମାଆ କହିଲେ – 'ଆଚ୍ଛା ! ମୁଁ ତତେ ଗୋଟେ ପେନ୍‌ସିଲ ଗପ ଶୁଣାଉଚି ।' ଆବାକାବା ହୋଇ ତୁଳିକା ବଡବଡ ଆଖିରେ କହିଲା-'ଏଁ ! ପେନ୍‌ସିଲ ଗପ ।' 'ହଁ ହଁ ସେ ପେନ୍‌ସିଲ ଗପ !' ପେନ୍‌ସିଲର ଉଦ୍ଭାବନ ୧୯୫୪ରେ ହୋଇଥିଲା । ଏକୁ ତିଆରି କରିବା ପାଇଁ ପ୍ରଥମେ ଗ୍ରାଫାଇଟ ସିଟ୍ ଆକାରରେ କଟାଯାଏ । ପୁଣି କଟା ଗ୍ରାଫାଇଟ୍ ସିଟ୍‌କୁ ଗୋଲ୍‌ରଡ୍‌ରେ ପକାଇ ଦିଆଯାଏ । ଏହାପରେ ଗୋଲାକାର କାଠଛାଂଚରେ ଖାପିଲା ଭଳି କରାଯାଏ । ଆରେ ହଁ ! ମନେ ପଡିଗଲା, ଏ ପେନ୍‌ସିଲ ଶବ୍ଦଟି ଲ୍ୟାଟିନ ଶବ୍ଦ ପେନିସିଲସ୍‌ରୁ ଆସିଚି, ଯାହାର ଅର୍ଥ ଛୋଟ ଲାଂଜ । ଆମ ଯେତେବେଳେ କୌଣସି ଜିନିଷ ନୂଆ ନୂଆ ଶିଖିବାରେ ଭୁଲତ୍ରୁଟି କରିବସୁ ସେତେବେଳେ ଆମେ ତାକୁ ଲିଭେଇ ସଠିକଭାବେ ଲେଖିପାରୁ । ଏହା ହେଉଛି ପେନ୍‌ସିଲ୍‌ର ବିଶେଷ ଗୁଣ ।' ମାଆ ମୁଚୁକି ମୁଚିକି ହସ ଫୁଟାଇ କହିଲେ । ତୁଳିକା ନଛୋଡବନ୍ଧା । ସେ ପୁଣି ଯୁକ୍ତିକଲା – 'ପେନରେ ଲେଖିସାରି ମଧ ତାକୁ କାଟି ପୁଣିଥରେ ଲେଖା ଯାଇପାରିବ ।' ମା'ଆ ତାକୁ ବେଶ୍ ବୁଝାଇ କହିଲେ –'ହଁ ,କିନ୍ତୁ ଯାକୁ ନିଭାଇ ପାରିବା ନାଇଁ । କଲମରେ ଲେଖା ହୋଇଥିବା ଅକ୍ଷରକୁ ବାରମ୍ବାର କାଟିବା ଦ୍ୱାରା କାଗଜ ଖରାପ ହୋଇଯାଏ ।' ସେଠୁ ତୁଳିକା ପୁଣି କହିଲା-'କିନ୍ତୁ ମାଆ କଲମରେ ଲେଖିଲେ ଅକ୍ଷର ଗୁଡିକ ଖୁବ୍ ସୁନ୍ଦର ଦିଶନ୍ତି । ମାଆ କହିଲେ –'ଝିଅ ! ପେନ୍‌ସିଲରେ ଲେଖିଲେଖି ତୋର ଯେବେ ଲେଖିବାରେ ପରିପକ୍ୱତା ଆସିବ ତୁ କଲମରେ ଲେଖିବୁ ।' ପେନ୍‌ସିଲ ତୋର ଭବିଷ୍ୟ ଜୀବନ ପାଇଁ ମୂଳୁଦୁଆ ପକାଏ ।' ତୁଳିକା ଫେର ପ୍ରଶ୍ନକଲା – 'ସେଟା ପୁଣି କ'ଣ ? ଯାର ମାନେ ହେଉଚି ପେନସିଲଟିକୁ ଥରକୁ ଥର କଟରରେ କଟାଯାଇ ମୁନିଆ କରାଯାଏ ଯେମିତି କି ସେ ନିଜର ଶ୍ରେଷ୍ଠଗୁଣକୁ ତତେ ଦେଇପାରିବ । ଠିକ୍ ସେମିତି ଆମ ଜୀବନକୁ ମଧ କିଛି ସଂଘର୍ଷର ସମାନା କରିବାକୁ ପଡେ । ଫଳରେ ଆମ ଜୀବନ ସଜାଡି ହୋଇଯାଏ, ଶାଣିତ ହୋଇଯାଏ... ସେଥିପାଇଁ ତୁ ପେନ୍‌ସିଲ ସହିତ ତୁ ସାଙ୍ଗ ହୁଅ,ଖୁବ୍ ଲେଖାଲେଖି କର , ବାରମ୍ବାର ଲେଖିଚାଲ ଯେମିତିକି ତୁ କଲମରେ ଲେଖିବା ପାଇଁ ନିଜକୁ ପ୍ରସ୍ତୁତ କରିପାରିବୁ । କଲମରେ ଲେଖିବା ବେଳେ ସର୍ବଦା ସଠିକ ଭାବେ କିଛି ଲେଖିପାରିବୁ । ସେତେବେଳେ ତତେ କିଛି ଲିଭେଇବା ଦରକାର ପଡିବ ନାଇଁ ।'ମାଆ ସିନିହଭିଜା ହାତରେ ତୁଳିକାର କଅଁଳ ଗାଲକୁ ଆଉଁଶି ଦେଇ କହିଲେ । 'ମାଆ ! ମୁଁ ଏଥର ବୁଝିଗଲି । ସତରେ ପେନ୍‌ସିଲ ମୋର ଦୋସ୍ତ । ସାଙ୍ଗ ପେନ୍‌ସିଲ ଆମ ଭୁଲତ୍ରୁଟିକୁ ଲିଭାଇ ଠିକ୍ କଥାଟା ଲେଖିବା ଶିଖାଏ । ସଠିକ୍ ଭାବେ କିଛିକଥା ଲେଖିବା ନ ଶିଖିବା ପର୍ଯ୍ୟନ୍ତ ମୁଁ ଆଉ କଲମ ପାଇଁ ଜିଦି କରିବି ନାଇଁ । ଜଲଦି ମୋପାଇଁ ପେନ୍‌ସିଲ୍, କଟର ,ଓ ରବର ଆଣି ଦିଅ ।'ତୁଳିକା ଖୁସିରେ ନାଚିଉଠି ବଡପାଟିରେ କହିଲା ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## କବିତା
ତୁମ ପାଇଁ



### ହସିବ ପରିବେଶ......
ରାମଚନ୍ଦ୍ର ବେହେରା

ଛଅଟି ଋତୁ ବାର ମାସରେ
ଖେଳ ଖେଳନ୍ତି ଧରା ବୁକୁରେ
ଗ୍ରୀଷମ ଦିଏ ଖରା
ବରଷା ଦିଏ ମଧୁର ଜଳ
ଶୀତରେ ଥରେ ଧରା ।

ବଦଳିଗଲା ପୁରୁଣା କଥା
ଗ୍ରୀଷମ ଦିଏ ପରାଣେ ବ୍ୟଥା
ଶୀତ ଗଲାଣି ଲୁଚି
ମୂଷଳ ଧାରା ବରଷା କାହିଁ
ଦେଉଛି ଖାଲି ଛିଂଚି ।

ଆଜି ମଣିଷ କାଟୁଛି ଗଛ
ଲଗାଉ ନାହିଁ ପଛକୁ ପଛ
ଗଢଇ କାରଖାନା
ଅଂଗାରକାମ୍ଳ ବାୟୁରେ ବଢି
ଦିଏ ବହୁ ଯାତନା ।

ସବୁଜ ବଣ ଆଉ ଦିଶୁନି
ଦୂଷିତ ଆଜି ମାଆ ଧରଣୀ
ବଢୁଛି ଖରା ତାତି
ସେଇଥି ପାଇଁ ବର୍ଷା ଆସୁନି
ନାହିଁ ସେ ଶୀତ ରାତି ।

ହସିବ ମହୀ ବଢିଲେ ବୃକ୍ଷ
ମେଘ ଛୁଇଁବ ଧରଣୀ ବକ୍ଷ
ଶୀତଳ ହେବ ଧରା
ବରଷା ସହ ଶୀତ ଫେରିବ
ନଇଁବ ଟାଣ ଖରା ।

ଆସ ସଭିଏଁ ହରଷ ମନେ
ପୋତିବା ଚାରା ଅତି ଯତନେ
ବଢିବ ତା'ର ବଂଶ
ଅମଳଜାନ ଦେବ ସେ ଭରି
ହସିବ ପରିବେଶ ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୭୩୫୩୪୬

### ଶିଶୁ ହସିଲେ ଦୁନିଆଁ ହସେ
ଜୟକୃଷ୍ଣ ସାହୁ

ଆମେ ହସିଲେ ହସେ ଦୁନିଆଁ
ଏ କଥା ଶୁଣି ଲାଗେ ଛାନିଆଁ
କେମିତି ହୁଏ ଏହା,
ବୁଝାଇ ଦିଦି କହିଦେ ମୋତେ
ଜାଣିଛୁ ଯଦି ତାହା ।

ଦିଦି କହିଲେ 'ପାଖକୁ ଆସ
ଚକା ପକାଇ ମୋ ପାଖେ ବସ
ମନଦେଇ ତୁ ଶୁଣ ,
ଛୋଟ ପିଲାଙ୍କ ଦେହରେ ଅଛି
ଅନେକ ଭଲ ଗୁଣ ।

ଫୁଲଗଛକୁ ନିରେଖି ଦେଖି
ତା'ଠାରୁ ସବୁ ଯିବୁ ତୁ ଶିଖି
କଅଁଳ କଢ଼ି ଟିଏ,
କେମିତି ସିଏ କଢ଼ିରୁ ଫୁଲ
ଫୁଟି ସୁବାସ ଦିଏ ।

ସେମିତି ତୁମେ କଢ଼ିଟେ ପରି
ଫୁଟିବା ପାଇଁ ରହିଛି ଡେରି
ଯତନ ନେଲେ ତୁମ,
ଫୁଲଟି ପରି ସୁବାସ ଝରି
ରଖିବ ଯଶଃ ନାମ' ।

କପିଳପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭.

### ଗଡି ଗଡି ଯାଏ ରେଳ ଗାଡ଼ି
ସୁନୀଲ କୁମାର ପ୍ରଧାନ

ଗଡି ଗଡି ଯାଏ ରେଳ ଗାଡ଼ି
ଗଛରୁ ଫଳ ଯାଉଛି ଝଡି ।

ଗଡି ଗଡି ଯାଏ ରେଳ ଗାଡ଼ି
ଉଠ ସକାଳୁ ଶେଜକୁ ଛାଡି ।

ଗଡି ଗଡି ଯାଏ ରେଳ ଗାଡ଼ି
ଉଠରେ ଉଠ ନକରି ଡେରି ।

ଗଡି ଗଡି ଯାଏ ରେଳ ଗାଡ଼ି
ମୁହଁ ଧୋଇ ଧର ପଟା ଖଡ଼ି ।

ଗଡି ଗଡି ଯାଏ ରେଳ ଗାଡ଼ି
ଚତୁର ହେବା ପାଠକୁ ପଢ଼ି ।

ଗଡି ଗଡି ଯାଏ ରେଳ ଗାଡ଼ି
କର୍ମଠ ହେବା ଯିବାରେ ମାଡ଼ି ।

ଗଡି ଗଡି ଯାଏ ରେଳ ଗାଡ଼ି
ଛାତ୍ର ଜୀବନ ନଦେବା ତଡି ।

ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬

### ଆ'ରେ ବରଷା ଆ'
କୀର୍ତ୍ତନ ସାହୁ

ଆ' ରେ ବରଷା ଆ'
ଡେରି ନ କରିରେ ଆ'
ଗଛ ଲତା ମାଟି
ପାଣି ପବନକୁ
ଶୀତଳ କରି ତୁ ଯା' ।

ବହୁଛି ଗରମ ବା'
ମାଟି ଫାଟି କରେ ଆଁ'
ଖରାରେ ପଦାକୁ
ବାହାରି ହେଉନି
ଯେ ଯାଉଛି କର ନା' ।

ଶୁଭୁ ନାହିଁ ଢୋ' ଢା'
ନାହିଁ କିଛି ଘୋ' ଘା'
ଚାରିଆଡେ ଖାଲି
ଶୁନଶାନ୍ ଲାଗେ
କିଏ ଦିଶେ କାଁ' ଭାଁ' ।

ଝିଂକାରୀ ଗାଉଛି ଗାଁ'
ମୁଣ୍ଡ ମାରି ନିଏ ଝାଁ'
ଆକୁଳ ହେଇକି
ଚାହିଁ ରହିଛନ୍ତି
ସହର ହେଉ କି ଗାଁ' ।

ଆ'ରେ ବରଷା ଆ'
କଳା ମେଘ ଦେହେ ଆ'
ଖୁସି ଭାବ ଆସୁ
ମାଟି ମାଆ ହସୁ
ବରଷି ଦେଇ ତୁ ଯା' ।

+ ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧



# ଭଲ ମନ୍ଦ



ପ୍ରଦ୍ୟୁମ୍ନ ପଟ୍ଟନାୟକ



ବାବୁଲା ତୁମ ପରି ଛୋଟ ପିଲାଟିଏ । ଶ୍ରଦ୍ଧାରେ ଜେଜେ ତାକୁ ଡାକନ୍ତି ବାବୁ । ଦିନେ ସକାଳୁ ଉଠି ବାବୁଲା ଦାଣ୍ଡ ପିଣ୍ଡାରେ ବସି ଥାଏ । ଘର ଆଗରେ ଥିବା ଫୁଲ ବଗିଚାକୁ ନିରେଖି ଦେଖୁଥାଏ । ସତେଜ ଫୁଲ ଗଛ ଗୁଡିକରେ ମଲ୍ଲୀ, ଟଗର, ମାଳତୀ, ମନ୍ଦାର, ଗୋଲାପ ଆଦି ନାନା ଜାତି ଫୁଲ ଫୁଟି ଶୋଭା ପାଉ ଥାଆନ୍ତି । କିଏ ରଙ୍ଗରେ ସୁନ୍ଦର ତ କିଏ ସୁବାସିତ । ଶୀତଳ ପବନରେ ଫୁଲ ଗୁଡ଼ିକ ମୁଣ୍ଡ ହଲାଇ ଝୁଲୁ ଥାଆନ୍ତି । ତାଙ୍କ ପାଖୁଡାର ମହକ ସାରା ବଗିଚାରେ ଖେଳି ଯାଉଥାଏ । ଫୁଲ ଉପରେ ଉଡ଼ି ଆସି ବସୁଥାଆନ୍ତି କେତେ ଜାତିର ରଙ୍ଗିନ ପ୍ରଜାପତି । କେଡ଼େ ସୁନ୍ଦର ଚିତ୍ର ଅଙ୍କା ଯାଇଥାଏ ପ୍ରଜାପତି ମାନଙ୍କ ଡେଣାରେ ।

ପାଖରେ ବସିଥିବା ଜେଜେଙ୍କୁ ଦେଖାଇ ବାବୁଲା କହିଲା, 'ହେଇ ଦେଖ ଜେଜେ କେଡ଼େ ସୁନ୍ଦର ପ୍ରଜାପତି ମାନେ ବଗିଚାରେ ଉଡୁଛନ୍ତି । ଫୁଲ ଉପରେ ବସୁଛନ୍ତି' । ଜେଜେ କହିଲେ, ଜାଣିଛୁ ବାବୁ ଏଇ ପ୍ରଜାପତି ମାନେ ଦିନେ ଶଁବାଳୁଆ ଥିଲେ । ଏବେ ସୁନ୍ଦର ପ୍ରଜାପତି ହେଲେ । 'ଠିକ୍ ଏତିକି ବେଳେ ସେ ବାଟ ଦେଇ ଉଡ଼ି ଯାଉଥିବା କିଛି ମହୁମାଛି ଆସି ଫୁଲରେ ବସିଲେ । ତାଙ୍କୁ ଦେଖି ପ୍ରଜାପତି ମାନେ ଡରି ଉଡ଼ି ଯାଉ ଥାଆନ୍ତି । ସେ ଦୃଶ୍ୟ ଦେଖି ବାବୁଲା କହିଲା,' ଜେଜେ ଦେଖ ଏ ମହୁମାଛି ଗୁଡ଼ା କେତେ ଦୁଷ୍ଟ ସୁନ୍ଦର ପ୍ରଜାପତି ମାନଙ୍କୁ ଡରାଇ ଉଡାଇ ଦେଉଛନ୍ତି । ମୁଁ ଯାଉଛି ତାଙ୍କୁ ଘଉଡାଇ ଦେବି' ।

ଜେଜେ କହିଲେ, 'ନା ନା ସେ ମହୁମାଛିମାନଙ୍କ ପାଖକୁ ଯାଅ ନାହିଁ । ସେମାନେ ରାଗି କାମୁଡି ଦେଇ ପାରନ୍ତି ' । ବାବୁଲା କହିଲା, ତା ହେଲେ ଜେଜେ ଏ ମହୁମାଛି ଗୁଡ଼ା ତ ସତରେ ଭାରି ଦୁଷ୍ଟ , ଭାରି ଖରାପ । ମଣିଷ ମାନଙ୍କୁ କାମୁଡ଼ି ଦେଉଛନ୍ତି !

ଜେଜେ କହିଲେ, 'ନା ବାବୁ କେହି ପୂରା ଭଲ କି ପୂରା ଖରାପ ନୁହଁ । ଯିଏ ଯେତିକି ଭଲ ସେତିକି ଖରାପ ମଧ । ଆମକୁ ଭଲ ଖରାପ ପରଖିବାକୁ ପଡ଼ିବ । ସୁନ୍ଦର ପ୍ରଜାପତିଟି ଶଁବାଳୁଆ ଥିବାବେଳେ ତା' ଟାଉଁସିଆ ରୁମ ଭାରି ବିଷାକ୍ତ । ତା' ବ୍ୟତୀତ ସେମାନେ ଆମ ସଜନା ଗଛରେ ଚଢି ତା' ପତ୍ର ସବୁକୁ ପରା ଖାଇ ଦିଅନ୍ତି । ଫସଲ ନଷ୍ଟ କରୁଥିବାରୁ ଚାଷୀ ପାଇଁ କ୍ଷତିକାରକ । ସେପରି ମହୁମାଛି ହିଂସ୍ର ହେଲେ ବି ଭାରି ଉପକାରୀ । ସେ ଫୁଲରୁ ରସ ଶୋଷି ସେଥିରେ ମହୂ ତିଆରି କରେ । ସେ ମହୂ ଆମର ବହୁତ କାମରେ ଆସେ ପୂଜା ପାଠରେ ବ୍ୟବହାର କରା ଯିବା ସହ ଦେଶୀ ଔଷଧ ଭାବେ କାମ କରେ ।

ହଁ ଜେଜେ ମନେ ପଡ଼ିଲା ମୋତେ ଥଣ୍ଡା କାଶ ହେଲେ ଜେଜେମା ପରା ତୁଳସୀ ରସ, ଅଦା ରସ ସହିତ ମହୂ ମିଶାଇ ପିଇବାକୁ ଦିଏ । ମୋ ଥଣ୍ଡା ଭଲ ହୋଇ ଯାଏ ।

ତେଣୁ ବୁଝିଲୁ ବାବୁ କେବଳ ରୂପ ଦେଖି କାହାକୁ ଭଲ କିମ୍ବା ମନ୍ଦ କହିବା ଠିକ୍ ନୁହଁ । ତା' ସହ ତା'ର ଗୁଣ ଦେଖିବା ଆବଶ୍ୟକ । ସବୁ ଭଲରେ କିଛି ଖରାପ ଏବଂ ସବୁ ଖରାପରେ କିଛି ଭଲ ଥାଏ । ଆଲୁଅ ଅନ୍ଧାର , ଦିନରାତି ଭଳି ଦୁନିଆରେ ଭଲ ମନ୍ଦ ମିଶି କରି ଥାଆନ୍ତି । ଖାଲି ଆଖିରେ ଦେଖି ନୁହଁ ବୁଝି ବିଚାରି ଆମକୁ ଭଲକୁ ଗ୍ରହଣ କରି ମନ୍ଦ ଠାରୁ ଦୁରେଇ ରହିବାକୁ ପଡ଼ିବ ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଓଡ଼ିଶା ଜଙ୍ଗଲରୁ ଆସିଲା ଖୁସି ଖବର: ଶିମିଳିପାଳରେ ପାଖକୁ ପାଖ ଚାଲୁଛନ୍ତି ଦୁଇ ପ୍ରଜାତିର ବାଘ



ଭୁବନେଶ୍ୱର, ୨୪/୫ (ନି.ପ୍ର): ଗୋଟିଏ ପଟେ ରାଜ୍ୟରେ ହାତୀ ଓ କଲରାପତରିଆ ବାଘ ଗଣନା ଚାଲିଛି। ଆଉ ଅନ୍ୟପଟେ ଓଡ଼ିଶା ଜଙ୍ଗଲରୁ ଭିନ୍ନ ଭିନ୍ନ ଦୁଇଟି ଦୃଶ୍ୟ ଆଜି ସାମ୍ନାକୁ ଆସିଛି। ସକାଳେ ସାତକୋଶିଆ ଗଣ୍ଡରେ ୩୫ଟି ଘଡ଼ିଆଳ କୁମ୍ଭିର ଜନ୍ମ ଗ୍ରହଣ ଖବର ଆସିଥିବା ବେଳେ ଦ୍ୱିତୀୟ ଦୃଶ୍ୟଟି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଦୁଇ ପ୍ରଜାତିର ବାଘ କାନ୍ଧକୁ କାନ୍ଧ ମିଶାଇ ଚାଲିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଘଡ଼ିଆଳ ଓ ବାଘ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଯୋଜନା କରୁଥିବା ବେଳେ ଏଭଳି ଦୁଇଟି ଖବରକୁ ନେଇ ବନ୍ୟଜନ୍ତୁ ପ୍ରେମୀମାନେ ଖୁସିବ୍ୟକ୍ତ କରିଛନ୍ତି। ଓଡ଼ିଶାରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଓ ସଂଖ୍ୟା ବୃଦ୍ଧି କ୍ଷେତ୍ରରେ ଏହା ଏକ ମାଇଲ୍‌ଖୁଣ୍ଟ ହେବ ବୋଲି କୁହାଯାଉଛି। ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦଙ୍କ କହିଛନ୍ତି ଯେ ଭାରତର ଦକ୍ଷିଣାଞ୍ଚଳ ଭାବେ ମହାନଦୀ ହେଉଛି ଘଡ଼ିଆଳଙ୍କ ଶେଷ ସ୍ଥାନ। ଗୋଟିଏ ସମୟ ଥିଲା ଓଡ଼ିଶାରେ ଘଡ଼ିଆଳ ଲୋପ ପାଇଯିବାର ସମ୍ଭାବନା ସୃଷ୍ଟି ହୋଇଥିଲା। ମାତ୍ର ଆଜି ସକାଳ ସମୟରେ ସାତକୋଶିଆ ଗଣ୍ଡରେ ୩୫ଟି ଘଡ଼ିଆଳ ଜନ୍ମ ଗ୍ରହଣ କରିଛନ୍ତି। ୪ ଦଶନ୍ଧି ପରେ କ୍ରମାଗତ ୪ର୍ଥ ଥର ପାଇଁ ମହାନଦୀର ସାତକୋଶିଆ ଗଣ୍ଡରେ ପ୍ରାକୃତିକ ଭାବେ ଘଡ଼ିଆଳ ପ୍ରଜନନ କରିଛନ୍ତି। ପିସିସିଏଫ୍‌ଙ୍କ ଏଭଳି ସୂଚନା ପରେ ବିଲୁପ୍ତପ୍ରାୟ ଅବସ୍ଥାକୁ ଆସିଯାଇଥିବା ଘଡ଼ିଆଳର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ପ୍ରଶଂସା କରିଛନ୍ତି। ଘଡ଼ିଆଳଙ୍କ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ସହ କଡ଼ା ନଜର ରଖିଛନ୍ତି। ଭାରତରେ ଦେଖାଯାଉଥିବା ତିନି ପ୍ରଜାତିର କୁମ୍ଭୀର ଯଥା ଘରିଆଳ, ମଗର ଓ ସଲ୍ଟୱାଟର କୁମ୍ଭୀର ରହିଛନ୍ତି। ସୂଚନା ଅନୁଯାୟୀ ଘଡ଼ିଆଳଙ୍କ ସଂରକ୍ଷଣ ଓ ବଂଶ ବୃଦ୍ଧି କରିବାକୁ ରାଜ୍ୟ ସରକାର ୪ ବର୍ଷ ତଳେ ସାତକୋଶିଆ ଗଣ୍ଡରେ ପ୍ରକଳ୍ପ ଆରମ୍ଭ କରିଥିଲେ। କ୍ରମାଗତଃ ଭାବେ ଏଠାରୁ ସଫଳତା ମିଳୁଛି। ଗୋଟିଏ ଅଣ୍ଡିରା ଓ ମାଈ ଘଡ଼ିଆଳ ରହିଥିବା ବେଳେ କିଛି ଦିନ ତଳେ ଅଣ୍ଡା ଦେଇ ତାହାକୁ ବାଲିରେ ଘୋଡ଼ାଇ ରଖିଥିଲେ। ଆଜି ସେଗୁଡ଼ିକ ଘୁଟିବା ସହ ଘଡ଼ିଆଳ ଛୁଆ ପଦାକୁ ଆସିଛନ୍ତି। ବନ ବିଭାଗ ପକ୍ଷରୁ ଘଡ଼ିଆଳଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ପୂର୍ବରୁ ଏହି ଗଣ୍ଡରେ ବହୁ ପରିମାଣରେ ଘଡ଼ିଆଳ ରହୁଥିଲେ। ମାତ୍ର ମହାନଦୀରେ ବାରମ୍ବାର ବନ୍ୟାଜଳ ଆସିବା ଦ୍ୱାରା ସେମାନଙ୍କ ବାସସ୍ଥଳୀ ପ୍ରଭାବିତ ହୋଇଥିଲା ଏବଂ ସେମାନେ ତଳକୁ ପଳାଇ ଯାଇଥିଲେ। ଏମିତିକି ମତ୍ସ୍ୟଜୀବୀମାନେ ମାଛ ମାରିବା ଦ୍ୱାରା ଘଡ଼ିଆଳଙ୍କ ଜୀବନ ଶୈଳୀ ପ୍ରଭାବିତ ହୋଇଥିଲା। କଡ଼ା ନଜର ସହ କଟକଣା ଲଗାଯିବା ପରେ ଏଭଳି ଖୁସି ଖବର ଆସିଛି। ସେପଟେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଆଜି ଦୁଇଟି ପ୍ରଜାତିର ବାଘ ଏକାଠି ଚାଲିବାର ଦେଖିବାକୁ ମିଳିଛି। ଗୋଟିଏ ସାଧାରଣ ବାଘ ସହ ଅନ୍ୟ ଏକ କଳା ବାଘ ସାଙ୍ଗ ହୋଇ ଜଙ୍ଗଲ ଭିତରେ ଚାଲୁଛନ୍ତି। ଉଭୟଙ୍କୁ ଦୂରରୁ ଦେଖିଲେ ଜଣାପଡୁଛି ଯେ ସାଧାରଣ ବାଘର ଛାଇ ପଡ଼ିଛି।

# ବିଶ୍ୱ କଇଁଛ ଦିବସରେ ନିରାଶା: ଋଷିକୁଲ୍ୟା ମୁହାଣକୁ ଆସିଲେନି ଅଲିଭ୍ ରିଡ୍‌ଲେ



ବ୍ରହ୍ମପୁର, ୨୪/୫ (ନି.ପ୍ର): ଆଜି ଥିଲା ବିଶ୍ୱ କଇଁଛ ଦିବସ। ଆଜିର ଦିନରେ କଇଁଛଙ୍କ ସୁରକ୍ଷା ପାଇଁ ନାନା ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। ଗ୍ରାମବାସୀ ମଧ୍ୟ କଇଁଛଙ୍କ ସୁରକ୍ଷା ପ୍ରତି ବେଶ ଆଗଭର ହୋଇଥାନ୍ତି। କିନ୍ତୁ ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଣରେ ଚଳିତ ବର୍ଷ ପ୍ରକୃତିର ବିପରୀତ ଲକ୍ଷଣ ଦେଖିବାକୁ ମିଳିଛି। ମୁହାଣର ବାଲୁକାଶଯ୍ୟା ପୂରା ଖାଁ ଖାଁ। ମେ ଶେଷ ପର୍ଯ୍ୟନ୍ତ ଅଲିଭ୍‌ରିଡ୍‌ଲେ ଆସିଲେନି କି ଗଣଅଣ୍ଡାଦାନ ହେଲା ନାହିଁ। ଏହାକୁ ନେଇ କଇଁଛପ୍ରେମୀଙ୍କ ମହଲରେ ନିରାଶା ଦେଖାଦେଇଛି। ସେହିପରି ବିଭିନ୍ନ ଅଞ୍ଚଳରୁ ବହୁ ଲୋକ କଇଁଛ ଦେଖିବାକୁ ଆସି ନିରାଶ ହୋଇ ଫେରିଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ସମସ୍ୟା ହୋଇଥାଇ ପାରେ ବୋଲି ଋଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା ସମିତିର ସମ୍ପାଦକ ରବୀନ୍ଦ୍ରନାଥ ସାହୁ କହିଛନ୍ତି। ଚଳିତ ବର୍ଷ ଋଷିକୁଲ୍ୟା ବେଳାଭୂମିରୁ ସମୁଦ୍ର ଭିତରକୁ ୫ କିମି ଜଳରାଶିରେ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ ଭାସମାନ ଅବସ୍ଥାରେ ରହିଥିଲେ। ସଙ୍ଗମପର୍ବ ବି ଠିକ୍ ସମୟରେ ସରିଥିଲା। ହେଲେ ସେମାନେ କୂଳକୁ ଆସି ଅଣ୍ଡାଦାନ କରିନଥିଲେ। ଚଳିତ ବର୍ଷ ମାତ୍ର ୧୫ଶହ କଇଁଛ ସ୍କୋରୋଡିକ୍ ନେଷ୍ଟିଂ (ବିକ୍ଷିପ୍ତ ଅଣ୍ଡାଦାନ) କରିଥିଲେ। ଡେରାଡୁନ୍‌ସ୍ଥିତ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନର ପ୍ରଫେସର ବିଭାଷ ପଣ୍ଡା କହିଛନ୍ତି, ଋଷିକୁଲ୍ୟା ମୁହାଣ ହେଉଛି ଅଲିଭ୍‌ରିଡ୍‌ଲେଙ୍କ ଗଣଅଣ୍ଡାଦାନ ପାଇଁ ଏକ ସୁରକ୍ଷିତ ସ୍ଥାନ। କିନ୍ତୁ ଚଳିତ ବର୍ଷ କାହିଁକି ସେଠାରେ ଅଣ୍ଡାଦାନ ହେଲା ନାହିଁ ଗବେଷଣା ବିନା ତା'ର ପ୍ରକୃତ କାରଣ କହିବା ମୁସ୍କିଲ୍। ପ୍ରାୟ ୪/୫ ବର୍ଷରେ ଥରେ କଇଁଛ ଏଭଳି ଅପ୍ରତ୍ୟାଶିତ ଭାବେ ଅଣ୍ଡାଦାନ କରିନଥାନ୍ତି । ଜଳବାୟୁ ପରିବର୍ତ୍ତନ ମଧ୍ୟ ଅନ୍ୟତମ କାରଣ ହୋଇଥାଇ ପାରେ ବୋଲି ସେ କହିଛନ୍ତି। ଋଷିକୁଲ୍ୟା ମୁହାଣ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଗଣଅଣ୍ଡାଦାନ ପାଇଁ ପ୍ରସିଦ୍ଧ। ପ୍ରତିବର୍ଷ ଋଷିକୁଲ୍ୟା ମୁହାଣ ସଂଲଗ୍ନ ବାଲୁକାଶଯ୍ୟାରେ ଲକ୍ଷାଧିକ କଇଁଛ ଗଣଅଣ୍ଡାଦାନ କରିଥାନ୍ତି। କିନ୍ତୁ ଏଥର ଅଲିଭ୍ ରିଡ୍‌ଲେଙ୍କ ଆଗମନ ନଥିବାରୁ ଋଷିକୁଲ୍ୟା ବାଲୁକାଶଯ୍ୟା ପୂରା ଶୁନ୍‌ଶାନ୍। ଗଞ୍ଜାମ ଉପକୂଳ ପ୍ରାୟାଗୀ ଠାରୁ ସୋନପୁର ପର୍ଯ୍ୟନ୍ତ ପ୍ରାୟ ୫୮ କିମି ବେଳାଭୂମି ରହିଥିବା ବେଳେ ଅଲିଭ୍ ରିଡ୍‌ଲେ କଇଁଛ ଋଷିକୁଲ୍ୟା ମୁହାଣକୁ ଗଣଅଣ୍ଡାଦାନ ପାଇଁ ସୁରକ୍ଷିତ ସ୍ଥାନ ଭାବେ ବାଛିଛନ୍ତି। ନଭେମ୍ବରରୁ ଜାନୁଆରି ପର୍ଯ୍ୟନ୍ତ ୩ମାସ କଇଁଛଙ୍କ ମିଳିନ ଋତୁ ବୋଲି ଧରାଯାଏ। ଏହାପରେ ଫେବୃଆରି ଶେଷ ସପ୍ତାହ ନହେଲେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଗଣଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଗଣ ଅଣ୍ଡାଦାନର ପ୍ରାୟ ୫୦ଦିନ ପରେ ଅଣ୍ଡା ଫୁଟି କଇଁଛ ଛୁଆ ସମୁଦ୍ରମୁହାଁ ହୋଇଥାନ୍ତି। ଲକ୍ଷାଧିକ ସଂଖ୍ୟାରେ ଛୋଟ ଛୋଟ କଇଁଛ ସମୁଦ୍ରକୁ ଯାଉଥିବା ଦୃଶ୍ୟ ବେଶ ନିଆରା ରହିଥାଏ। କିନ୍ତୁ ଚଳିତ ବର୍ଷ ଆଉ ସେହି ଦୃଶ୍ୟ ଦେଖିବାକୁ ମିଳି ନାହିଁ। ଗତବର୍ଷ ଏହି ସମୟ ବେଳକୁ କଇଁଛ ଛୁଆ ସମୁଦ୍ରକୁ ଯାଇ ସାରିଥିଲେ। ପ୍ରକାଶ ଥାଉ କି ଗତବର୍ଷ (୨୦୨୨-୨୩) ଗଞ୍ଜାମ ବ୍ଲକ୍‌ର ପୋଡ଼ମପେଟାରୁ ବଟେଶ୍ୱର ପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ବାଲୁକାଶଯ୍ୟାରେ ୬ଲକ୍ଷ ୩୭ହଜାର କଇଁଛ ଗଣଅଣ୍ଡାଦାନ କରିଥିଲେ।

## ମାଲପଡ଼ା ନାଗରିକ କମିଟିର ମାସିକ ବୈଠକ

ବଲାଙ୍ଗୀର, ୨୪/୫ (ନି.ପ୍ର): ବଲାଙ୍ଗୀର ମାଲପଡା ନାଗରିକ କମିଟି ମାସିକିଆ ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପଡାର ଯଥା ୱାର୍ଡ ନଂ.୧୪ ଓ ୧୫ ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା ମାନ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବାସିନ୍ଦାମାନେ ସୁଚାରୁ ରୂପେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ନିୟମିତ ସମୟ ରେ ପାନୀୟ ଜଳ ବଣ୍ଟନ ପାଇଁ ଅନୁରୋଧ ପତ୍ର ବିଭାଗକୁ କରିବା ପାଇଁ ସ୍ଥିରିକୃତ ହୋଇଛି। ମ୍ୟୁନିସିପାଲିଟି ତରଫରୁ ପାଣିଛତ୍ରମାନ ବସିନାହିଁ । ପାଣିଛତ୍ର ଦେବା ପାଇଁ ମ୍ୟୁନିସିପାଲିଟି ଙ୍କୁ ଅନୁରୋଧ କରାଯାଉଛି। ଶେଷରେ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଗୋପବନ୍ଧୁ ପୁରୋହିତ, ପଂଚାନନ ସେଠ, ତରୁଣ କୁମାର ମିଶ୍ର, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଆକୁଳ ବେହେରା ଆଦି ବହୁ ସଦସ୍ୟ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ୫୦ଲିଟର 'ଜାପାନୀ ମିଣ୍ଟ୍ ଅଏଲ୍' ଅମଳ



କୋରାପୁଟ, ୨୪/୫ (ନି.ପ୍ର): ଉତ୍ପାଦନ କ୍ଷେତ୍ରରେ ଆଉ ଏକ ମାଇଲ୍ ଖୁଣ୍ଟ ଅତିକ୍ରମ କରିଛି କୋରାପୁଟ ଜିଲ୍ଲା। ପଟାଙ୍ଗୀ ବ୍ଲକ ସିପେଇପୁଟରେ ଉତ୍ପାଦନ ହୋଇଛି ୫୦ଲିଟର ଜାପାନୀ ମିଣ୍ଟ୍ ଅଏଲ୍ (ତେଲ)। ବିଶ୍ୱ ବଜାରରେ ଏହି ତେଲ ଦର ଲିଟର ପିଛା ୩ହଜାର ଟଙ୍କା ରହିଛି। ଯାହାକି ଜିଲ୍ଲାରେ ଚାଷୀଙ୍କ ଆର୍ଥିକ ସ୍ଥିତିରେ ବଡ଼ଧରଣର ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।
ସିପେଇପୁଟରେ ଜିଲ୍ଲା ଖଣିଜ ପାଣ୍ଠି, ଲକ୍ଷ୍ନୌର କେନ୍ଦ୍ରୀୟ ଔଷଧୀୟ ଏବଂ ସୁଗନ୍ଧ ଉଦ୍ଭିଦ ସଂସ୍ଥାନ, ଓରମାସ ଏବଂ କାପକୋ ପକ୍ଷରୁ ମିଣ୍ଟ୍ ତେଲ ଉତ୍ପାଦନ ନିମନ୍ତେ ପ୍ଲାଣ୍ଟ୍ ସ୍ଥାପନ ହୋଇଛି। ଗତ ୩ଦିନ ମଧ୍ୟରେ ଏହି ପ୍ଲାଣ୍ଟ୍‌ରୁ ୫୦ଲିଟର ତେଲ ଉତ୍ପାଦନ ହୋଇଛି। ଆସନ୍ତା ୩ଦିନ ମଧ୍ୟରେ ଆଉ ୫୦ଲିଟର ତେଲ ଉତ୍ପାଦନ ପାଇଁ ଯୋଜନା ହୋଇଛି। ସିପେଇପୁଟର ଚାଷୀ ସୁବା ରାଓଙ୍କୁ ଏଥିପାଇଁ ଚାରା ଦିଆଯାଇଥିଲା। ଚାରା ବଢ଼ିବା ପରେ ତାହାର ପ୍ରକ୍ରିୟାକରଣ କରାଯାଇଛି। ଗତବର୍ଷ ପରୀକ୍ଷାମୂଳକ ଭାବେ ଗୋଟିଏ ଲିଟର ଉତ୍ପାଦନ ହୋଇଥିଲା। ଚଳିତବର୍ଷ ଅଧିକରୁ ଅଧିକ ଉତ୍ପାଦନ ପାଇଁ ଅଗ୍ରାଧିକାର ଦିଆଯାଇଛି। ସିପେଇପୁଟରେ ପ୍ଲାଣ୍ଟ ସ୍ଥାପନ ହୋଇଥିଲା ବେଳେ ପୋଟ୍ଟୁଗୁଡ଼ାରେ ପ୍ରାୟ ୬ଏକର ଜମିରେ ଏହା ଚାଷ ହୋଇଛି। ୧୦୦ ଏକର ପର୍ଯ୍ୟନ୍ତ ଚାଷକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି। ଓରମାସର ରୋଶନ କାର୍ତ୍ତିକ କହିଛନ୍ତି, କୋରାପୁଟ କଫି, ଅଦା, ଝାଡୁ, ଲେମନ୍ ଗ୍ରାସ୍, ସୁଆଁ ଓ କଳାଜିରା ଚାଉଳ ଭଳି ଏହି ତେଲ ଉତ୍ପାଦନ ମଧ୍ୟ ଆଦିବାସୀ ଚାଷୀଙ୍କ ପାଇଁ ଲାଭଦାୟକ ହେବ। ଜାପାନୀ ମିଣ୍ଟ୍ ଏକ ଔଷଧୀୟ ଉଦ୍ଭିଦ। ଭୂମିରୁ ବଢୁଥିବା ଅଂଶରୁ ତେଲ ବାହାର କରାଯାଏ। ଭୋକ ନ ଲାଗିବା, ଗ୍ୟାସ୍, ବାନ୍ତି, ଝାଡ଼ାବାନ୍ତି, ପାକସ୍ଥଳୀ ପୋଡ଼ାଜଳା, ଯକୃତ ସମସ୍ୟା ସମେତ ହଜମ ପ୍ରକ୍ରିୟାରେ ତେଲ ବ୍ୟବହୃତ ହୁଏ। ସାଧାରଣ ଥଣ୍ଡା, କାଶ, ବ୍ରୋଙ୍କାଇଟିସ୍, ପାଟି ଏବଂ ଗଳା ଯନ୍ତ୍ରଣା ସହିତ ଶ୍ୱାସକ୍ରିୟା ସମସ୍ୟାରେ ଉପଯୋଗ ହେଉଛି। ମୁଣ୍ଡବିନ୍ଧା, ଦାନ୍ତ ଯନ୍ତ୍ରଣା, କାନ ଯନ୍ତ୍ରଣା, ଟ୍ୟୁମର, ଘା', କର୍କଟ, ହୃଦ୍‌ଘାତ ଉପଶମରେ ଏହା ବ୍ୟବହାର କରାଯାଉଛି। ଜାପାନୀ ମିଣ୍ଟ୍‌କୁ ଜୀବାଣୁ ନଷ୍ଟକାରୀ କିମ୍ବା ଯନ୍ତ୍ରଣାରୁ ମୁକ୍ତିଦାତା ଭାବେ ବ୍ୟବହାର କରାଯାଇଥାଏ। ଏହି ତେଲରେ ୯୫% ମିଣ୍ଟ୍ ରହିଥିବାରୁ ଶରୀରକୁ ଆରାମ ଦେଇଥାଏ। ଏହାବ୍ୟତୀତ ଟୁଥ୍‌ପେଷ୍ଟ୍, ମାଉଥ୍ ୱାସ୍, ସାବୁନ, ଡିଟରଜେଣ୍ଟ୍, କ୍ରିମ୍, ଲୋସନ ଏବଂ ସୁଗନ୍ଧ ଭାବେ ମଧ୍ୟ ବ୍ୟବହୃତ ହୁଏ। ସମ୍ପୂର୍ଣ୍ଣ ଶରୀରରେ ଏହି ତେଲକୁ ବ୍ୟବହାର ପାଇଁ ସୁପାରିସ କରାଯାଏ ନାହିଁ। ତେଣୁ ସାଧାରଣ ମସାଜ ତେଲ ପରି ନିର୍ଦ୍ଦିଷ୍ଟ ସ୍ଥାନରେ କିମ୍ବା ପ୍ରଭାବିତ ମାଂସପେଶୀରେ କିଛି ବୁନ୍ଦା ପକାଇ ମାଲିସ କଲେ ଅଧିକ ପ୍ରଭାବଶାଳୀ ହୋଇଥାଏ ବୋଲି ସେ ସୂଚନା ଦେଇଛନ୍ତି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରଚେଷ୍ଟାରେ ବିଚାରାଧିନ କଏଦୀଙ୍କ ସନ୍ତାନ ଥଇଥାନ ହେଲେ, ପାଇଲେ ଶିକ୍ଷାର ସୁବିଧା

ଜୟପୁର, ୨୪/୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଅଧକ୍ଷ ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ମିଶ୍ର ଏବଂ ସୁମନ ଜେନା, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ମିଳିତ ଭାବରେ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଶାରେ ସ୍ୱତନ୍ତ୍ର କାରାଗାର ଜୟପୁର ପରିଦର୍ଶନ କରି ତଦାରଖ କରିଥିଲେ। କାରାଗାରର ରକ୍ଷଣବେକ୍ଷଣ ଖାଦ୍ୟ, ଜଳ, ପରିଷ୍କାର, ପରିଚ୍ଛନ୍ନ, କାରାଗାର ଆଇନ ସହାୟତା କେନ୍ଦ୍ର ଏବଂ ସମସ୍ତ ବିଚାରାଧିନ କଏଦୀ ମହିଳା ପୁରୁଷ ମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏବଂ ସେଥିରେ ଜାଣିବାକୁ ପାଇଲେ ଯେ ଜଣେ ବିଚାରଧିନ ମହିଳା କଏଦୀଙ୍କ ତିନିଟି ସନ୍ତାନ ମଧ୍ୟରୁ ଜଣେ ପୁଅ ଆଉ ଦୁଇଟି ଝିଅ ବାପା ମା ଙ୍କ ବିନା ନିଜ ଗାଁ ରେ ବହୁତ ମାନସିକ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ତାଙ୍କର ଭଲମନ୍ଦ ବୁଝିବାକୁ ପାଖରେ କେହି ନାହାନ୍ତି ସେମାନେ ଅସହାୟ ଅବସ୍ଥାରେ ରହିଛନ୍ତି। ଏଣୁ କଏଦୀ ଜଣକ ଜିଲ୍ଲା ଦୌରାଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁରଙ୍କୁ ଗୁହାରୀ ଜଣାଇଥିଲେ ଯେ, ତାଙ୍କ ତିନୋଟି ସନ୍ତାନଙ୍କୁ ସରକାର ତରଫରୁ ଥଇଥାନ କରି ରହିବା ଖାଇବା ଏବଂ ଶିକ୍ଷାର ବ୍ୟବସ୍ଥା କରିବାକୁ ଆକୁଳ ନିବେଦନ କରିଥିଲେ। ଜିଲ୍ଲାଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଗୁହାରୀ ଶୁଣି ସ୍ୱତନ୍ତ୍ର କାରାଗାର ଜୟପୁର ସୁପରିଟେଣ୍ଡେଟଙ୍କୁ ଗୋଟିଏ କଏଦୀ ଦରଖାସ୍ତ ମାଧ୍ୟମରେ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ନିକଟକୁ ଇ-ମେଲ୍ ମାଧ୍ୟମରେ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜେଲ୍ ସୁପରିଟେଣ୍ଡେଂଟ ମଧ୍ୟ ତାହା ପାଳନ କରି ଦରଖାସ୍ତଟିକୁ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ନିକଟକୁ ତାଙ୍କ ଦରଖାସ୍ତ ଇ-ମେଲ୍ ମାଧ୍ୟମରେ ପ୍ରେରଣ କରିଥିଲେ। ଦରଖାସ୍ତ ପାଇବା ମାତ୍ରେ ସଚିବ ସୁମନ ଜେନା ବିଳମ୍ବ ନ କରି ଉକ୍ତ ଦରଖାସ୍ତଟିକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋରାପୁଟ ଏବଂ ଶିଶୁ କଲ୍ୟାଣ କମିଟି କୋରାପୁଟକୁ ପ୍ରେରଣା କରି ନିର୍ଦ୍ଦେଶ ଦେଇଥିଲେ ଯେ, ଯଥା ଶିଘ୍ର ଶିଶୁ ମାନଙ୍କୁ ଉଦ୍ଧାର କରି ଶିଶୁ ମାନଙ୍କୁ ଉପଯୁକ୍ତ ଥଇଥାନର ବ୍ୟବସ୍ଥା ପାଇଁ। କୋରାପୁଟ ଜିଲ୍ଲା ଶିଶୁ ଶୁରକ୍ଷା ଅଧିକାରୀ, ସୁଶ୍ରୀ ରାଜଶ୍ରୀ ଦାସ୍ ଏବଂ ଶିଶୁ କଲ୍ୟାଣ କମିଟି ଅଧକ୍ଷ୍ୟା ଶ୍ରୀମତୀ ଗାୟତ୍ରୀ ପାତ୍ର ତ୍ୱରୀତ ପଦକ୍ଷେପ ଗ୍ରହଣ କରି କିଛି କର୍ମଚାରୀଙ୍କ ସହିତ ଶିଶୁମାନେ ରହୁଥିବା ଗ୍ରାମ ଦେଓଗୁଡ଼ା ଯାଇ ଶିଶୁ ମାନଙ୍କୁ ଉଦ୍ଧାର କରି ଆସ୍ଥା ଶିଶୁ ଯତ୍ନ ଗୃହ କୋରାପୁଟ ଠାରେ ଶିଶୁମାନଙ୍କର ଥଇଥାନ କରିବା ସହିତ ଖାଇବା, ରହିବା ଏବଂ ଶିକ୍ଷା ଗ୍ରହଣ ପାଇଁ ମଧ୍ୟ ବନ୍ଦୋବସ୍ତ କରି ଅସହାୟ ଶିଶୁ ମାନଙ୍କ ଉଜ୍ୱଳ ଭବିଷ୍ୟତ ଓ ଦୀର୍ଘାୟୁ କାମନା କରିଛନ୍ତି।

# ଜଳଯୋଗାଣ ନ ହେଲେ ଭୋଟ୍ ବର୍ଜନ ଚେତାବନୀ: ପାଣି ପାଇଁ ରାସ୍ତାରେ ବସିଲେ ମହିଳା



କଣିହାଁ, ୨୪/୫ (ନି.ପ୍ର): କଣିହାଁ ବ୍ଲକ୍ ଶୁଶୁବା ପଞ୍ଚାୟତ ଅନ୍ତର୍ଗତ ପୋଡ଼ାଗଡ଼ ଗାଁ କୋଡ଼ାସାହିରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଗ୍ରୀଷ୍ମ ପ୍ରବାହରେ ସାହିବାସୀ ପାନୀୟଜଳ ପାଇବା ପାଇଁ ତହଳବିକଳ ହେଉଛନ୍ତି। ପାନୀୟ ଜଳଯୋଗାଣ ଦାବିରେ ଆଜି ସକାଳେ ସାହିର ମହିଳାମାନେ ଗରା, ମାଠିଆ ଧରି ରେଙ୍ଗାଳି-ଖମାର ରାସ୍ତାର ପୋଡ଼ାଗଡ଼ ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ଉପରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ଆମକୁ ପାଣି ନାହିଁ ତ ଭୋଟ୍ ନାହିଁ' ବୋଲି କହି ଆସନ୍ତା ୨୫ତାରିଖରେ ହେବାକୁ ଥିବା ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି। ସାହିବାସୀ କହିଛନ୍ତି ଯେ ଆଜିକୁ ୨୫ ଦିନ ହେଲା ତାଙ୍କ ସାହିକୁ ପାଇପ୍‌ରେ ପାଣି ଆସୁନାହିଁ। ଫଳରେ ଲୋକମାନେ ପିଇବା ପାଣି ପାଉନାହାନ୍ତି। ପୋଡ଼ାଗଡ଼ ଗାଁରେ ଲୋକମାନଙ୍କୁ ପାନୀୟଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଏକ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି। ସେହି ପ୍ରକଳ୍ପରୁ ଗାଁ ଲୋକମାନଙ୍କୁ ପାଇପ୍ ଦ୍ୱାରା ପାଣି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ହେଲେ ପାଇପ୍‌ରେ ପାଣି କେବେ ଆସିଲେ, କେବେ ଆସେ ନାହିଁ। ପାଣି ପାଇଁ ସାହିର ଲୋକମାନେ ସାହିଠାରୁ ୩ କିଲୋମିଟର ଦୂରରେ ଥିବା ବ୍ରାହ୍ମଣୀ ନଦୀରୁ ବହୁକଷ୍ଟରେ ମୁଣ୍ଡରେ ମାଠିଆ, ଗରା ବୋହି ପାଣି ଆଣୁଛନ୍ତି। ସେହି ପାଣିକୁ ଲୋକେ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଆଉ କିଛି ଲୋକ ପୋଡ଼ାଗଡ଼ ଗାଁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନଳକୂଅରୁ ପାଣି ଆଣି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ପୋଡ଼ାଗଡ଼ ଗାଁ କୋଡ଼ାସାହିରେ ୪୦ ପରିବାର ବାସ କରୁଥିବା ବେଳେ ସାହିରେ ଆଦୌ ନଳକୂଅ ନାହିଁ। ନଳକୂଅ ବସାଇବାକୁ ସାହିବାସୀ ବହୁବାର ବିଡିଓ, ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳର ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ, ସେମାନେ ଆଜି ପର୍ଯ୍ୟନ୍ତ ସାହିରେ ନଳକୂଅଟିଏ ବସାଇପାରିଲେ ନାହିଁ ବୋଲି ସାହିବାସୀ ଅଭିଯୋଗ କରିଥିଲେ।

# ପରିବେଶ ସୁରକ୍ଷା ପାଇଁ ନିଆରା ପ୍ରୟାସ: ଔଷଧ ଚିଠାରେ ଡାକ୍ତର ଲେଖୁଛନ୍ତି 'ଗଛ ଲଗାନ୍ତୁ'



ଭଞ୍ଜନଗର , ୨୪/୫ (ନି.ପ୍ର): ପେସାରେ ଡାକ୍ତର। କିନ୍ତୁ ବ୍ୟସ୍ତବହୁଳ ଜୀବନ ଭିତରେ ବି ପରିବେଶର ସୁରକ୍ଷାକୁ ନେଇ ସେ ଚିନ୍ତିତ ଓ ତତ୍ପର। ଏଥିପାଇଁ ରୋଗୀଙ୍କୁ ଦେଉଥିବା ପ୍ରେସ୍‌କ୍ରିପସନ୍‌ରେ ଔଷଧ ସହ ସେଥିରେ 'ଗଛ ଲଗାନ୍ତୁ' ବୋଲି ଲେଖି ନିଆରା ଢଙ୍ଗରେ ସଚେତନତା ଜାରି ରଖିଛନ୍ତି। ଏମିତି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି, ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଡାକ୍ତରଖାନାରେ ଅଧୀକ୍ଷକ ଭାବେ କାର୍ଯ୍ୟରତ ଡା. ସୀତାଂଶୁ ଶେଖର ଶତପଥୀ। ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ହୋଇଥିବା ସହ ପ୍ରକୃତି ପ୍ରତି ତାଙ୍କର ଏଭଳି ନିଆରା ପ୍ରେମ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଉଦାହରଣ ବୋଲି କହିଲେ ଅତ୍ୟୁକ୍ତି ହେବନି। ତାଙ୍କର ଏହି ପ୍ରୟାସକୁ ନେଇ ସଭିଙ୍କ ମୁହଁରେ ପ୍ରଶଂସା। ଡା. ସୀତାଂଶୁଙ୍କ ପାଖକୁ ପ୍ରତିଦିନ ଗର୍ଭବତୀଙ୍କ ସମେତ ଅନ୍ୟାନ୍ୟ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏହି ସମୟରେ ସେ ପ୍ରେସ୍‌କ୍ରିପସନ୍‌ରେ ଔଷଧର ତାଲିକା ଓ ନମୁନା ପରୀକ୍ଷା ବିଷୟରେ ଲେଖିବା ସହ ଗଛ ଲଗାଇବା ବିଷୟରେ ଲେଖିବାକୁ ଭୁଲନ୍ତି ନାହିଁ। 'ଗର୍ଭସ୍ଥ ସନ୍ତାନର ଯେମିତି ଯତ୍ନ ନେଉଛ, ସେମିତି ବାପଘରେ ଅଥବା ଶ୍ୱଶୁରଘରେ ଗୋଟିଏ ଗୋଟିଏ ଗଛ ଲଗାଇ ଏହାର ଯତ୍ନ ନିଅ' ବୋଲି ଗର୍ଭବତୀଙ୍କୁ ବୁଝାଉଛନ୍ତି। ବିଶେଷକରି ଫଳଗଛ ଲଗାଇବା ଉପରେ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯଦ୍ୱାରା ମଣିଷ ଜାତି ସହ ପଶୁପକ୍ଷୀ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି ପରାମର୍ଶ ଦେଉଛନ୍ତି। କେବଳ ଏତିକି ନୁହେଁ, ଦ୍ୱିତୀୟ ଥର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସୁଥିବା ଗର୍ଭବତୀ ଓ ରୋଗୀଙ୍କୁ 'ଗଛ ଲଗାଇ ଯତ୍ନ ନେଉଛ କି ନାହିଁ' ବୋଲି ପଚାରୁଛନ୍ତି। ଏପରିକି ତାଙ୍କ ପରାମର୍ଶକୁ ଗ୍ରହଣ କରି କିଛି ରୋଗୀ ବର୍ତ୍ତମାନ ଚାରାରୋପଣ କରିସାରିଥିବା ସହ ଏହାର ଫଟୋ ଆଣି ଦେଖାଇଥିବା ଡା. ସୀତାଂଶୁ କହିଛନ୍ତି। 'ଗଣମାଧ୍ୟମ' ସହ ଆଲୋଚନା ବେଳେ ଡା. ସୀତାଂଶୁ କହିଛନ୍ତି, ପିଲାବେଳେ ଖରାଦିନେ ଆମେ କେବେ ଘରେ ରହୁ ନଥିଲୁ। ଆମ୍ବ ତୋଟା ଓ କୋଳି ବଗିଚାରେ ଦିନତମାମ ବୁଲୁଥିଲୁ। ସେହି ସମୟରେ ତାପମାତ୍ରା ବି ଏତେ ଅଧିକ ରହୁ ନଥିଲା। କିନ୍ତୁ ବର୍ତ୍ତମାନ ଚିତ୍ର ବଦଳିଯାଇଛି। ବିଶ୍ୱ ତାପାୟନ, ଜଳବାୟୁରେ ପରିବର୍ତ୍ତନ ଓ ଗଛକଟା ସମେତ ବିଭିନ୍ନ କାରଣରୁ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଉଛି। ଦିନରେ ଘରୁ ବାହାରିବା ମୁସ୍କିଲ୍ ହୋଇପଡୁଛି। ଆଗାମୀ ପିଢ଼ି ପାଇଁ ବୋଧହୁଏ ଏହି ଗ୍ରୀଷ୍ମପ୍ରବାହକୁ ସହ୍ୟ କରିବା କଷ୍ଟସାଧ୍ୟ ହେବ। ଫଳରେ ବାପାମାଆ ଯେମିତି ପିଲାଙ୍କୁ ବଡ଼ ଆଦରର ସହ ପାଳି ସେମାନଙ୍କ ଯତ୍ନ ନେଉଛନ୍ତି, ସେଭଳି ଭାବେ ଭବିଷ୍ୟତରେ ଏକ ଉତ୍ତମ ପରିବେଶ ସୃଷ୍ଟି ପାଇଁ ଏବେଠାରୁ ସଜାଗ ହେବା ଦରକାର।

# ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଙ୍କ ୧୦୩ତମ ଜନ୍ମୋତ୍ସବ ପାଳିତ

କେନ୍ଦ୍ରାପଡ଼ା, ୨୪/୫ (ନି.ପ୍ର): ବିଶ୍ୱ ସମାଜସେବା ଓ ଆଧ୍ୟାତ୍ମିକ ସଂଗଠନ ଆନନ୍ଦମାର୍ଗର ପ୍ରାଣ ପ୍ରତିଷ୍ଠାତା, ମହାନ ଦାର୍ଶନିକ, ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଙ୍କ ୧୦୩ତମ ଶୁଭ ଜନ୍ମୋତ୍ସବ ପବିତ୍ର ବୈଶାଖୀ ତଥା ଆନନ୍ଦ ପୂର୍ଣ୍ଣିମା ଅବସରରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ସ୍ଥିତ ଆନନ୍ଦମାର୍ଗ ଆଶ୍ରମ (ଜାଗୃତି)ରେ ପାଳିତ ହୋଇଯାଇଛି। ପ୍ରାତଃରୁ ଭଜନ କୀର୍ତନ, ପ୍ରଭାତ ସଙ୍ଗୀତ, ମିଳିତ ସାଧନା, ଆନନ୍ଦବାଣୀ ପାଠ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରାପଡା ଜିଲ୍ଲା, ସହର ଏବଂ ଯାଜପୁର ଜିଲ୍ଲା ବରୀ ବ୍ଲକର ବିଭିନ୍ନ ଅ ଳରୁ ବିଶିଷ୍ଟ ସନ୍ୟାସୀ, ବୁଦ୍ଧିଜୀବି, ସାମଜସେବୀ, ଯୁବ, ଛାତ୍ରଛାତ୍ରୀ ଓ ଆନନ୍ଦ ମାର୍ଗୀମାନେ ଯୋଗ ଦେଇଥିଲେ । ଜନ୍ମଦିବସରେ କପାଳେଶ୍ୱର ପଂଚାୟତରେ ସ୍ଥାନୀୟ ପିଲାମାନଙ୍କୁ ସହିତ ଆନନ୍ଦ ମାର୍ଗ ସ୍କୁଲରେ ପଢୁଥିବା ପିଲାମାନଙ୍କ ମଧ୍ୟରେ ଆନନ୍ଦ ମାର୍ଗ ଆଶ୍ରମ ପରିସରରେ ଯୋଗ, ଧ୍ୟାନ, ତାଣ୍ଡବ କୌଶିକି ସମେତ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା କରାଯାଇଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କାର ବୀତରଣ କରାଯାଇଥିଲା। ନାରାୟଣ ସେବା ସହିତ ପ୍ରସାଦ ଓ ମିଷ୍ଟାନ୍ନ ବିତରଣ କରାଯାଇଥିଲା। ଏହି ଅବସରରେ ଆଦର୍ଶ ମାନବ ସାମଜ ପ୍ରତିଷ୍ଠା ପାଇଁ ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଙ୍କ ବହୁମୁଖୀ ଅବଦାନ ଶୀର୍ଷକ ଆଲୋଚନା ଚକ୍ରରେ କପାଳେଶ୍ୱର ଗ୍ରାମପଂଚାୟତର ସରପଂଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି, ଆନନ୍ଦମାର୍ଗର ବରିଷ୍ଠ ମାର୍ଗୀ ପରମାନନ୍ଦ ମହାନ୍ତି ମୁଖ୍ୟବକ୍ତା ଓ ଶିକ୍ଷାବିତ, ପ୍ରକୃତିବନ୍ଧୁ ତଥା ପ୍ରାକ୍ତନ ଆନନ୍ଦ ମାର୍ଗ ବିଦ୍ୟାଳୟର ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ ଏବଂ ରମେଶ ଚନ୍ଦ୍ର ବେଜ୍ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଗୁରୁଦେବ ଆନନ୍ଦମୂର୍ତ୍ତିଙ୍କ ପ୍ରଦତ ଆଧ୍ୟାମିକ, ସାମଜିକ, ଅର୍ଥନୈତିକ, ସାଂସ୍କୃତିକ, ଶିକ୍ଷା, ସମାଜସେବା, ସଙ୍ଗୀତ ଓ ନାରୀ ଜାଗରଣ ପଭୃତି ବିଷୟ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । କେନ୍ଦ୍ରାପଡା ଜିଲ୍ଲା ଆନନ୍ଦମାର୍ଗର ସମ୍ପାଦକ ଅଶୋକ ମହାରଣା ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ମାର୍ଗୀ ଗଣେଷ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ଓଝା, ପର୍ଶୁରାମ ଦେବ, କାଳନ୍ଦି ଦେବ, ବନ୍ଦିତା ଦାସ, ଅନିତା ଦାସ, ତାରାକାନ୍ତ ଆଚାର୍ଯ୍ୟ, ସୁନୀତା ଏବଂ ଆନନ୍ଦ ମାର୍ଗ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଗଣ ଅଂଶଗ୍ରହଣ କରିଥିବାବେଳେ ଆନନ୍ଦ ମାର୍ଗ ସଂଗଠନର କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପୂର୍ଣ୍ଣ ବ୍ୟବସ୍ଥିତ ଢଙ୍ଗରେ ସମ୍ପାଦିତ ହୋଇଥିଲା।

## ସ୍ୱାଭିମାନ ଅଂଚଳରେ କାଳବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି

ମାଲକାନଗିରି, ୨୪/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳର ବିଭିନ୍ନ ସ୍ଥାନରେ ଗତକାଲି କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଗଛ ପଡ଼ି ଘର ଭାଙ୍ଗିବା ସହ ଲୋକଙ୍କ ଘରର ଛପର ଉଡ଼ି ଯାଇଛି । ବିଶେଷ କରି ପାପରମେଟଲା ପଂଚାୟତର ଟାଂଟାଗୁଡ଼ା ଗ୍ରାମରେ କାଳ ବୈଶାଖୀର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି।ବର୍ଷା ପବନରେ ଗ୍ରାମର କମଳଲୋଚନ ବୁରୁଡ଼ିଙ୍କ ଘର ଉପରେ ଏକ ଗଛ ପଡ଼ିଯିବାରୁ ଘରଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିବା ବେଳେ ଲୋକନାଥ ଅଞ୍ଜେଲ, କୃଷ୍ଣ ହନ୍ତାଳ, ସୀତାରାମ ଖରା, ପୂର୍ଣ୍ଣ ପାଙ୍ଗୀ, ଗୁରୁବାରି ପାଙ୍ଗୀ, ବଳଭଦ୍ର ଗମାଙ୍ଗ, ପ୍ରହଲ୍ଲାଦ ମାଳିଙ୍କ ଘରର ଛପର ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯିବା ସହ ଘର ଭିତରେ ଥିବା ସବୁ ସାମଗ୍ରୀ ବର୍ଷାରେ ନଷ୍ଟ ହୋଇଯାଇଛି । ଘରଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଅନ୍ୟ ଲୋକଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି ପ୍ରଭାବିତ ପରିବାର ଲୋକେ। ଗାଁରେ ଥିବା ଲେମନ ଗ୍ରାସ ପ୍ଲାଂଟ ର ମଧ ଛପର ଉଡ଼ି ଯାଇଛି । ବର୍ତମାନ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଗାଁରେ ପହଂଚି ନଥିବାବେଳେ କ୍ଷୟକ୍ଷତିର ସଠିକ ଆକଳନ କରାଯାଇ ପାରିନି। ପ୍ରଶାସନ ତୁରନ୍ତ ଗ୍ରାମରେ ପହଂଚି ପ୍ରଭାବିତ ପରିବାର ଲୋକଙ୍କୁ ସରକାରଙ୍କ ତରଫରୁ ପଲିଥିନ ଓ ଆର୍ଥିକ ସାହାଯ୍ୟ ପ୍ରଦାନ କରିବାକୁ ଦାବି ହୋଇଛି।


**ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର**

ଟେଣ୍ଡର ନୋଟିସ୍ ନମ୍ବର **TRD-KGP-W-2024-25-05,** ତାରିଖ ୨୨.୦୫.୨୦୨୪ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ / ଟିଆରଡି / ଖଡ଼ଗପୁର – ୭୧୨୩୦୧ ୧୫:୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରିଥାଏ । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫:୩୦ ଘଣ୍ଟାରେ ଖୋଲାଯିବ। **କାର୍ଯ୍ୟଗୁଡିକର ବର୍ଣ୍ଣନା:** ୨୦୨୪ ବର୍ଷ ପାଇଁ ଖରାଗପୁର ଡିଭିଜନ୍ (ଦ୍ୱିତୀୟ ପର୍ଯ୍ୟାୟ) ଉପରେ କାର୍ଯ୍ୟ କରୁଥିବା ବିଭିନ୍ନ ପ୍ରକାରର ଇଞ୍ଜିନିୟରିଂ ମେସିନ୍ ସମୟରେ ବିଭିନ୍ନ ପ୍ରକାରର ଟ୍ରାକ୍ସନ୍ ବଣ୍ଟର ସଂଯୋଗ ଏବଂ ପୁନଃ ସଂଯୋଗ । **ଟେଣ୍ଡର ମୂଲ୍ୟ:** ୩୪,୮୫,୦୩୫/ -। **EMD:** ୬୯,୭୦୦ / -। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ଖୋଲିବାର ତାରିଖ:** ୧୨.୦୬.୨୦୨୪ । **ସମାପ୍ତି ସମୟ:** ୦୬ ମାସ । **ଦାଖଲ ତାରିଖ:** ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। ୧୨.୦୬.୨୦୨୪ର ଇଚ୍ଛୁକ ଟେଣ୍ଡରଗୁଡିକ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି, ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ସ୍ପେସିଫିକେସନ୍ ଏବଂ ଅନଲାଇନରେ ସେମାନଙ୍କ ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **N.B:** ଟେଣ୍ଡରରେ ଭାଗ ନେବାକୁ ଆଶାୟୀ ପ୍ରାର୍ଥୀମାନେ ନିୟମିତ ଭାବରେ **www.ireps.gov** ପରିଦର୍ଶନ କରିପାରିବେ । (PR-181)


# ଗୋଛାପଡା ଥାନା ଅଧିକାରୀଙ୍କ ବିରୁଦ୍ଧରେ ହୋମଗାର୍ଡଙ୍କୁ ନିର୍ଯ୍ୟାତନା ଦେଉଥିବା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ

କନ୍ଧମାଳ, ୨୪/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା ଥାନାରେ କାର୍ଯ୍ୟରତ ହୋମଗାର୍ଡ ଡ୍ରାଇଭର ସରୋଜ କୁମାର ବେହେରାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହିତ ମିଥ୍ୟା କେସରେ ଜେଲରେ ପୁରାଇ ଦେଇଥିଲେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ହୋମଗାର୍ଡ ସରୋଜ କୁମାର ବେହେରା। ଆଇ.ଆଇ.ସି., ପ୍ରଭାତ ବେହେରା ନିଜ ଗ୍ରାମ ସଙ୍ଗିଡି ଜିଲ୍ଲା କେନ୍ଦ୍ରାପଡ଼ା ନେଇ ନିଜର ଘରୋଇ କାମ ତଥା ବଗିଚାରେ ମାଟି ଖୋଳିବା, ଘରର ପରିବାର ସଦସ୍ୟଙ୍କ ଲୁଗାପଟା ସଫା କରିବାକୁ ଆଇ.ଆଇ.ସି., ପ୍ରଭାତ କୁମାର ବେହେରା, ହୋମଗାର୍ଡ ସରୋଜଙ୍କୁ ବାଧ କରୁଥିଲେ। ନିରିହ ହୋମଗାର୍ଡ ଜଣକ ଉକ୍ତ କାର୍ଯ୍ୟ କରିବା ପାଇଁ ବାରଣ କରିବାରୁ ତାଙ୍କୁ ଗୋଛାପଡା ଥାନା ଅଧିକାରୀ ମିଥ୍ୟା କେସରେ ଜେଲରେ ପୁରାଇ ଥିବା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି ହୋମଗାର୍ଡ ସରୋଜ। ବର୍ତମାନ ସରୋଜ ଆଇନର ଆଶ୍ରୟ ନେଇ ବେଲ୍ ରେ ଆସିବା ପରେ ତାଙ୍କୁ ଡିୟୁଟି ନଦେଇ ଦିଆଯାଉଛି ବିଭିନ୍ନ ପ୍ରକାର ଧମକ । ପୀଡ଼ିତ ହୋମଗାର୍ଡ ଆଜି କନ୍ଧମାଳ ଜିଲ୍ଲା ହୋମଗାର୍ଡ କମାଣ୍ଡେଣ୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି ଘଟଣା କନ୍ଧମାଳ ଜିଲ୍ଲାରେ ୨୦୨୨ ମସିହାର କୋଟଗଡ଼ ଥାନା ଅଧୀକାରୀ ଧିରେଜ ଲେଙ୍କା ହୋମଗାର୍ଡ କବିଚନ୍ଦ୍ର ନାୟକଙ୍କୁ ନିର୍ଯାତନା ଦେଇ ନାହିଁ ନଥିବା ହଇରାଣ କରୁଥିଲେ। ଉକ୍ତ ଘଟଣାର ସମାଧାନ କନ୍ଧମାଳ ଜିଲ୍ଲାର ଗଣମାଧ୍ୟମ ବନ୍ଧୁ ମାନଙ୍କ ଦ୍ୱାରା ସମାଧାନ କରାଯାଇଥିବା ବେଳେ ପୁନର୍ବାର ଗୋଛାପଡା ଥାନା ସହିତ ଫିରିଙ୍ଗିଆ ସଦର ଥାନା ଅଧିକାରୀ ମାନେ ବର୍ତମାନ ତଳିଆ କର୍ମଚାରୀ ମାନଙ୍କ ଉପରେ ବ୍ରିଟିଶ ଶାସନ ଚଳେଇ ଥିବା ବିଭିନ୍ନ ପୋଲିସ କର୍ମଚାରୀ ମାନେ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି। ଏଥିରେ ପ୍ରଶ୍ନ ଉଠିଛି କି ଜଦି ପୋଲିସ ବିଭାଗରେ କାର୍ଯ୍ୟରତ ତଳିଆ କର୍ମଚାରୀ ମାନଙ୍କୁ ଉପରିସ୍ଥ ଅଧିକାରୀ ମାନେ ସୁରକ୍ଷା ଦେବାରେ ଅବହେଳା କରୁଛନ୍ତି, ତେବେ ସାଧାରଣ ଜନତାଙ୍କୁ କଣ ସୁରକ୍ଷା ଦେବେ।

# ପୁରୀ ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ମତଦାନ କରିବେ ୯୨୧୮୧୪ ଭୋଟର

ପୁରୀ, ୨୪/୫ (ନି.ପ୍ର): ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ୧୦୭- ପୁରୀ, ୧୦୮- ବ୍ରହ୍ମଗିରି,୧୦୯- ସତ୍ୟବାଦୀ ଓ ୧୧୦-ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ମଇ ୨୫ ତାରିଖ ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୁଡାନ୍ତ କରାଯାଇଛି ।ଚଳିତ ନିର୍ବାଚନ ରେ ଜିଲ୍ଲାର ଏହି ୪ ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀର ମୋଟ୍ ୧୦୩୮ ଟି ବୁଥରେ ୯୨୧୮୧୪ ଜଣ ଭୋଟର ମତଦାନ କରିବେ ।ସେଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୪୭୩୧୩୩, ମହିଳା ଭୋଟର ଙ୍କ ସଂଖ୍ୟା ୪୪୮୬୦୮ ଓ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୭୩ । ୧୦୭ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୩୯ ବୁଥରେ ୨୪୦୦୭୮ଭୋଟରଙ୍କ ମଧ୍ୟରେ ପୁରୁଷ ୧୨୨୬୬୦, ମହିଳା ୧୧୭୩୭୧, ଓ ଅନ୍ୟାନ୍ୟ ୪୭ ଭୋଟର,୧୦୮ ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୧ ବୁଥ ମାଧ୍ୟମରେ ୨୨୮୮୪୨ ଭୋଟର ମଧ୍ୟରୁ ୧୧୭୫୦୧ ପୁରୁଷ,୧୧୧୩୨୯ ମହିଳା ଓ ୧୨ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ୧୦୯ ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫୪ ବୁଥରେ ୨୧୪୯୩୨ ମୋଟ ଭୋଟର ଥିବା ବେଳେ ୧୧୦୯୦୪ ପୁରୁଷ, ୧୦୪୦୨୦ ମହିଳା ଓ ୮ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି।୧୧୦ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୪ ବୁଥ ମାଧ୍ୟମରେ ୨୩୭୯୬୨ ଜଣ ମତଦାତାଙ୍କ ମଧ୍ୟରୁ ୧୨୨୦୬୮ ପୁରୁଷ, ୧୧୫୮୮୮ ମହିଳା ଓ ୬ ଜଣ ଅନ୍ୟାନ୍ୟ ମତଦାତା ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ ।ଇତି ମଧ୍ୟରେ ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନ ଙ୍କୁ ଆଜି ଭୋଟ ପାଇଁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇ ସେମାନଙ୍କୁ ସେମାନଙ୍କ ମତଦାନ କେନ୍ଦ୍ର କୁ ପଠାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଡିସପରସାଲ କେନ୍ଦ୍ର ହୋଇଥିବା ବେଳେ ପୁରୀ ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟରେ ଡିସପରସାଲ କେନ୍ଦ୍ର କରାଯାଇଥିଲା ।ଜିଲ୍ଲା ନିର୍ବାଚନ ଅଧିକାରୀ,ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ତଥା ଜିଲ୍ଲା ପରିଷଦର ସିଡିଓ ତଥା ଇଓ ପ୍ରିୟରଞ୍ଜନ ପୃଷ୍ଟି,ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର, ପର୍ଯ୍ୟବେକ୍ଷକ ମାନେ ମଧ ଜିଲ୍ଲାରେ ରହି ସମସ୍ତ କାର୍ଯ୍ୟ ର ପର୍ଯ୍ୟାଲୋଚନା ଓ ତଦାରଖ ଜାରି ରଖିଛନ୍ତି ।ଏସ ପି ପିନାକ ମିଶ୍ର ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ନିର୍ବାଚନ ଗଣତନ୍ତ୍ରର ମହାପର୍ବ। ତେଣୁ ଏଥିରେ ସାମିଲ ହୋଇ ସମସ୍ତ ମତଦାତା ମତଦାନ କରିବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି।

# ଦୁଇ ଦିନିଆ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆବାସିକ ତାଲିମ ଶିବିର

ଜୟପୁର, ୨୪/୫ (ନି.ପ୍ର): ଜୟପୁରସ୍ଥ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଆଦିବାସୀଙ୍କ ସ୍ୱାସ୍ଥ୍ୟ ସ୍ଥିରତା ପାଇଁ ଗୋଷ୍ଠୀ ନେତୃତ୍ୱ ପ୍ରକଳ୍ପ ତରଫରୁ ଦୁଇ ଦିନିଆ ଆବାସିକ ତାଲିମ ଶିବିର ଆୟୋଜନ କରାଯାଇଥିଲା । ଏଥିରେ କୋରାପୁଟ ଜିଲ୍ଲାର ଦୁଇଟି ବ୍ଲକ ଦଶମନ୍ତପୁର ଏବଂ ଲମତାପୁଟରେ ବିଭିନ୍ନ ଗ୍ରାମରୁ ଚୟନ କରାଯାଇଥିବା ୩୫ ଜଣ ଗୋଷ୍ଠୀ ଚାମ୍ପିୟନ - ଗାଗଡ଼ ସାଥି ଙ୍କୁ ନେଇ ସ୍ୱାସ୍ଥ୍ୟ ସମ୍ବଧୀୟ ତାଲିମ ଶିବିର ଆୟୋଜନ କରାଯାଇଥିଲା । ଆଦିବାସୀ ବହୁଳ ଅଂଚଳରେ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରୀକରଣ କରିବା ପାଇଁ ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ସହଯୋଗରେ ଏହି ପ୍ରକଳ୍ପଟି ସ୍ଥାନୀୟ ଆଦିବାସୀଙ୍କ ମଧ୍ୟରେ ମାତୃ , ନବଜାତ ଶିଶୁ ,ପୋଷଣ ଏବଂ ଜଳ ପରିମଳ ଓ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି । ଜନ ସଚେତନତା ସୃଷ୍ଟି କରିବା ଦିଗରେ ଗୋଷ୍ଠୀ ଚାମ୍ପିୟନ - ଗାଗଡ଼ ସାଥି ମାନଙ୍କ ଭୂମିକା ସେମାନଙ୍କ ଗ୍ରାମରେ ଗୁରୁତ୍ୱ ବହନ କରିଥାଏ ସେ ଦିଗରେ ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ତରଫରୁ ଭାର ପ୍ରାପ୍ତ ନିର୍ଦ୍ଦେଶକଙ୍କ ପ୍ରଶାନ୍ତ କୁମାର ପରିଡା ବିସ୍ତୃତ ଭାବରେ ଗାଗଡ଼ ସାଥୀଙ୍କ ସହ ଆଲୋଚନା କରିଥିଲେ ମୁଖ୍ୟ ପ୍ରକଳ୍ପ ପରିଚାଳକ ଡ଼ଃ. ଅସିତ ମାନସିଂହ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଯଶମୀନ୍ ମହାନ୍ତି ଙ୍କ ନେତୃତ୍ୱରେ ଦୁଇ ଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ଗାଗଡ଼ ସାଥି ମାନଙ୍କୁ ଗର୍ଭବତୀ ମା' ଓ ଶିଶୁର ଯତ୍ନ ଉପରେ ସଚେତନତା କରାଇବା ,ପୌଷ୍ଟିକ ଖାଦ୍ୟ, ନିରାପଦ ଜଳ ଏବଂ ପରିମଳ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପ୍ରାଞ୍ଜଳ ଭାବରେ ତାଲିମ ପ୍ରଦାନ କରାଯାଇଥିଲା ଏହା ବ୍ୟତୀତ ଡ଼ଃ ପ୍ରଶାନ୍ତି ଜ୍ୟୋତି ମହାନ୍ତି ଟୀକାକରଣ ର ଜରୁରୀଏବଂ ଉପକାରିତା ଉପରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ ସରକାରଙ୍କ ତରଫରୁ ଯୋଗାଇ ଦିଆ ଯାଉଥିବା ସ୍ୱାସ୍ଥ୍ୟ ସେବା ଗୁଡିକ ଯାହାକି ନିରାପଦ ମାତୃତ୍ୱ ଏବଂ କୁପୋଷଣ କୁ ଦୂରୀକରଣ ପାଇଁ ଅବଗତ କରାଯାଇଥିଲା । ଏହି ତାଲିମ ପରେ ଗାଗଡ଼ ସାଥି ମାନଙ୍କୁ ଗୋଟିଏ ଗୋଟିଏ ସ୍ମାର୍ଟ ଫୋନ ବଂଟନ କରାଯାଇଥିଲା ଯାହାକି ସୂଚନା ପ୍ରଦାନ ସହ ସେମାନେ ନିଜ ନିଜ ଗ୍ରାମରେ ଜରୁରୀ କାଳୀନ ସେବା ଗୁଡିକକୁ ଯୋଗାଇ ଦେବା ସହ ସଚେତନର ବାର୍ତା ପହଁଚେଇ ପାରିବେ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ନିଜ ଗ୍ରାମରେ ସହଯୋଗ କରିବେ ଯାହାଦ୍ୱାରା ଆଦିବାସୀ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କ ଜୀବନରେ ସକାରାତ୍ମକ ଏବଂ ସ୍ଥାୟୀ ପରିବର୍ତନ ଆଣିବାରେ ସହଯୋଗ କରିପାରିବ ସେ ଦିଗରେ ତାଲିମ ଦିଆ ଯାଇଥିଲା । ଏହି କାର୍ଯ୍ୟକ୍ରମ ଡ଼ଃ. ଅସିତ ମାନସିଂହ, ମୁଖ୍ୟ ପ୍ରକଳ୍ପ ପରିଚାଳକ ପରିଚାଳନା କରିଥିଲେ ଏବଂ ପ୍ରକଳ୍ପର ଦଶମନ୍ତପୁର ବ୍ଲକ ସଂଯୋଜକ ଶ୍ରୀ କୃତିବାସ ରାଉତ ଏବଂ ଲମତାପୁଟ ବ୍ଲକ ସଂଯୋଜକ ରାଜଦୀପ ବେହେରା ଏବଂ ଅନ୍ୟ କର୍ମକର୍ତା ସହଯୋଗ କରିଥିଲେ ।

## ପାଗଳ ଷଣ୍ଢ ଉଦ୍ଧାର କଲା ପୌର ପାଳିକା

ଜୟପୁର, ୨୪/୫ (ନି.ପ୍ର): ଆତଙ୍କ ଖେଳାଇ ଥିବା ଦୁଇଟି ପାଗଳ ଷଣ୍ଢକୁ ଉଦ୍ଧାର କଲା ପୌର ପାଳିକା। ଜୟପୁର ଦମକଳ ବାହିନିର ସହାୟତାରେ ଉଦ୍ଧାର କରାଯାଇଛି । ପାଗଳ ଷଣ୍ଢ ନୂଆ ସାହି ପାର୍କ ଲାଇନ ଓ ନୂଆଁ ସାହି ୫ ଲାଇନରେ ୪ଟି ବାଇକ କୁ ଭଙ୍ଗାରୁଜା କରିବା ସହ ଲୋକଙ୍କୁ ଆକ୍ରମଣ କରିଥିଲା । ଅନ୍ୟ ଏକ ଷଣ୍ଢ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲା । ଫଳରେ ବହୁ ଲୋକ କୁ ଆହତ । ପୌର ପାଳିକା ସୂଚନା ପାଇ ଦମକଳ ବିଭାଗ ସହୟାତାରେ ଉଦ୍ଧାର କରିଥିଲା । ପରେ ଭେଟେନାରି ବିଭାଗକୁ ନେଇ ଚିକିତ୍ସା କରିଥିଲା । ଗୋଟିଏ ଷଣ୍ଢ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଏକ ଷଣ୍ଢର ଚିକିତ୍ସା ଜାରି ରହିଥିବା ନେଇ ପୌର ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଜଗନ୍ନାଥ ସାଗର ବିକାଶ ଉପରେ ସମୀକ୍ଷା

ଜୟପୁର, ୨୪/୫ (ନି.ପ୍ର): ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗର ଆଜି ସମିକ୍ଷା ହୋଇଛି । କୋରାପୁଟ ଜିଲାପାଳ ଭି କିର୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ପୌର ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ , ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କ୍ଷୀରଧର ଖଣ୍ଡପୋନଙ୍କ ସହ ବୈଷୟିକ ଟିମ ସାଗରକୁ ଯାଇ ବିକାଶ କାର୍ଯ୍ୟର ସମିକ୍ଷା କରିଛନ୍ତି । ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର କାଯ୍ୟକୁ ଗୁରୁତ୍ୱ ଦେଇଛନ୍ତି । ବର୍ଷା ପୂର୍ବରୁ ଯେପରି ପଙ୍କ ଉଦ୍ଧାର କାର୍ଯ୍ୟ ହେବ ସେଥି ପାଇ ସମିକ୍ଷା ହୋଇଛି । ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର କାର୍ଯ୍ୟ ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ହେବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଦେଶରେ ଷଷ୍ଠ ପର୍ଯ୍ୟାୟ....

ପରୀକ୍ଷା କରୁଛନ୍ତି ୩୮୩ ପ୍ରାର୍ଥୀ। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ସର୍ବାଧିକ ୧୨୧ କମ୍ପାନୀ ସେଣ୍ଟ୍ରାଲ ଆର୍ମଡ ଫୋର୍ସ ବା ସିଏପିଏଫ ମୁତୟନ ହେବେ। ଫୋକସରେ ରହିବ ଅନ୍ଧାରୀ ବିଜେ ରୋକିବା। ସାଇଲେଣ୍ଟ ଆୱାର ଆରମ୍ଭ ହେବା କ୍ଷଣି ସବୁ ହୋଟେଲ୍, ଗେଷ୍ଟ ହାଉସରେ ଯାଞ୍ଚ କଡାକଡି କରାଯାଉଛି। ଆସନ୍ତାକାଲି ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଆଠଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ମତଦାନ ହେବ। ମୋଟ୍ ୫୮ଟି ଲୋକସଭା ଆସନ ଲାଗି ମତଦାଧିକାର ସାବ୍ୟସ୍ତ କରିବେ ଭୋଟର । ଭୋଟିଂ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସଂଧ୍ୟା ୬ଟା ଯାଏ ଚାଲିବ। ଏହି ପର୍ଯ୍ୟାୟରେ ବିହାରର ୮ ଲୋକସଭା ଆସନ ସମେତ ହରିୟାଣାର ସମସ୍ତ ୧୦ଟି ଆସନ, ଜମ୍ମୁ ଓ କଶ୍ମୀରର ଗୋଟିଏ, ଝାଡ଼ଖଣ୍ଡର ୪, ଦିଲ୍ଲୀର ସମସ୍ତ ୭, ଓଡ଼ିଶାର ୬, ଉତ୍ତର ପ୍ରଦେଶର ୧୪ ଏବଂ ପଶ୍ଚିମବଙ୍ଗର ୮ଟି ଆସନ ଲାଗି ଭୋଟିଂ ହେବ । ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତା ଜୁନ୍ ୧ ତାରିଖରେ ହେବ । ଏହା ପୂର୍ବରୁ ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ, ଏପ୍ରିଲ ୨୬ରେ ଦ୍ୱିତୀୟ ପର୍ଯ୍ୟାୟ, ମେ ୭ରେ ତୃତୀୟ ପର୍ଯ୍ୟାୟ, ମେ ୧୩ରେ ଚତୁର୍ଥ ପର୍ଯ୍ୟାୟ, ମେ ୨୦ରେ ପଞ୍ଚମ ପର୍ଯ୍ୟାୟରେ ମତଦାନ ସରିଛି। ଆସନ୍ତା ଜୁନ୍ ୪ ତାରିଖରେ ପ୍ରକାଶ ପାଇବ ଫଳାଫଳ ।

### ରାଇରଙ୍ଗପୁର, ବାରିପଦା, ବାଲେଶ୍ୱର...

ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଆପଣମାନଙ୍କୁ କେମିତି ଲାଗୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ବି.ଏସ୍.କେ.ୱାଇ, ମିଶନଶକ୍ତି, ମମତା, ଲକ୍ଷ୍ମୀ ବସ୍, କାଳିଆ, ୫ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, ମଧୁବାବୁ ପେନ୍‌ସନ ଯୋଜନା, ଚାଉଳ କାର୍ଡ, ପୁରୀ ମନ୍ଦିର କାମ ସବୁପ୍ରଶ୍ନରେ ଉଚ୍ଛ୍ୱସିତ ସ୍ୱରରେ ଲୋକେ କହିଥିଲେ 'ବହୁତ ଭଲ' । ନବୀନ ପଟ୍ଟନାୟକ ଭଲ କି ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନରେ ଉପସ୍ଥିତ ଜନତା ବହୁତ ଭଲ ବୋଲି କହିଥିଲେ। ବିରୋଧି ଦଳ ବିଷୟରେ ସେ କହିଲେ ଯେ, ବିରୋଧି ନେତାମାନେ ମିଛ କଥା କହୁଛନ୍ତି । ଲୋକ ସବୁ ବୁଝି ସାରିଲେଣି। ସେମାନଙ୍କ କୁମ୍ଭୀର କାନ୍ଦଣା ଆଉ ଚଳିବନି। ଲୋକେ ସେମାନଙ୍କୁ ଗ୍ରହଣ କରିବେନି। ବାଲେଶ୍ୱରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନ କରିଥିଲେ ଯେ, ଆପଣଙ୍କ ବିଜେପି ଏମ୍.ପି. ଆପଣଙ୍କ ପାଇଁ କିଛି କରିଛନ୍ତି କି ? ଏହାପରେ ବରିଷ୍ଠ ନେତା କାର୍ତିକ ପାଣ୍ଡିଆନ ଉଦବୋଧନ ଦେଇ କହିଲେ ଯେ, ଏ ସରକାର ଆପଣମାନଙ୍କ ସରକାର। ଆଦିବାସୀ ଭାଇଭଉଣୀଙ୍କ ସରକାର। ଚାଷୀଭାଇ ଓ ଯୁବପିଢ଼ିର ସରକାର। ମୁଖ୍ୟମନ୍ତ୍ରୀଙ୍କ ବିଶାଳ ହୃଦୟରେ ସବୁଠାରୁ ଭଲଜାଗାରେ ଆଦିବାସୀ ଭାଇଭଉଣୀମାନେ ଅଛନ୍ତି। ବିରୋଧି ଦଳମାନେ ଆଦିବାସୀ ଭାଇଭଉଣୀମାନଙ୍କ ପାଇଁ କିଛି ବି କରିନାହାନ୍ତି। ସେମାନଙ୍କୁ କେବଳ ଭୋଟ ବ୍ୟାଙ୍କ ବୋଲି ଭାବିଛନ୍ତି। ବିରୋଧି ନେତାମାନେ ଆସି କହୁଛନ୍ତି ଓଡ଼ିଶାରେ କିଛି ଭଲ କାମ ହେଉନାହିଁ । ଓଡ଼ିଶାର ବିକାଶ ସମସ୍ତଙ୍କୁ ଦିଶୁଛି ସେମାନଙ୍କୁ ଦେଖାଯାଉନି। ନବୀନ ବାବୁଙ୍କୁ ଅଭଦ୍ର ଭାଷାରେ ଗାଳି ଦେଇ କହୁଛନ୍ତି । ନବୀନ ବାବୁ କୁଆଡ଼େ ଘରୁ ବାହାରୁ ନାହାନ୍ତି । ନବୀନ ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବହୁତ ଖରାପ ବୋଲି ଅପପ୍ରଚାର କରୁଛନ୍ତି । ଅଥଚ ନବୀନ ବାବୁ ଆପଣଙ୍କ ସାମ୍ନାରେ ଅଛନ୍ତି, ଆପଣଙ୍କ ସହ କଥା ହେଉଛନ୍ତି । କେତେ ମିଛ କଥା କହୁଛନ୍ତି ଏମାନେ ଦେଖନ୍ତୁ ତ ! ବିଜେପିର ଚକ୍ରାନ୍ତ ବିଷୟରେ ଲୋକଙ୍କୁ ସତର୍କ କରି ଶ୍ରୀ ପାଣ୍ଡିଆନ କହିଲେ ଯେ, ସୁଯୋଗ ପାଇଲେ ବିଜେପି ଦଳ ଆପଣମାନଙ୍କ ମିଶନଶକ୍ତି କାର୍ଯ୍ୟକ୍ରମ ବନ୍ଦ କରିଦେବ। ବି.ଏସ୍.କେ.ୱାଇ, ସହିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦି ସବୁ ଭଲ ଭଲ ଯୋଜନାକୁ ବନ୍ଦ କରିଦେବ। ବାଲେଶ୍ୱରରେ ସେ କହିଲେ ଯେ, ଆପଣଙ୍କ ଆଶୀର୍ବାଦ ଓ ସହଯୋଗରେ ମୁଖ୍ୟମନ୍ତ୍ରୀ ନୂଆ ଓଡ଼ିଶା ଗଠନ କରିବାକୁ ଯାଉଛନ୍ତି। ନୂଆ ଓଡ଼ିଶା ଗଠନରେ ବାଲେଶ୍ୱରର ବହୁତ ବଡ଼ ଅବଦାନ ରହିବ । ଆମ ଘୋଷଣାପତ୍ର ଅନୁଯାୟୀ ବାଲେଶ୍ୱର, ବାରିପଦାକୁ ନେଇ ଏକ ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟର କରାଯିବ । ବହୁତ ବଡ଼ ବଡ଼ ଇଣ୍ଡଷ୍ଟ୍ରି ଆସିବ, ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ରୋଜଗାର ବଢ଼ିବ ।ସେ ପୁଣି କହିଲେ ଯେ, ମୁଖ୍ୟମନ୍ତ୍ରୀ ଆପଣଙ୍କ ଉନ୍ନତି ପାଇଁ ୨୪ ଘଣ୍ଟା କାମ କରୁଛନ୍ତି । ୫ ବର୍ଷରେ ଥରେ ଆପଣମାନଙ୍କ ପାଖକୁ ସୁଯୋଗ ଆସିଛି । ତାଙ୍କୁ ଆଶୀର୍ବାଦ କରନ୍ତୁ । ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ। କର୍ମୀମାନଙ୍କୁ ଉତ୍ସାହିତ କରି କହିଲେ ଜିଲ୍ଲା ପରିଷଦ ନିର୍ବାଚନ ଭଳି । ଏଥର ମଧ ସମାନ ପରିଶ୍ରମ କରନ୍ତୁ । ନିର୍ବାଚନରେ ଆଉ କିଏ ଜିତିଲେ ଯୋଡ ସ୍ପିଡରେ କାମ ଚାଲିଛି ବନ୍ଦ ହୋଇଯିବ । ବାଲେଶ୍ୱର ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର କହିଲେ ଯେ, ରାଜନୀତିରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ଅନେକ ରାଜନୈତିକ ଦଳ କହିଥିଲେ । କିନ୍ତୁ ଏକମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ ଏହାକୁ କାମରେ କରି ଦେଖାଇଲା । ବାଲେଶ୍ୱରେ ୩୩ ନୁହେଁ, ୫୦ ପ୍ରତିଶତ ସ୍ଥାନରେ ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ହିଁ ସୁଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମୁଁ ଚିର ଋଣୀ । ମୁଖ୍ୟମନ୍ତ୍ରୀଙ୍କ ରୂପାନ୍ତରଣର ଲକ୍ଷ୍ୟକୁ ପୂରଣ କରିବା ପାଇଁ କାର୍ତିକ ପାଣ୍ଡିଆନ ଦିନରାତି ୨୪ ଘଣ୍ଟା କାମ କରୁଛନ୍ତି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି, ଲେଖାଶ୍ରୀ ସାମନ୍ତସିଂହାର, ଶର୍ମିଷ୍ଠା ସେଠୀ ଓ ସମସ୍ତ ବିଧାନ ସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀମାନେ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ନିବେଦନ କରିଥିଲେ ।

### ୨୬ରେ ବାହାରିବ ...

ସୁବିଧା ନ ଥିଲେ ଏସ୍‌ଏମ୍‌ଏସ ଜରିଆରେ ବି ରେଜଲ୍ଟ ଜାଣିପାରିବେ ପରୀକ୍ଷାର୍ଥୀ। ଏମଏସଏସରେ ରେଜଲ୍ଟ ଜାଣିବାକୁ ମୋବାଇଲରେ ଓଜ୧୦ ପରେ ସ୍ପେସ୍ ଦେଇ ରୋଲ୍ ନମ୍ବର ଲେଖି ୫୬୭୬୭୫୦ ନମ୍ବରକୁ ପଠାଇବେ। ସେଦିନ ଅପରାହ୍ନ ୪ଟା ସୁଦ୍ଧା ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିହେବ। ପ୍ରଥମ ଥର ଡିଜିଟାଲ୍ ସାର୍ଟିଫିକେଟ ଉପଲବ୍ଧ କରିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ଅନଲାଇନ୍ ଓ ହ୍ୱାଟ୍ସଆପ୍‌ରେ ପାଇପାରିବେ ଡିଜିଟାଲ୍ ସାର୍ଟିଫିକେଟ। ଏଥିପାଇଁ ଛାତ୍ରଛାତ୍ରୀ ମୋବାଇଲରୁ ଇଫର/ଐସ ଲେଖି ୭୭୧୦୦୫୮୧୯୨ରେ ହ୍ୱାଟ୍ସଆପ୍ କରିବେ । ଏହାପରେ ଫୋନରେ ଆସୁଥିବା ଇନଷ୍ଟ୍ରକସନକୁ ଫଲୋ କରିବେ। ଛାତ୍ରଛାତ୍ରୀ ମେ' ୨୯ରୁ ଜୁନ୍ ୧୨ତାରିଖ ମଧ୍ୟରେ ଚେକିଂ ପାଇଁ ଆବେଦନ କରି ପାରିବେ। ହାଇସ୍କୁଲ ପାଇଁ ଅନଲାଇନ୍ ମାଧ୍ୟମରେ, ମଧ୍ୟମା ଓ ଏସଓଏସ୍ ପାଇଁ ଅଫଲାଇନ୍‌ରେ ଆବେଦନ କରି ପାରିବେ। ଏଥିସହ ଛାତ୍ରଛାତ୍ରୀଙ୍କ ସନ୍ଦେହ ତ୍ରୁଟି ପାଇଁ ଆଜିଠୁ କଣ୍ଟ୍ରୋଲ ରୁମ୍ ଖୋଲୁଛି। ୮୭୬୩୪୪୬୨୯୨ ଓ ୯୪୩୭୨୨୮୧୮୭ ନମ୍ବରରେ ଫୋନ୍ କରି ନିଜ ପ୍ରଶ୍ନ ପଚାରି ପାରିବେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ସେମାନେ କଲ୍ କରି ନିଜ ସମସ୍ୟା ସମ୍ପର୍କରେ ଜଣାଇ ପାରିବେ। ଚଳତିବର୍ଷ ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ । ରାଜ୍ୟର ମୋଟ୍ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର ମଧ କରାଯାଇଥିଲା । ଆସନ୍ତା ରବିବାର ମାଟ୍ରିକ ରେଜଲ୍ଟ ସହ ଯୁକ୍ତ ୨ ରେଜଲ୍ଟ ବି ବାହାରିବ । ୨୬ ତାରିଖ ଅପରାହ୍ନରେ ପ୍ରକାଶ ପାଇବ ଯୁକ୍ତ ୨ ରେଜଲ୍ଟ। ଏକାସାଙ୍ଗରେ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷାର ରେଜଲ୍ଟ ପ୍ରକାଶ ପାଇବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ମିଳିଛି।

# ଏନସିସି କ୍ୟାଡେଟମାନଙ୍କୁ ନେଇ ଟ୍ରେନିଙ୍ଗ କ୍ୟାମ୍ପ

ଜୟପୁର, ୨୪/୫ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି ଏନସିସି ଟ୍ରେନିଙ୍ଗ କ୍ୟାମ୍ପ ପ୍ରଥମ ପଯ୍ୟାୟ ଆଇଡିସିସିଏସ କ୍ୟାମ୍ପ ସମାପ୍ତ ହୋଇଛି । ଏହି କ୍ୟାମ୍ପରେ ବ୍ରହ୍ମପୁର ଗ୍ରୁପ ହେଡ କ୍ୱାଟର ଅଧିନରେ ଥିବା ସମସ୍ତ ୟୁନିଟ ର ୩୧୭ କ୍ୟାଡେଟସ ଯୋଗ ଦେଇଥିଲେ । କ୍ୟାମ୍ପ କମାଣ୍ଡେଂଟ ଲ୍ୟାପଟନାଟ କରର୍ନଲ ପ୍ରତି ରଞ୍ଜନ ଦାସଙ୍କ ତତ୍ୱବଧାନରେ କ୍ୟାଡେଟ ମାନଙ୍କୁ ରାୟଫଲ ଚାଳନା ମ୍ୟାପ ରିଡିଙ୍ଗ, ଏନସିସିର ଗୁରୁତ୍ୱ, ଡ୍ରିଲ, ନାରି ଶଶକ୍ତି କରଣ ଇତ୍ୟାଦି ଉପେର ଶିକ୍ଷା ଦାନ କରାଯାଇଛି । ଏହି କ୍ୟାମ୍ପରେ କ୍ୟାଡେଟ ମାନଙ୍କ ଦ୍ୱାରା ସାସ୍କୁତିକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗ ନେଇଥିବା ସମସ୍ତ କ୍ୟାଡେଟ ମାନଙ୍କୁ ମାନପତ୍ର ସହ ମାଷ୍ଟାନ ବଣ୍ଟନ ଓ ପ୍ରାଇଜ କ୍ୟାମ୍ପ କମାଣ୍ଡେଣ୍ଟଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି କ୍ୟାମ୍ପକେ ଭାଗ ନେଇଥିବା କ୍ୟାଡେଟ ମାନେ ଶୃଙ୍ଖଳାର ସହ ଟ୍ରେନିଙ୍ଗ ସାରି ସେ ମାନଙ୍କର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିରାପଦ ଭାବେ ଯୋଗଦାନ କରିଛନ୍ତି । ଏବଂ କ୍ୟାମ୍ପ କମାଣ୍ଡେଣ୍ଟଙ୍କ ସହିତ ସମସ୍ତ ଅଫିସର ଷ୍ଟାପ ମାନଙ୍କୁ ଉଚ୍ଚ ପ୍ରଶସିଂତ କରିଛନ୍ତି । କ୍ୟାମ୍ପରେ ଭାଗ ନେଇଥିବା କ୍ୟାଡେଟ ମାନେ କହିଲେ ଏହା ଏକ କ୍ୟାମ୍ପ ନଥିବା ଏକ ଘର ପାଲଟି ଯାଇଥିଲା । ଏଥିରେ ପୁଜା ପାଇ ସବ ଧର୍ମ ସ୍ଥଳ ରହିବା, ଖାଇବା, ପିଇବା ପାଇ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଦ୍ୱିତିୟ ପଯ୍ୟାୟ ଏନଏସିସି ବାର୍ଷିକ ଟ୍ରେନିଙ୍ଗ କ୍ୟାମ୍ପ ଆଜି ଠାରୁ ଆରମ୍ଭ ହୋଇଛି । ଏହି ଶିବିରକୁ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଦେବି ପ୍ରସାଦ ମିଶ୍ର ଉଦଘାଟନ କରିଥିବା ବେଳେ କ୍ୟାମ୍ପ କମାଣ୍ଡେଂଟ ଲେପ୍ଟନାଂଟ କର୍ନଲ ପ୍ରତି ରଞ୍ଜନ ଦାଶ, ଏନସିସି କ୍ୟାମ୍ପର ଉଦ୍ଦେଷ୍ୟ ଓ ନିୟମାବଳି ଉପସ୍ଥାପନ କରିଥିଲେ । ଏହି କ୍ୟାମ୍ପରେ ଜୁନିୟର ଓ ସିନିୟର ଡିଭିଜନର ୪ ଶହ କ୍ୟାଡେଟ ଯୋଗ ଦେଇଛନ୍ତି । ଏଥିରେ ସହଯୋଗ ପାଇଁ ବିଭିନ୍ନ ବିଶ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଏନସିସି ଅଫିସର ଏବଂ ପିଆଇ ଷ୍ଟାଫ ଯୋଗଦେଇଛନ୍ତି ।

## ରାଜ୍ୟ ସଂଖ୍ୟାଲଘୁ ସଙ୍ଘର ଭି.କେ. ପାଣ୍ଡିଆନଙ୍କ ସହ ଆଲୋଚନା

କେନ୍ଦ୍ରାପଡ଼ା, ୨୪/୫ (ନି.ପ୍ର): ବିଗତ କିଛି ଦିନ ହେଲା ରାଜ୍ୟ ସଂଖ୍ୟାଲଘୁ ସଂଘର ସଦସ୍ୟମାନେ ସରକାରଙ୍କୁ ତାଙ୍କର ମୌଳିକ ସମସ୍ୟାଗୁଡିକ ସମ୍ପର୍କରେ ଦର୍ଶାଇ ଥିଲେ। ଏହାକୁ ଭକ୍ତିକରି ମୁଖ୍ୟମନ୍ତ୍ରୀ ଏବଂ ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ରାଜ୍ୟ ସଂଖ୍ୟାଲଘୁ ସଂଘର ସଦସ୍ୟଙ୍କ ସହିତ ଆଲୋଚନା କରି ବିଭିନ୍ନ ସମସ୍ୟାର ଆଶୁ ସମାଧାନ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ରାଜ୍ୟରେ ଚାଲିଥିବା ସାଧାରଣ ନିର୍ବାଚନରେ ରାଜ୍ୟ ସାରା ବୁଲି ବିଜୁ ଜନତାଦଳ ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନାରେ ସଂଯୋଜକ ଡ଼କ୍ଟର ସାମି ସଲିମଙ୍କ ନେତୃତ୍ୱରେ ସେକ ସଇଦୁର ରେହମାନ, କଲିମ ଖାନ, ସେକ ଅସଲାମ, ସେକ ଲିୟାକତ ଅଲି, ବିଜୁ ଜନତା ଦଳ ଯୁବ ସଂଖ୍ୟାଲଘୁ ସେଲ ସଭାପତି ତଥା ଅଖିଳ ଭାରତୀୟ ପଛୁଆବର୍ଗ ଓ ସଂଖ୍ୟାଲଘୁ ବିକାଶ ପରିଷଦ ରାଜ୍ୟ ମହାସଚିବ ମହମ୍ମଦ ଆମିର, ମାତବୁଲ ନୁରାନି ଖାଁ, ସେକ ସାଲାଉଦ୍ଦିନ, ଅକ୍ରମ ଖାଁ, ବୁଡ଼ନ ଖାଁ, ସେକ ମୁରସିଦ୍, ସେକ ଟିପୁ ପ୍ରମୁଖ ଉପସ୍ଥିତ ଥିଲେ।

# ରେମୁଣା ଏନଏସିର ୧୧ ନମ୍ବର ୱାର୍ଡରେ ବିଜେପିରେ ମିଶ୍ରଣ ପର୍ବ

ବାଲେଶ୍ୱର, ୨୪/୫ (ନି.ପ୍ର): ଶୁକ୍ରବାର ସନ୍ଧ୍ୟାରେ ରେମୁଣା ଘଇଉର ୧୧ ନମ୍ବର ୱାର୍ଡରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେପି ବିଧାନସଭା ପ୍ରାର୍ଥୀ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ,ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା,ମଣ୍ଡଳ ସାଧାରଣ ସମ୍ପାଦକ ମହେଶ୍ୱର ପ୍ରଧାନ,ଦେବେନ୍ଦ୍ର ମଣ୍ଡଳ,ମହେଶ୍ୱର ଗିରି ଏବଂ ମଣ୍ଡଳର ଅନ୍ୟ ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଜେଡି ଏବଂ କଂଗ୍ରେସରୁ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଆଗ ଧାଡ଼ିର କାର୍ଯ୍ୟକର୍ତ୍ତା ଯାଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି, ଆଦର୍ଶ, ରାଷ୍ଟ୍ର ହିତ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେପି ରେ ମିଶିଥିଲେ। ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ମିଶିଥିବା କାର୍ଯ୍ୟକର୍ତ୍ତା ଅନ୍ତର୍ଯ୍ୟାମୀ ପରିଡ଼ା, ସନ୍ତୋଷ କୁମାର ମୁଖୀ,ଦଇବ ସିଂ, ଦୀପକ ବେହେରା, ଦର୍ଶନ ଦାସ, ରବୀନ୍ଦ୍ର ମୁଖୀ, ଅଶ୍ୱିନୀ ବେହେରା, ଅଜୟ ଖଟୁଆ, ମନୋରଞ୍ଜନ ମୁଖୀ, ମଦନ ମୋହନ ସାହୁ, ଦାମୋଦର ମହାଳିକ, ହରେକୃଷ୍ଣ ବେହେରା, ଜୟନ୍ତ ଦାସ, ମନୋରଞ୍ଜନ ଦାସ, ବିଜୟ ଦାସ, ରମାକାନ୍ତ ମୁଖୀ, ରଜନୀ ବେହେରା, ଜୟକୃଷ୍ଣ ପଡ଼ିଆରୀ, ହରେକୃଷ୍ଣ ମହାଳିକ, ପୂର୍ଣ୍ଣଚନ୍ଦ୍ର ମହାକୁଡ, ଅଜୟ ଖଟୁଆ, ଶୁଭ୍ରାଂଶୁ ମହାଳିକ, ଅକ୍ଷୟ ମହାନ୍ତି, ଜିତେନ୍ଦ୍ର ଜେନା, ବାଙ୍ଗର ସିଂ, ଜୟନ୍ତ ବେହେରା,ଶ୍ୟାମ ଖିଲାର, ରଞ୍ଜିତ ସାହୁ, ଧରିତ୍ରୀ ବେହେରା, ରମାକାନ୍ତ ପଲେଇ, ଶଶିକାନ୍ତ ବେହେରା, ଜୟନ୍ତ କୁମାର ଦାସ, ସନ୍ତୋଷ ମହାଳିକ ଇତ୍ୟାଦିଙ୍କୁ ଦଳୀୟ ଟୋପି ଏବଂ ଉତ୍ତୋରିୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଶେଷରେ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା ସମସ୍ତଙ୍କୁ ମିଳିମିଶି କାମ କରି ରେମୁଣାରେ ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଭାଇ, ସାଂସଦ ପ୍ରାର୍ଥୀ ପ୍ରତାପ ନାନାଙ୍କୁ ବିପୁଳ ସଂଖ୍ୟାରେ ଜିତାଇବା ତଥା ଓଡ଼ିଶାରେ କେମିତି ବିଜେପି ସରକାର ଗଢ଼ିବ ସେ ପାଇଁ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ତମ ଜନ୍ମ ଜୟନ୍ତୀ ପାଳିତ



ବେତନଟୀ , ୨୪/୫ (ନି.ପ୍ର): ୟୁରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧୀନ ଗଡଦେଉଳିଆ ପଞ୍ଚାୟତର ଭାନୁପୁର ଗ୍ରାମରେ ଥିବା ସାନ୍ତାଳି (ଅଲଚିକି) ଶିକ୍ଷାନୁଷ୍ଠାନ 'ଶାର୍ନା ସେଚେଦ୍ ଅଲ୍ ଇତୁନ୍ ଆଶ୍ଲା' ପକ୍ଷରୁ ଅଲଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ତମ ଜନ୍ମ ଜୟନ୍ତି ବୁଦ୍ଧ ପୂର୍ଣ୍ଣିମାରେ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ମାନେ ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋରେ ପୁଷ୍ପ ,ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରି ଶ୍ରଧାଞ୍ଜଳୀ ଅର୍ପଣ କରିଥିଲେ। ଅଲ ଇତୁନ ଆଶ୍ଲାର ଶିକ୍ଷକ କୈଳାଶ ଚନ୍ଦ୍ର ମୁର୍ମୁ ପତାକା ଉତ୍ତୋଳନ କରିଥିଲେ। ପାରମ୍ପରିକ ବସ୍ତ୍ର ପରିଧାନ କରି ଉପସ୍ଥିତ ଥିବା ଛାତ୍ରୀଛାତ୍ର ସମବେତ କଣ୍ଠରେ ସାନ୍ତାଳୀ ଧର୍ମଗ୍ରନ୍ଥ 'ହିତାଲ' ପାଠ କରିଥିଲେ। ପରେ ଶିକ୍ଷକ ଶ୍ରୀ ମୁର୍ମୁ ରଘୁନାଥ ମୁର୍ମୁଙ୍କ ଜୀବନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ 'ମିଶନ ଅଲ୍‌ଚିକି - ୨୦୨୫'କୁ ସଫଳ କରିବାକୁ ହେଲେ ସମସ୍ତ ସାନ୍ତାଳ ଭାଇ ଭଉଣୀ ମାନେ ଅଲଚିକି ଶିକ୍ଷା ଗ୍ରହଣ କରିବା ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକର୍ମରେ ଅଲଚିକି ଶିକ୍ଷକ ଗୌର ମୋହନ ମାରାଣ୍ଡି,ବାଇଧର ଟୁଡୁ , ଲକ୍ଷ୍ମଣ ମାରାଣ୍ଡି , ଆଶ୍ଲାର ସଭାପତି ସମରାୟ ହେମ୍ବ୍ରମ୍, ସମ୍ପାଦକ ଜଗନ୍ନାଥ ହେମ୍ବ୍ରମ୍ ଉପସ୍ଥିତ ଥିବା ବେଳେ ଘନଶ୍ୟାମ ମୁର୍ମୁ, ସୁଜିତ ଟୁଡୁ, ସିଦ୍ଧେଶ୍ୱର ମୁର୍ମୁ, ଅଜୁ ମୁର୍ମୁ, ଜଣ୍ଟୁ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

# ନୀଳମଣି ରାଉତରାୟଙ୍କ ଶ୍ରାଦ୍ଧ ବାର୍ଷିକୀ



ବାସୁଦେବପୁର ରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟ ଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳିତ ହୋଇ ଯାଇଛି । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ନୀଳମଣି ରାଉତରାୟ ଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଦିବସ ରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟଙ୍କ ପ୍ରତିନିଧି ଅସିତ୍ କୁମାର ଦାଶ , ଯୁବ ନେତା ଦେବ ଦର୍ଶନ ଦାଶ , ମାନସ ସାହୁ, ଉତ୍ତମ ବାରିକ୍, କାଳନ୍ଦୀ ସାହୁ, ସୁଶାନ୍ତ ସେଠୀ , ଆଲୋକ ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶାରେ ରାଜନୀତି, ସାହିତ୍ୟ, ସମାଜ ସେବା, ସ୍ୱାଧୀନତା ସଂଗ୍ରାମର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଥିଲେ ନୀଳମଣି ରାଉତରାୟ । ସ୍ମୃତି ଓ ଅନୁଭୂତି ପୁସ୍ତକ ତାଙ୍କର ଆତ୍ମ ଜୀବନୀ । ଏହି ପୁସ୍ତକ ସାହିତ୍ୟ ଜଗତରେ ଓ ପାଠକ ଦରବାର ରେ ଖୁବ୍ ଉଚ୍ଚ ପ୍ରଶଂସିତ ହୋଇଛି ।

# ଅସ୍ତି ପଞ୍ଚାୟତର ବିଜେଡି ପ୍ରାର୍ଥୀନୀ ସୁବାସିନୀ ଓ ଲେଖାଶ୍ରୀଙ୍କ ରୋଡ୍ ଶୋ



ଲଙ୍ଗଳେଶ୍ୱର,୨୪/୫ (ନିପ୍ର) ଗୁରୁବାର ସନ୍ଧ୍ୟାରେ ବସ୍ତା ନିର୍ବାଚନ ମଣ୍ଡଳୀ ର ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତୀ ପଂଚାୟତରେ ବିଜେଡି ର ବିଧାୟକ ପ୍ରାର୍ଥୀନୀ ସୁବାସିନି ଏବଂ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ଏମପି ପ୍ରାର୍ଥୀନୀ ଲେଖା ଶ୍ରୀ ସାମନ୍ତ ସିଂହାର ଟିଭି ଅଭିନେତ୍ରୀ ପୁନମ ମିଶ୍ର ଓ ଦୀପକଙ୍କ ସହିତ ରୋଡ୍ ଶୋ ରେ ବାହାରି ପଞ୍ଚାୟତର ପ୍ରତି ଗାଁ ବୋଲିବୋଲି ଭୋଟ ଭିକ୍ଷା କରିଥିଲେ। ପ୍ରତି ଛକରେ ଶହ ଶହ ମହିଳା ପୁରୁଷ ଉଭୟ ପ୍ରାର୍ଥୀନୀଙ୍କୁ ହାତ ହଲାଇ ସ୍ୱାଗତ କରି ନିଜର ସମର୍ଥନ ଜଣାଉ ଥିବାର ଦେଖିବାକୁ ମିଳିଥିଲା। ରୋଡ ଶୋଟି ପାରୁଳିଆ ଶିବ ମନ୍ଦର ପାଖରୁ ବାହାରି , ସାନମାଇଁସାଡି, କଣ୍ଟାଡ଼ିହା, ଡାଲଲୁଆ (୧), ବଡ଼ମାଇଁସାଡ଼ି, ସୂର୍ଯ୍ୟାପୁର, କଣ୍ଟାବଣି, ପାରାଦୀପା, ଡ଼ାଙ୍ଗରପଦା ଦେଇ, ବଢ଼ାପାଳ ଯାଏଯାଇଥିଲା । ପରିଶେଷରେ ବଢ଼ାପାଳ ଗ୍ରାମରେ ଅନୁଷ୍ଠିତ ଏକ ପଥ ପ୍ରାନ୍ତ ସଭାରେ ଏମପି ପ୍ରାର୍ଥୀନୀ ଶ୍ରୀମତୀ ସାମନ୍ତ ସିଂହାର ଏବଂ ବିଧାୟକ ପ୍ରାର୍ଥୀନୀ ଶ୍ରୀମତୀ ଜେନାଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟା ରେ ଭୋଟ ଦେଇ ଜିତାଇବା କୁ ନିବେଦନ କରିଥିଲେ।

## ବାତ୍ୟା ପାଇଁ ତହସିଲ ପକ୍ଷରୁ ସତର୍କତା ସୂଚନା

ଲଙ୍ଗଳେଶ୍ୱର , ୨୪/୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ଆଖି ଆଗରେ ରଖି ଆଜି ବାଲିଆପାଳ ତହସିଲ୍ ପକ୍ଷରୁ ସତର୍କତା ସୂଚନା ଡାକ ବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି। ମାତ୍ସ ଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ମନା କରାଯାଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକମାନେ ଉଚ୍ଚ ସ୍ଥାନକୁ ଚାଲି ଯିବା ପାଇଁ ମଧ୍ୟ କୁହାଯାଇଛି। ସେମାନେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ରେ ରହିପାରିବେ ବୋଲି ମଧ୍ୟ ସୂଚନା ଦିଆ ଯାଇଛି। ବାଲିଆପାଳ ବଙ୍ଗୋପ ସାଗର ଉପକୂଳରେ ଅବସ୍ଥିତ ଥିବାରୁ ବାତ୍ୟାର ଅଧିକ ପ୍ରଭାବ ପଡିପାରେ ବୋଲି ପାଣି ପାଗ ବିଭାଗ ଆଶଙ୍କା ପ୍ରକାଶ କରିଛି। ତେବେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଛି ଏବଂ ଜନ ସାଧାରଣ ଭୟ ଭୀତ ହେବାର କୌଣସି କାରଣ ନାହିଁ ବୋଲି ତାହସିଦାର ଜନକ କୁମାର ନାୟକ ପ୍ରକାଶ କରିଛନ୍ତି।

# ବିଜେଡ଼ି ପକ୍ଷରୁ ବରଣ୍ଟୁଆରେ ସାଧାରଣ ସଭା



ବାସୁଦେବପୁର, ୨୪/୫ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବରଣ୍ଟୁଆ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜେଡିର ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ଓଡ଼ିଶାର ଲୋକ ପ୍ରିୟ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ଯୋଜନା ସମ୍ପର୍କରେ ଭୋଟର ଭାଇ ଭଉଣୀ ମାନଙ୍କୁ ବୁଝାଇଥିଲେ ଓ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ । ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ବିଜେଡି ଦଳର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ସମ୍ପର୍କରେ କହିଥିଲେ । ଏହି ସଭାରେ ପୂର୍ବତନ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସେଠି, ସୁରେନ୍ଦ୍ର ପ୍ରସାଦ ପାତ୍ର, ଅନିତା ପଣ୍ଡା, ରବୀନ୍ଦ୍ର ପଣ୍ଡା, ସୌଭାଗ୍ୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଶାଳ ବାଇକ୍ ରାଲି ଶୋଭାଯାତ୍ରାରେ ହଜାର ହଜାର ଜନ ସାଧାରଣ ଯୋଗ ଦେଇଥିଲେ । ପୂର୍ବତନ ମୁଖ୍ୟ ମନ୍ତ୍ରୀ ନୀଳମଣି ରାଉତରାୟ, ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଏହି ପଞ୍ଚାୟତର ଉନ୍ନତି କରିଥିଲେ ଓ ମୁଁ ଏହି ପଞ୍ଚାୟତରେ ଅଧିକ ଉନ୍ନତି କରିବି ବୋଲି ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ପ୍ରକାଶ କରିଥିଲେ। ସେହିପରି ଆରୁହା ପଞ୍ଚାୟତରେ ବିଜୁ ଜନତା ଦଳ ତରଫରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସମାବେଶରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ, ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ସରପଞ୍ଚ ରାଜେନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସୁରେନ୍ଦ୍ର ପ୍ରସାଦ ବେଜ, କଳ୍ପନା ସାହୁ, ପର୍ଯ୍ୟବେକ୍ଷକ ରାମ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ପତ୍ତୁଆଁ ପଞ୍ଚାୟତରେ ଦୀନବନ୍ଧୁ ଦାସଙ୍କ ସଭାପତିତ୍ୱ ରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଛି । ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଏହି ସମାବେଶରେ ଯୋଗ ଦେଇଥିଲେ । ସେହିପରି ଜଗନ୍ନାଥପୁର ପଂଚାୟତରେ ଯଦୁନାଥ ନାୟକ ଙ୍କ ସଭାପତିତ୍ୱ ରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସମାବେଶରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ, ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରାର୍ଥୀଙ୍କ ପ୍ରତିନିଧି ଅସିତ୍ କୁମାର ଦାଶ, ଦୀନବନ୍ଧୁ ଦାସ , ଶରତ ରାୟ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତ ଭୋଟର ଭାଇ ଭଉଣୀ ମାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀ ନିବେଦନ କରିଥିଲେ । କଳିଙ୍ଗ ବୀର ବିଜୁ ପଟ୍ଟନାୟକ ଅମର ରହେ, ଜିତୁ ବାବୁ ଜିନ୍ଦାବାଦ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା ।

## ବିଜେପି କର୍ମୀଙ୍କ ଘରେ ଅଗ୍ନିକାଣ୍ଡ: ତୃଣମୂଳ ଉପରେ ଦୋଷ

ନନ୍ଦିଗ୍ରାମ, ୨୪/୫ : ପୂର୍ବ ମେଦିନୀପୁର ଜିଲ୍ଲାର ନନ୍ଦିଗ୍ରାମରେ ଜଣେ ମହିଳା ବିଜେପି କର୍ମୀଙ୍କୁ ହତ୍ୟା କରାଯିବା ପରେ ଶୁକ୍ରବାର ଦିନ ମନସାବାଜର ଅଂଚଳରେ ଜଣେ ବିଜେପି କର୍ମୀଙ୍କ ଘରେ ଅଗ୍ନିକାଣ୍ଡ ଘଟି ପୁଣି ଥରେ ଉତେଜନା ଦେଖାଦେଇଥିଲା। ଏହି ଘଟଣା ମନସାବାଜର ଅଂଚଳର ସାଉଥଖାଲି ଜଲପାଇରେ ଘଟିଛି। ସୂଚନାନୁସାରେ, ଶୁକ୍ରବାର ଅପରାହ୍ନରେ କେହି ଜଣେ ହଠାତ୍ କାର୍ତିକ ଦଲୁଇଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ତେବେ କାର୍ତୀକ ଦଲୁଇ ସେହି ସମୟରେ ଘରେ ନଥିଲେ କାରଣ ସେ ଏକ ବିଜେପି ସଭାରେ ଯୋଗ ଦେଉଥିଲେ। ଘରର ସାନ ସଦସ୍ୟମାନେ ପ୍ରଥମେ ନିଆଁ ଦେଖି ସମଗ୍ର ପରିବାର ଲୋକଙ୍କୁ ଜଣାଇଥିଲେ। ସମସ୍ତେ ଏକାଠି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡିନାହିଁ। ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି ଯେ ବିଜେପିରେ ଯୋଗଦେଇଥିବା କାରଣରୁ ତୃଣମୁଳର କର୍ମୀମାନେ ଏହି ଘଟଣା କରିଛନ୍ତି।

## ଶୃଙ୍ଖଳିତ ନିର୍ବାଚନ ପାଇଁ ୧୨୧ କମ୍ପାନୀ ସିଏପିଏଫ୍ ମୁତୟନ

ଭୁବନେଶ୍ୱର, ୨୪/୫ (ନି.ପ୍ର): ଓଡ଼ିଶାରେ ଆସନ୍ତାକାଲି (ଶନିବାର) ଛଅଟି ଲୋକସଭା ଓ ଏହା ଅନ୍ତର୍ଗତ ୪୨ ବିଧାନସଭା କ୍ଷେତ୍ରରେ ମତଦାନ ପ୍ରକ୍ରିୟା ହେବାକୁ ଯାଉଛି। ନିର୍ବାଚନ ପୂର୍ବରୁ ଅଳ୍ପ କେତୋଟି ଅଂଚଳରୁ ରାଜନୈତିକ ହିଂସା ଓ ଆଇନଶୃଙ୍ଖଳା ପରିସ୍ଥିତିର ସୂଚନା ମିଳୁଛି । ଭାରତ ନିର୍ବାଚନ ଆୟୋଗ ରାଜନୈତିକ ହିଂସା ଓ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ 'ଶୂନ୍ୟ ସହନଶୀଳତା ନୀତି' ଅବଲମ୍ବନ କରି ଆସିଛନ୍ତି। ତେଣୁ ଏଭଳି ସମସ୍ତ ଅପ୍ରୀତିକର ପରିସ୍ଥିତିରୁ ଦୂରେଇ ରହି ଶାନ୍ତିଶୃଙ୍ଖଳା ବଜାୟ ରଖି ଗଣତନ୍ତ୍ରର ମହାପର୍ବରେ ସାମିଲ ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ରାଜନୈତିକ ଦଳ ଓ ରାଜ୍ୟର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଏହି ଅବସରରେ ଶ୍ରୀ ଧଳ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ନେଇ ସମସ୍ତଙ୍କୁ ଆଶ୍ୱସ୍ତ କରିଛନ୍ତି ଓ ଯେଉଁ ଛଅଟି ଲୋକସଭା ଓ ତାହା ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ରରେ ମତଦାନ ପ୍ରକ୍ରିୟା ହେବାକୁ ଯାଉଛି ସେଠାରେ ୧୨୧ କମ୍ପାନୀ ସିଏପିଏଫ୍ ମୁତୟନ ହୋଇଥିବା ସୂଚିତ କରିଛନ୍ତି। ସମ୍ବଲପୁର ପୋଲିସ୍ ଜିଲ୍ଲାରେ ୧୨ କମ୍ପାନୀ ସିଏପିଏଫ୍ ମୁତୟନ ହୋଇଥିବା ବେଳେ ଦେବଗଡ଼ରେ ୨ କମ୍ପାନୀ , ଅନୁଗୋଳରେ ୧୨କମ୍ପାନୀ , ଢେଙ୍କାନାଳରେ ୮ କମ୍ପାନୀ , ମୟୂରଭଞ୍ଜରେ ୨ କମ୍ପାନୀ , କେଉଁଝରରେ ୧୭ କମ୍ପାନୀ , କଟକ ଗ୍ରାମୀଣରେ ୧୧ କମ୍ପାନୀ , କଟକ ଅର୍ବାନ୍ ପୋଲିସ ଡିଷ୍ଟ୍ରିକ୍ଟରେ ୮ କମ୍ପାନୀ, ଭୁବନେଶ୍ୱର ଅର୍ବାନ୍ ପୋଲିସ ଡିଷ୍ଟ୍ରିକ୍ଟରେ ୧୩ କମ୍ପାନୀ, ଖୋର୍ଦ୍ଧାରେ ୧୧ କମ୍ପାନୀ , ପୁରୀରେ ୧୧ କମ୍ପାନୀ ଏବଂ ନୟାଗଡ଼ରେ ୧୪ କମ୍ପାନୀ ସିଏପିଏଫ୍ ମୁତୟନ ହୋଇଛନ୍ତି।

# ମଇ ମାସରେ ରେକର୍ଡ ପରିମାଣର ବେଆଇନ ନିଶା ସାମଗ୍ରୀ ଜବତ

ଭୁବନେଶ୍ୱର, ୨୪/୫ (ନି.ପ୍ର): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ମଦ ମାଫିଆ, ବେଆଇନ ବ୍ରାଉନସୁଗାର ବେପାରୀ ଓ ଗଞ୍ଜେଇ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରିଛି। ଏଥି ଯୋଗୁ ରାଜ୍ୟରେ ମଦ, ଗଞ୍ଜେଇ ଓ ହେରୋଇନ ଜବତ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି। ଚଳିତ ମାସରେ ୨୩ ତାରିଖ ପର୍ଯ୍ୟନ୍ତ ୨,୪୯,୫୧୦ ଲିଟର ଦେଶୀ ମଦ, ୮୭ଲିଟର ନକଲି ବିଦେଶୀ ମଦ, ୫୩ଲିଟର ଟିକସ ଫାଙ୍କି ବିଦେଶୀ ମଦ, ୨,୬୧୩ଲିଟର ଭାରତ ତିଆରି ବିଦେଶୀ ମଦ, ୧୫,୧୧୬ ଲିଟର ବିୟର, ୫୩୦୫ଲିଟର ମହୁଲି ମଦ, ୪୧୦ କିଲୋ ଭାଙ୍ଗ, ୧୮୫୨ ଲିଟର ଆସ୍କା ଫଟି, ଓ ୮୪,୧୬୩ କେଜି ମହୁଆ ଫୁଲ ଏବଂ ୪୩୪ଟି ଗାଡି ଜବତ ହୋଇଛି । ଏହିସବୁ ଘଟଣାରେ ୪୯୭୬ଟି ମମାଲା ରୁଜୁ ସହିତ ୪୧୪୧ ଜଣ ମଦ ମାଫିଆଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବେଆଇନ ଗଞ୍ଜେଇ, ହେରୋଇନ୍ ଓ କଫ୍ ସିରପ୍ ମାଫିଆଙ୍କ ବିରୋଧରେ ଚାଲିଥିବା ନିରନ୍ତର ଓ ଜୋରଦାର ଅଭିଯାନ ମଧ୍ୟ ବହୁତ ଭଲ ଫଳାଫଳ ଦେଇଛି। ଏହି ଘଟଣାରେ ୧୧୪ ଟି ମାମଲା ରୁଜୁ ହୋଇଥିବା ବେଳେ୧୩୦ଜଣ ମାଫିଆଙ୍କୁ ଗିରଫ କରାଯାଇଛି । ୨୯୫୧ କେଜି ଗଞ୍ଜେଇ, ୬୬ଲିଟର କଫ ସିରପ ଓ ୨୫୫୮ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଜବତ ମଦ, ଗଞ୍ଜେଇ ଓ ହେରୋଇନ୍ ଇତ୍ୟାଦିର ମୋଟ ମୂଲ୍ୟ ୨୫ କୋଟି ଟଙ୍କା ହେବବୋଲି ଆକଳନ କରାଯାଇଛି । ଏହି ସମୟ ମଧ୍ୟରେ ଯେଉଁ କେତକ ଗୁରୁତ୍ୱପୂର୍ଣ୍ଣ ଚଢଉ ଓ ସାମଗ୍ରୀ ଜବତ ହୋଇଛି ସେଥି ମଧ୍ୟରେ ସମ୍ବଲପୁର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ୨୩୫୨ଲିଟର ବିୟର ଓ ଗୋଟିଏ ଟ୍ରକ୍, କଟକ ଅଧିକାରୀଙ୍କ ଦ୍ୱାରା ୨୮୦୦ ଲିଟର ବେଆଇନ ମଦ, ଗୋଟିଏ ଚାରି ଚକିଆ ଯାନ ଓ ବାଲେଶ୍ୱର ଅବକାରୀ ଅଧିକାରୀଙ୍କ ଦ୍ୱାରା ୧୪୫୦ ଲିଟର ଓ ୧୦୫୦ ଲିଟର ବେଆଇନ ମଦ ସହ ଗୋଟିଏ ଚାରି ଚକିଆ ଓ ୨ଟି ଦୁଇ ଚକିଆ ଯାନ ଏବଂ ବୌଦ୍ଧ କର୍ମଚାରୀଙ୍କ ଦ୍ୱାରା ୧୦୭୫ କେଜି ଗଞ୍ଜେଇ ଜବତ କରାଯାଇଛି। ବିଭିନ୍ନ ଜିଲ୍ଲାରେ ରେକର୍ଡ ପରିମାଣର ୧୫ ଲକ୍ଷ ୮୪ ହଜାର ୪୫୦ଲିଟର ମହୁଆ/ମଦପ୍ରସ୍ତୁତ ପାଇଁ ଥିବା ପୋଚ ନଷ୍ଟ କରାଯାଇଛି, ଯାହା ବେଆଇନ ମଦ କାରବାରକୁ ବହୁ ମାତ୍ରାରେ ରୋକିବାରେ ସହାୟକ ହୋଇଛି।

# ସେଲ ରାଉରକେଲା ଇସ୍ପାତ କାରଖାନାର ଏ ବି ପି ୨୦୨୪-୨୫ର ଆର୍ଥିକ ତଥ୍ୟ ଆଧାରିତ ପୁସ୍ତିକା ଉନ୍ମୋଚିତ

ରାଉରକେଲା, ୨୪/୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ୱରୂପ "ଏ ବି ପି ୨୦୨୪-୨୫ର ଆର୍ଥିକ ତଥ୍ୟ ଆଧାରିତ ପୁସ୍ତିକା' ର ଉନ୍ମୋଚନ ସମାରୋହ ମଇ ୨୩ ତାରିଖରେ ବିତ୍ତ ଓ ଲେଖା ବିଭାଗର ଚିନ୍ତନ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏବଂ ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ଏବଂ ବିତ୍ତ ଓ ଲେଖା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ବର୍ମା ତାଙ୍କ ଅଭିଭାଷଣରେ ଦୈନନ୍ଦିନ କାର୍ଯ୍ୟରେ ସୂଚନାତ୍ମକ ନିଷ୍ପତ୍ତି ନେବାରେ ଆର୍ଥିକ ତଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଉକ୍ତ ପୁସ୍ତିକାରେ ମାଇନ୍ସ ର ତଥ୍ୟ ଅନ୍ତର୍ଭୂକ୍ତିକୁ ସେ ପ୍ରଶଂସା କରିବା ସହିତ କଷ୍ଟ୍ ଏବଂ ବଜେଟ୍ ର ଯତ୍ନଶୀଳ କାର୍ଯ୍ୟପାଇଁ ସେ ନିଜର ଖୁସି ବ୍ୟକ୍ତ କରିଥିଲେ। ଏହି ସମାରୋହରେ ଶ୍ରୀ ବେହୁରିଆ ବିତ୍ତ ଓ ଲେଖା ବିଭାଗର ଖର୍ଚ୍ଚ ଏବଂ ବଜେଟ୍ ଦଳକୁ ଉକ୍ତ ପୁସ୍ତିକା ର ସଂକଳନ ତଥା ମୁଦ୍ରଣରେ ଉତ୍ସର୍ଗୀକୃତ ଏବଂ ସମୟାନୁବର୍ତ୍ତୀ ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏହା ପ୍ରଥମ ଥର ପାଇଁ ଆରଏସପି ଏବଂ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସର ଏକୀକୃତ ଆର୍ଥିକ ତଥ୍ୟକୁ ଏଭଳି ବିସ୍ତୃତ ଫର୍ମାଟରେ ଉପଲବ୍ଧ କରାଯାଇଛି। ଏହି ପୁସ୍ତିକାଟି ବାର୍ଷିକ ବଜେଟ୍ ଯୋଜନା (ଏବିପି) ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚନାକୁ ସହଜ ସାଧ୍ୟ କରିଛି ଯାହା ଆରଏସପି ସାମୂହିକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦର୍ଭ ଭାବରେ କାର୍ଯ୍ୟ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ଏହି କାର୍ଯ୍ୟକ୍ରମକୁ ବିତ୍ତ ଓ ଲେଖା (ଖର୍ଚ୍ଚ ଓ ବଜେଟ) ବିଭାଗର ମହାପ୍ରବନ୍ଧକ ଶ୍ରୀ ବି କେ ସିଂହ ସଂଯୋଜନା କରିଥିଲେ। ବିତ୍ତ ଓ ଲେଖା (ଖର୍ଚ୍ଚ ଓ ବଜେଟ) ବିଭାଗର ର ଡେପୁଟି ମ୍ୟାନେଜର ସୁଶ୍ରୀ ମହାନନ୍ଦା ସାହୁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଉଲ୍ଲେଖଯୋଗ୍ୟ, "ଆର୍ଥିକ ତଥ୍ୟ ଉପରେ ଆଧାରିତ ଏ ବି ପି ୨୦୨୪-୨୫" ପୁସ୍ତିକା ଏକ ମୂଲ୍ୟବାନ ଉତ୍ସ ହେବ ବୋଲି ଆଶା କରାଯାଏ ଯାହା ଆରଏସପି ଏବଂ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ମଧ୍ୟରେ ଦକ୍ଷ ତଥା ପ୍ରଭାବଶାଳୀ ଆର୍ଥିକ ପରିଚାଳନାରେ ସାହାଯ୍ୟ କରିବ ।



## ସୀମାରେ ୮୫ ଲକ୍ଷ ଟଙ୍କା ମୂଲ୍ୟର ସୁନା ଜବତ

କୋଲକାତା, ୨୪/୫ (ନି.ପ୍ର): ପଶ୍ଚିମବଙ୍ଗରେ ଲୋକସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟ ପୂର୍ବରୁ ଦକ୍ଷିଣ ବଙ୍ଗଳାରୁ ସୀମାନ୍ତ ଅନ୍ତର୍ଗତ ସୀମା ପୋଷ୍ଟ ଘୋଜାଡଙ୍ଗା ଠାରେ ବିଏସ୍ଏଫ୍ ସୈନ୍ୟମାନେ ପଶ୍ଚିମବଙ୍ଗ ଜିଲ୍ଲା ଉତର ୨୪ ପରଗଣାର ଆନ୍ତର୍ଜାତୀୟ ସୀମାରେ ଏକ ବଡ଼ ସଫଳତା ହାସଲ କରିଛନ୍ତି। ବିଏସଏଫ ସୈନ୍ୟମାନେ ଏକ ସୁନା ଚୋରା ଚାଲାଣ ଉଦ୍ୟମକୁ ପଂଡ କରି ୧୧ ଜଣ ବଡ ଏବଂ ଚାରିଟି ଛୋଟ ସୁନା ଖଣ୍ଡ ସହିତ ଜଣେ ଭାରତୀୟ ଚୋରା ଚାଲାଣକାରୀଙ୍କୁ ଗିରଫ କରିଥିଲେ ଯେତେବେଳେ ସେ ଏକ ମୋଟରସାଇକେଲର ଏୟାର ଫିଲ୍ଟରରେ ଲୁଚାଇ ବାଂଲାଦେଶରୁ ଭାରତକୁ ଚୋରା ଚାଲାଣ କରିବାକୁ ଚେଷ୍ଟା କରିଥିଲେ। ଜବତ ହୋଇଥିବା ସୁନା ଖଣ୍ଡଗୁଡ଼ିକର ମୋଟ ଓଜନ ୧୧୬୬.୪୮ ଗ୍ରାମ ଏବଂ ଆନୁମାନିକ ବଜାର ମୂଲ୍ୟ ୮୫ ଲକ୍ଷ ୧୫ ହଜାର ୩୦୪ ଟଙ୍କା ହେବ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo